ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 14/2024 Page 16 ₹ 7.00

୫୦ଶ ଭାଗ ୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 52 ମୂଲ୍ୟ ₹୭/-



ସଂକ୍ଷେପରେ

କେଜ୍‌ରିୱାଲଙ୍କୁ ଚତୁର୍ଥ ସମନ

ନୂଆଦିଲ୍ଲୀ,୧୩।୧: ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶନିବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଚତୁର୍ଥ ଥର ପାଇଁ ସମନ ଜାରି କରିଛି। ଆମ୍ ଆଦ୍‌ମୀ ପାର୍ଟିର ଆବାହକ ଥିବା କେଜ୍‌ରିୱାଲଙ୍କୁ ଆସନ୍ତା ୧୮ ତାରିଖରେ ଇଡି ମୁଖ୍ୟାଳୟରେ ହାଜର ହେବା ଲାଗି କୁହାଯାଇଛି। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଦଳର ପ୍ରସ୍ତୁତି ସମୀକ୍ଷା କରିବା ନିମନ୍ତେ କେଜ୍‌ରିୱାଲ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଗୋଆ ଗସ୍ତରେ ରହିବେ ବୋଲି ଦଳୀୟ ସୂତ୍ରରୁ କୁହାଯାଇଛି। ଜାନୁୟାରୀ ୩ରେ ହାଜର ହେବା ଲାଗି ଇଡିର ତୃତୀୟ ସମନକୁ ଏଏପି ନେତା ଏଡ଼ାଇ ଯାଇଥିଲେ। ଏହା ପୂର୍ବରୁ ତାଙ୍କୁ ନଭେମ୍ବର ୨ ଏବଂ ଡିସେମ୍ବର ୨୧ରେ ହାଜର ହେବା ଲାଗି ସମନ ହୋଇଥିଲା। କେଜ୍‌ରିୱାଲଙ୍କୁ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିବା ପାଇଁ ଭାଜପା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଦୁରୁପଯୋଗ କରୁଥିବା ଦିଲ୍ଲୀ ପରିବେଶ ମନ୍ତ୍ରୀ ଗୋପାଳ ରାୟ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗୋଆ ଗସ୍ତ ବେଳେ ଇଡି ସମନ କରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଭାଜପାର ରାଜନୈତିକ ଅସ୍ତ୍ର ନ ହେଉ ବୋଲି ରାୟ କହିଛନ୍ତି।

ନେପାଳରେ ଦୁର୍ଘଟଣା: ୨ ଭାରତୀୟଙ୍କ ସମେତ ୧୨ ମୃତ

କାଠମାଣ୍ଡୁ,୧୩।୧(ପି.ଟି.): ନେପାଳର ଲୁମ୍ବିନୀ ପ୍ରଦେଶ ଅନ୍ତର୍ଗତ ରାପ୍ତି ନଦୀ ମଧ୍ୟକୁ ଏକ ଯାତ୍ରୀବାହୀ ବସ୍ ଖସିପଡ଼ିବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୩ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ଜଣ ଭାରତୀୟ ରହିଛନ୍ତି। ବସ୍‌ଟି ଶୁକ୍ରବାର ରାତିରେ କାଠମାଣ୍ଡୁରୁ ନେପାଳଗଞ୍ଜ ଯାଉଥିବାବେଳେ ଭଗଲୁବାଙ୍ଗଠାରେ ରାପ୍ତି ବ୍ରିଜ୍‌କୁ ଧକ୍କାଦେଇ ନଦୀକୁ ଖସିପଡ଼ିଥିଲା। ଆହତମାନଙ୍କୁ ନେପାଳଗଞ୍ଜ ମେଡିକାଲ ଟିଚିଂ ହସ୍ପିଟାଲରେ ଭର୍ତ୍ତିକରାଯାଇଛି। ଦୁର୍ଘଟଣାର କାରଣ ଜଣାପଡ଼ିନାହିଁ। ବସ୍ ଡ୍ରାଇଭରଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଛି।

‘୧୦ ବର୍ଷର ଅନ୍ୟାୟ ବିରୋଧରେ ଅଭିଯାନ’

ନୂଆଦିଲ୍ଲୀ/ଇମ୍ଫାଲ,୧୩।୧

ଆଜିଠାରୁ କଂଗ୍ରେସର ନ୍ୟାୟ ଯାତ୍ରା

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ‘ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା’ ରବିବାର ମଣିପୁରରୁ ଆରମ୍ଭ ହେବାକୁ ଯାଉଛି। ଏହି ଯାତ୍ରା ମଣିପୁରରୁ ମୁମ୍ବାଇ ୬,୭୧୩ କିଲୋମିଟର ଅତିକ୍ରମ କରିବ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଣିପୁରର ଥୌବାଲରୁ ଯାତ୍ରାର ଶୁଭାରମ୍ଭ କରିବେ। ଗତବର୍ଷ ରାହୁଲଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା କନ୍ୟାକୁମାରୀରୁ କଶ୍ମୀର ୪,୦୦୦ କିଲୋମିଟର ଅତିକ୍ରମ କରି ବେଶ୍ ସଫଳତା ହାସଲ କରିଥିଲା। ଦକ୍ଷିଣରୁ ଉତ୍ତର ଏହି ଯାତ୍ରା ପରେ ଏବେ ଲୋକ ସଭା ନିର୍ବାଚନର କିଛି ସପ୍ତାହ ପୂର୍ବରୁ ପଶ୍ଚିମ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ଏହା ରାହୁଲଙ୍କ ପୂର୍ବ ନିର୍ବାଚନମଣ୍ଡଳୀ ଆମେଠି, ସୋନିଆ ଗାନ୍ଧୀଙ୍କ ନିର୍ବାଚନମଣ୍ଡଳୀ ରାଏବରେଲୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ବାଚନ କ୍ଷେତ୍ର ବାରାଣସୀ ଆଦି ଅତିକ୍ରମ କରି ମାର୍ଚ୍ଚ ୨୦ରେ ମୁମ୍ବାଇରେ ଶେଷ ହେବ। ୬୬ ଦିନର ଏହି ଯାତ୍ରାର ଅଧିକାଂଶ ଭାଗ ବସ୍‌ରେ ଅତିକ୍ରମ କରିବାକୁ ଥିବାବେଳେ କେତେକ ଅଞ୍ଚଳକୁ ଦଳୀୟ ନେତା ଓ ସମର୍ଥକମାନେ ପାଦରେ ଅତିକ୍ରମ କରିବେ।

ଜାତିଆଣ ହିଂସା ପ୍ରଭାବିତ ମଣିପୁର ନ୍ୟାୟ ଯାତ୍ରା ଆରମ୍ଭ ପାଇଁ ନିଷ୍ପତ୍ତି ନେଇ କଂଗ୍ରେସ ଅର୍ଥନୀତି ପ୍ରସଙ୍ଗ ସମେତ ସାମାଜିକ ଓ ରାଜନୈତିକ ନ୍ୟାୟ ପ୍ରସଙ୍ଗ ଉଠାଇବାକୁ ଯାଉଛି। ଯାତ୍ରା ୧୫ ରାଜ୍ୟର ୧୧୦ ଜିଲା ସମେତ ୧୦୧ ଲୋକ ସଭା କ୍ଷେତ୍ର ଏବଂ ୩୩୭ ବିଧାନସଭା ନିର୍ବାଚନ ମଣ୍ଡଳୀ ଅତିକ୍ରମ କରିବା କାର୍ଯ୍ୟକ୍ରମ ରହିଛି। ଏହି ଯାତ୍ରା ନିର୍ବାଚନୀ ନୁହେଁ ରାଜନୈତିକ ବୋଲି କଂଗ୍ରେସ କହୁଥିବାବେଳେ ଲୋକ ସଭା ନିର୍ବାଚନରେ ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ସହାୟକ ହେବ ବୋଲି ନେତାମାନେ ଆଶାବାଦୀ ଅଛନ୍ତି। କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି ଏବଂ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ଉପରେ ଦଳର ଗ୍ୟାରେଣ୍ଟି ସମ୍ପର୍କରେ ରାହୁଲ ଭୋଟରମାନଙ୍କୁ ଅବଗତ କରାଇବେ। ନରେନ୍ଦ୍ର ମୋଦି ସରକାରଙ୍କ ୧୦ ବର୍ଷର ‘ଅନ୍ୟାୟ କାଳ’ ବିରୋଧରେ ଏହି ଯାତ୍ରା ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ଏବେ ଦେଶ ଆଗରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ହେଲା, ଏହା ଧ୍ରୁବୀକରଣରେ ବିଶ୍ୱାସ କରୁଥିବା ନୀତି, ଆର୍ଥିକ ଅସମାନତା ଏବଂ ରାଜନୈତିକ କର୍ତ୍ତୃତ୍ୱବାଦ ଉପରେ ବିଶ୍ୱାସ କରୁଛି। ପ୍ରଧାନମନ୍ତ୍ରୀ ଅମୃତ କାଳର ସୁନେଲି ସ୍ୱପ୍ନ ଦେଖାଉଛନ୍ତି, କିନ୍ତୁ ବାସ୍ତବରେ ୧୦ ବର୍ଷ ହେଲା ‘ଅନ୍ୟାୟ କାଳ’ ଚାଲିଛି। ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ ଇବୋବି ସିଂ, ରାଜ୍ୟ କଂଗ୍ରେସ ସଭାପତି କୈଶମ ମେଘାଚନ୍ଦ୍ର ସିଂ ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଗୈଖାନଗାମ୍‌ଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ଜୟରାମ କହିଥିଲେ, ଗତ ୧୦ ବର୍ଷରେ ହୋଇଥିବା ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ଅନ୍ୟାୟ ବିରୋଧରେ ନ୍ୟାୟ ଅଭିଯାନ କରାଯିବ।

ଲାଇ ଚିଙ୍ଗ୍-ଟେ ତାଇୱାନ୍ ରାଷ୍ଟ୍ରପତି

ତାଇପେଇ,୧୩।୧

ତାଇୱାନ ରାଷ୍ଟ୍ରପତି ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ଲାଇ ଚିଙ୍ଗ୍-ଟେ ବିଜୟୀ ହୋଇଛନ୍ତି। ରାଷ୍ଟ୍ରପତି ଓ ସଂସଦୀୟ ନିର୍ବାଚନ ଆଗାମୀ ୪ ବର୍ଷ ପାଇଁ ଚାଇନା ସହ ତାଇୱାନର ସମ୍ପର୍କର ମାର୍ଗ ନିରୂପଣ କରିବ। ଏହି ଦେଶକୁ ଚାଇନା ନିଜର ବୋଲି ଦାବି କରିଆସୁଛି। ଏହାକୁ ନେଇ ତାଇୱାନର ଶାନ୍ତି ଓ ସ୍ଥିରତା ବାଜିରେ ଲାଗିଛି। ଚାଇନା ସହ ଉତ୍ତେଜନାକୁ ବାଦ୍ ଦେଇ ଦେଶର ଆର୍ଥିକ ମାନ୍ଦାବସ୍ଥା, ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ବଢୁଥିବା ପାର୍ଥକ୍ୟ ଏବଂ ବେରୋଜଗାରି ସମ୍ପର୍କିତ ପ୍ରସଙ୍ଗର ସମାଧାନରେ ନିର୍ବାଚନ ଫଳାଫଳ ସହାୟକ ହେବ ବୋଲି କୁହାଯାଉଛି।

ବାହାହେଲେ ନ୍ୟୁଜିଲାଣ୍ଡର ପୂର୍ବ ପ୍ରଧାନମନ୍ତ୍ରୀ

ୱେଲିଙ୍ଗଟନ୍,୧୩।୧

ଜେସିଣ୍ଡା ଆର୍ଡେନ୍‌ଙ୍କ ସହ ବିବାହ ବନ୍ଧନରେ କ୍ଲାର୍କ ଗେଫର୍ଡ।

ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେନ୍ ତାଙ୍କ ଦୀର୍ଘଦିନର ପାର୍ଟନର କ୍ଲାର୍କ ଗେଫର୍ଡଙ୍କ ସହ ଶନିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ୨୦୧୪ରୁ ଉଭୟଙ୍କ ମଧ୍ୟରେ ଡେଟିଂ ଆରମ୍ଭ ହୋଇଥିବାବେଳେ ପ୍ରାୟ ୫ ବର୍ଷ ପୂର୍ବେ ନିର୍ବନ୍ଧ ହୋଇଥିଲା। ତେବେ କରୋନା ମହାମାରୀ ଯୋଗୁ ବିବାହ ବିଳମ୍ବିତ ହୋଇଥିଲା। ନ୍ୟୁଜିଲାଣ୍ଡ ରାଜଧାନୀ ୱେଲିଙ୍ଗଟନ୍‌ଠାରୁ ୩୨୫ କିଲୋମିଟର ଦୂର ହାଓକ୍ସ ବେ’ ଅଞ୍ଚଳରେ ସେମାନଙ୍କର ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କେବଳ ପରିବାର ସଦସ୍ୟ, ଘନିଷ୍ଠ ବନ୍ଧୁ ଓ ୪୩ ବର୍ଷୀୟା ଆର୍ଡେନଙ୍କ କେତେଜଣ ପୂର୍ବ ସହକର୍ମୀ ଯୋଗ ଦେଇଥିଲେ। ଆର୍ଡେନଙ୍କ ପରେ ପ୍ରଧାନମନ୍ତ୍ରୀ ହୋଇଥିବା କ୍ରିସ୍ ହିପ୍‌କିନ୍ସ ମଧ୍ୟ ଉପସ୍ଥିତ ଥିଲେ ବୋଲି ବିଶ୍ୱାସ କରାଯାଉଛି। ୨୦୧୭ରେ ଆର୍ଡେନ୍ ପ୍ରଧାନମନ୍ତ୍ରୀ ହେବା ସହ ନିଜର ନୂଆ ଷ୍ଟାଇଲ୍‌ର ନେତୃତ୍ୱ ପାଇଁ ସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲେ। କରୋନା ମହାମାରୀ ଏବଂ ହିଂସାକାଣ୍ଡକୁ ସେ ଦକ୍ଷତାର ସହ ପରିଚାଳନା କରିଥିଲେ। ସେ ପ୍ରଧାନମନ୍ତ୍ରୀ ପଦରେ ଥାଇ ୨୦୧୮ରେ କନ୍ୟାସନ୍ତାନର ମାଆ ହୋଇଥିଲେ। ସେହିବର୍ଷ ସେ ଶିଶୁକନ୍ୟାକୁ କୋଳରେ ଧରି ଜାତିସଂଘ ସାଧାରଣ ସଭାରେ ଯୋଗଦେଇଥିଲେ।

ହରିୟାଣା କେନାଲରୁ ମିଳିଲା ପୂର୍ବତନ ମଡେଲଙ୍କ ମୃତଦେହ

ନୂଆଦିଲ୍ଲୀ,୧୩।୧

ଦିବ୍ୟା ପହୁଜା

ହରିୟାଣାର ତୋହନାରେ ଥିବା ଏକ କେନାଲ ମଧ୍ୟରୁ ଗୁରୁଗ୍ରାମ ପୋଲିସ ପୂର୍ବତନ ମଡେଲ ଦିବ୍ୟା ପହୁଜାଙ୍କ ମୃତଦେହ ପାଇଛି। ଗତ ୨ ତାରିଖରେ ତାଙ୍କୁ ଏକ ହୋଟେଲରେ ରହସ୍ୟଜନକ ଭାବେ ହତ୍ୟା କରାଯାଇଥିଲା। ମୃତଦେହକୁ ଖୋଜି ବାହାର କରିବା ଲାଗି ଗୁରୁଗ୍ରାମ ପୋଲିସର ୬ଟି ଟିମ୍‌କୁ ଦାୟିତ୍ୱ ଦିଆଯାଇଥିବାବେଳେ ପଞ୍ଜାବ ପୋଲିସର କେତେକ ଟିମ୍ ଏବଂ ଏନ୍‌ଡିଆର୍‌ଏଫ୍ ଟିମ୍ ମଧ୍ୟରେ ମୃତଦେହ ଖୋଜିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଗୁରୁବାର ପୋଲିସ ଅନ୍ୟତମ ଅଭିଯୁକ୍ତ ବଲରାଜ ଗିଲ୍‌ଙ୍କୁ ଗିରଫ କରିବା ପରେ ୨୭ ବର୍ଷୀୟା ପହୁଜାଙ୍କ ମୃତଦେହ କେନାଲରେ ପକାଯାଇଥିବା ସେ ପୋଲିସକୁ ସୂଚନା ଦେଇଥିଲେ। ହତ୍ୟା ମାମଲାରେ ପୋଲିସ ହୋଟେଲର ମାଲିକ ଅଭିଜିତ ସିଂଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ଗତ ୨ ତାରିଖ ରାତି ୪ଟାରେ ପହୁଜାଙ୍କ ସହ ଅଭିଜିତ ଓ ଅନ୍ୟ ଜଣେ ବ୍ୟକ୍ତି ହୋଟେଲ ରିସେପ୍‌ଶନରେ ପହଞ୍ଚି ୧୧୧ ନମ୍ବର ରୁମ୍ ଆଡକୁ ଯାଉଥିବା ସିସିଟିଭିରେ କଏଦ ହୋଇଥିଲା।

ଟିଭି ସିଧା ପ୍ରସାରଣ ବେଳେ ଚଳିପଡ଼ିଲେ କୃଷି ବିଶେଷଜ୍ଞ

ତିରୁଭାନନ୍ତପୁରମ୍,୧୩।୧

କେରଳର ତିରୁଭାନନ୍ତପୁରମ୍‌ରେ ଶୁକ୍ରବାର କୃଷି ଦର୍ଶନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦୂରଦର୍ଶନରେ କରାଯାଉଥିବାବେଳେ କୃଷି ବିଶେଷଜ୍ଞ ଅନି ଏସ୍. ଦାସ୍ ହଠାତ୍ ଚେତାଶୂନ୍ୟ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସ୍ଥାନୀୟ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ୫୯ ବର୍ଷୀୟ ଅନି କେରଳ ଫିଡ୍‌ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ଏବଂ କେରଳ କୃଷି ବିଶ୍ୱବିଦ୍ୟାଳୟ ଯୋଗଯୋଗ କେନ୍ଦ୍ରର ମୁଖ୍ୟ ଥିଲେ।

ଶିଳ୍ପପତିଙ୍କୁ ଅପହରଣକରି ୭ ଲକ୍ଷ ବଟି ଆଦାୟକଲେ ସିଭିଲ ସର୍ଭିସ୍ ଆଶାୟୀ

ବେଙ୍ଗାଲୁରୁ,୧୩।୧

ବେଙ୍ଗାଲୁରୁରେ ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ଜଣେ ୨୪ ବର୍ଷୀୟ ବିଜ୍‌ନେସ୍ ଆଡ୍‌ମିନିଷ୍ଟ୍ରେଶନ ସ୍ନାତକ ଓ ତାଙ୍କର ୩ ସହଯୋଗୀ ମିଶି ଜଣେ ଶିଳ୍ପପତିଙ୍କୁ ଅପହରଣ କରିନେବା ପରେ ତାଙ୍କୁ ଧମକ ଦେଇ ୭ ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଗତ ୫ ତାରିଖରେ ରାଜାଜୀନଗରରେ ଏହି ଅପହରଣ ଘଟଣା ଘଟିଛି। ମୁଖ୍ୟ ଅଭିଯୁକ୍ତ ସଚିନ ଏନ୍, ତାଙ୍କ ସହଯୋଗୀ ଗୌରଶଙ୍କର ଏବଂ କାମାକ୍ଷୀପାଲ୍ୟାର ଜଣେ ଅଟୋ ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ସଚିନଙ୍କର ଅନ୍ୟ ୨ ସହଯୋଗୀଙ୍କୁ ପୋଲିସ ଖୋଜୁଛି। ଶିଳ୍ପପତି ଜଣକ ସଚିନଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ଅପହରଣ କରିନେଇଥିଲେ। ସଚିନଙ୍କ କହିବା ଅନୁଯାୟୀ ସେ ଶିଳ୍ପପତି ଚେତନ ଏସ୍. ଶାହଙ୍କ ଝିଅଙ୍କୁ ଏକ ଘରୋଇ କଲେଜରେ ବିବିଏରେ ସିଟ୍ ଦେବାରେ ସହାୟତା କରିଥିଲେ। କିନ୍ତୁ ସଚିନ କୌଣସି ସହାୟତା କରି ନ ଥିବା କହି ଶିଳ୍ପପତି ଟଙ୍କା ଦେବାକୁ ମନା କରିବାରୁ ସେ ଅପହରଣ କରିଥିଲେ।

ପିଓକେରେ ବ୍ରିଟିଶ୍ ଉଚ୍ଚାୟୁକ୍ତ ପ୍ରତିବାଦ ଜଣାଇଲା ଭାରତ

ନୂଆଦିଲ୍ଲୀ,୧୩।୧

ପିଓକେ ଅନ୍ତର୍ଗତ ମୀରପୁରରେ ବ୍ରିଟିଶ ଉଚ୍ଚାୟୁକ୍ତ ଜେନ୍ ମାରିଅଟ୍ (ମଝି) ।

ଇସ୍‌ଲାମାବାଦରେ ବ୍ରିଟିଶ ଉଚ୍ଚାୟୁକ୍ତ ଥିବା ଜେନ୍ ମାରିଅଟ୍ ପାକ୍ ଅଧିକୃତ କଶ୍ମୀର (ପିଓକେ) ଗସ୍ତରେ ଯିବା ଘଟଣାକୁ ନେଇ ଭାରତ ସରକାର ଶନିବାର ପ୍ରତିବାଦ ଜଣାଇଛନ୍ତି। ଗତ ୧୦ ତାରିଖରେ ମାରିଅଟ୍ ପିଓକେ ଅନ୍ତର୍ଗତ ମୀରପୁରକୁ ଗସ୍ତରେ ଯାଇଥିଲେ। ତାଙ୍କର ଏହି ଗସ୍ତକୁ ନେଇ ଭାରତ ତୀବ୍ର ପ୍ରତିବାଦ ଜଣାଉଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତିର ଏହା ଉଲ୍ଲଂଘନ ବୋଲି ନୂଆଦିଲ୍ଲୀ ଦର୍ଶାଇଛି। ଭାରତରେ ଥିବା ବ୍ରିଟିଶ ହାଇ କମିଶନରଙ୍କ ନିକଟରେ ବହିର୍ବ୍ୟାପାର ସଚିବ ବିନୟ ମୋହନ କ୍ୱାତ୍ରା ପ୍ରତିବାଦ ଜଣାଇଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଏବଂ ଲଦାଖ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଆସିଛି, ରହିଛି ଏବଂ ରହିବ ବୋଲି ମନ୍ତ୍ରଣାଳୟ କହିଛି। ମାରିଅଟ୍ ମୀରପୁର ଗସ୍ତ କରିବା ପରେ ଏହାର ଫଟୋ ଏକ୍ସ’ରେ ଶେୟାର କରିବା ସହ ୭୦ ପ୍ରତିଶତ ବ୍ରିଟିଶ ପାକିସ୍ତାନୀ ଉକ୍ତ ଅଞ୍ଚଳର ମୂଳ ବାସିନ୍ଦା ବୋଲି ଉଲ୍ଲେଖ କରିଥିଲେ। ବ୍ରିଟିଶ୍ ସରକାର ତାଙ୍କ ପ୍ରତିନିଧିଙ୍କୁ ପାକ୍ ଅଧିକୃତ କଶ୍ମୀରକୁ ପଠାଇଥିବାରୁ ସୋସିଆଲ ମିଡିଆରେ ଏହାକୁ ନିନ୍ଦା କରାଯାଇଛି। ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ୍ ମାରିଅଟ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି କେତେଜଣ ୟୁଜର ଦାବି କରିଛନ୍ତି। ଗତବର୍ଷ ଅକ୍ଟୋବରରେ ପାକିସ୍ତାନରେ ଆମେରିକା ରାଷ୍ଟ୍ରଦୂତ ଡାଭିଡ୍ ବ୍ଲୋମ୍ ପିଓକେର ଗିଲ୍‌ଗିଟ୍-ବଲ୍ଟିସ୍ତାନ ଗସ୍ତ କରିଥିଲେ। ସେତେବେଳେ କେନ୍ଦ୍ର ସରକାର ଆମେରିକା କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରତିବାଦ ଜଣାଇଥିଲେ।

ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ କଙ୍ଗନା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍ ତାଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ହେଲେ ଏଥର କଙ୍ଗନା ତାଙ୍କ ବ୍ୟକ୍ତିଗତ କାରଣ ପାଇଁ ଲାଇମ ଲାଇଟ୍‌କୁ ଆସିଛନ୍ତି। ନିକଟରେ କଙ୍ଗନାଙ୍କୁ ଜଣେ ଅଜଣା ବ୍ୟକ୍ତିଙ୍କ ସହିତ ଦେଖିବାକୁ ମିଳିଛି; ଯାହାର ଫଟୋ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ସୋସିଆଲ ମିଡିଆରେ ଶେୟାର ହୋଇଥିବା ଏହି ପୋଷ୍ଟରେ କଙ୍ଗନା ମୁମ୍ବାଇର ଏକ ସେଲୁନରେ ଜଣେ ବିଦେଶୀ ପୁଅଙ୍କ ହାତ ଧରିଥିବା ନଜରକୁ ଆସିଛନ୍ତି। ଦୁହେଁ ଏକାଠି ହସି ହସି ଆସୁଛନ୍ତି। ଏହି ଫଟୋରେ ଅନେକ କମେଣ୍ଟ ଆସିଥିବା ଦେଖିବାକୁ ମିଳିଛି। ଏହା ଉପରେ ମନ୍ତବ୍ୟ ଦେଇ ଜଣେ ୟୁଜର ଲେଖିଛନ୍ତି, ଇଏ କ’ଣ ତମ ପ୍ରେମିକ? ଅନ୍ୟଜଣେ ଲେଖିଛନ୍ତି, ଉଭୟ ସାଥିରେ ଭଲ ଦେଖାଯାଉଛନ୍ତି। ଗତବର୍ଷ କଙ୍ଗନା ଏକ ସାକ୍ଷାତ୍‌କାରରେ କହିଥିଲେ କି, ସେ ବିବାହ କରିବାକୁ ଥିବା ବ୍ୟକ୍ତିଙ୍କୁ ଠିକ୍ ସମୟରେ ସମସ୍ତଙ୍କ ସମ୍ମୁଖକୁ ଆଣିବେ। ତେବେ କଙ୍ଗନା ୨୦୦୬ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ନିକଟରେ ସେ ଫିଲ୍ମ ‘ତେଜସ୍’ରେ ଦେଖିବାକୁ ମିଳିଥିଲେ। ଆଗକୁ ସେ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ ‘ଏମର୍ଜେନ୍ସି’ରେ ନଜରକୁ ଆସିବେ।

ଫୁଚର୍‌ସପଟ୍

ଗୀତା ପ୍ରେସ୍‌ରେ ରାମଚରିତମାନସର ଅଭାବ

ଲକ୍ଷ୍ନୌ

ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଆସନ୍ତା ୨୨ ତାରିଖରେ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ତେବେ ଏହା ମଧ୍ୟରେ ଉତ୍ତରପ୍ରଦେଶର ଗୋରଖପୁରସ୍ଥିତ ଗୀତା ପ୍ରେସ୍ ରାମଚରିତମାନସ ଅଭାବର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି; ଯାହା ୫୦ ବର୍ଷରେ ପ୍ରଥମ ଥର ବୋଲି ଜଣାପଡ଼ିଛି। ପ୍ରତିଷ୍ଠା ସମାରୋହ ପୂର୍ବରୁ ରାମଚରିତମାନସର ଚାହିଦା ବୃଦ୍ଧି ପାଇଛି। ଯାହାକୁ ନେଇ ଗୀତା ପ୍ରେସ୍ କର୍ମଚାରୀ ଖୁସି ବ୍ୟକ୍ତ କରିଛନ୍ତି। ସମାରୋହର ତାରିଖ ଘୋଷଣା ପରଠାରୁ ରାମଚରିତମାନସ ସହ ସୁନ୍ଦରାକାଣ୍ଡ, ହନୁମାନ ଚାଳିଶାର ମଧ୍ୟ ଚାହିଦା ବଢ଼ିବାରେ ଲାଗିଛି। ପୂର୍ବ ବର୍ଷଗୁଡ଼ିକରେ ପ୍ରତି ମାସରେ ରାମଚରିତମାନସର ପ୍ରାୟ ୭୫ ହଜାର କପି ପ୍ରସ୍ତୁତ ହେଉଥିଲା। ହେଲେ ଚଳିତବର୍ଷ ୧ ଲକ୍ଷ କପି ପ୍ରସ୍ତୁତ ହୋଇଥିବା ଗୀତା ପ୍ରେସ୍ ମ୍ୟାନେଜର ଲାଲମଣି ତ୍ରିପାଠୀ କହିଛନ୍ତି। ନିକଟରେ ଜୟପୁରରୁ ୫୦ ହଜାର ଏବଂ ଭଗଲପୁରରୁ ୧୦ ହଜାର ରାମଚରିତମାନସର କପି ଅର୍ଡର ହୋଇଥିବାବେଳେ ପ୍ରେସ୍

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ | Bhubaneswar, Sunday, January 14/2024 | ପୃଷ୍ଠା-୧

ଶୁଭ୍ରାଂଶୁଙ୍କ ଦ୍ୱିଶତକ

ମଧ୍ୟପ୍ରଦେଶ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଛନ୍ତି ଓଡ଼ିଶାର ଶୁଭ୍ରାଂଶୁ ସେନାପତି।

୧୪ ୦୩

ଏଆଇ ଦେବ ପାଣିପାଗ ସୂଚନା

ପାଣିପାଗର ଉତ୍ତମ ପୂର୍ବାନୁମାନ ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଉପଯୋଗ ହେବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ଅପହଞ୍ଚ ୱାନ୍‌କାର୍ଡ

ଭୁବନେଶ୍ୱର, ୧୩।୧ (ଅନିଲ ଦାସ)

କୋଭିଡ୍ ମହାମାରୀ ସମୟରେ ଶ୍ରମିକଙ୍କ ହିତକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୨୦ ଜୁନ୍ ୧ରୁ ସମଗ୍ର ଦେଶରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ (ଓଏନ୍‌ଓଆର୍‌ସି) ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଏହି ବ୍ୟବସ୍ଥା ଅନୁଯାୟୀ ନିଜ ଗାଁ ଛାଡ଼ି ଅନ୍ୟତ୍ର ରହୁଥିବା ରାଶନ କାର୍ଡ ହିତାଧିକାରୀ ସେଠାକାର ଡିଲରଙ୍କ ନିକଟରୁ ଖାଦ୍ୟଶସ୍ୟ ନେଇପାରିବେ। ଓଡ଼ିଶାରେ ଏହା ୨୦୨୧ ଜୁଲାଇରୁ ଲାଗୁ ହୋଇଥିଲେ ମଧ୍ୟ ହିତାଧିକାରୀଙ୍କ ପାଇଁ ତାହା ଅପହଞ୍ଚ ହୋଇଛି। ଦୁର୍ବଳ ଇଣ୍ଟରନେଟ ବ୍ୟବସ୍ଥା ଏବଂ ରାଶନ ଯୋଗାଉଥିବା ଡିଲରଙ୍କ ଅସହଯୋଗ ଯୋଗୁ ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି।

କେଉଁ ଦୁର୍ଗମ ଅଞ୍ଚଳ ନୁହେଁ, ଭୁବନେଶ୍ୱରକୁ ଆସିଥିବା ହିତାଧିକାରୀମାନେ ମଧ୍ୟ ୱାନ୍ ରାଶନ କାର୍ଡ ବ୍ୟବସ୍ଥାର ଲାଭ ପାଇ ପାରୁ ନ ଥିବା ଜଣାପଡ଼ିଛି। କନ୍ଧମାଳର ରାଶନକାର୍ଡ ହିତାଧିକାରୀ ବାସନ୍ତି ଜାନି କହିଛନ୍ତି, ଆମେ ଗରିବ ଲୋକ। ମଜୁରି ଲାଗିଲେ ଘର ଚଳୁଛି। ସରକାର ଆମକୁ ଚାଉଳ ଗଣ୍ଡେ ଦେଉଛନ୍ତି। ହେଲେ ଗାଁକୁ ଯାଇ ଚାଉଳ ଆଣିଲେ ବହୁତ ଖର୍ଚ୍ଚ କରିବାକୁ ପଡୁଛି।

ଏଇଠି ମିଳିଲେ ଭଲ ହୁଅନ୍ତା। ପାଖ ଡିଲର ଆମକୁ ରାଶନ ଦେବାକୁ ମନା କରି ଦେଉଛନ୍ତି। କହୁଛନ୍ତି ତୁମର ଏଠି ନାଁ ନାହିଁ। ଯେଉଁଠି ଅଛି ସେଠୁ ନିଅ। କେବଳ ବାସନ୍ତି ଜାନି ନୁହନ୍ତି, ଭଦ୍ରକର କୁସୁମ ନାୟକ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ହିତାଧିକାରୀଙ୍କଠାରୁ ଏଭଳି ଶୁଣିବା ପରେ ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଥିବା ୱାନ୍ ନେଶନ, ୱାନ ରାଶନ କାର୍ଡ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ୩ କୋଟି ୩୩ ଲକ୍ଷ ୨୭ ହଜାର ୨୫୫ ଜଣ ହିତାଧିକାରୀ ସାମିଲ ହୋଇଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସୂଚନା ଅନୁଯାୟୀ ସେଥିରୁ ୱାନ୍ ରାଶନ କାର୍ଡ ଯୋଜନାରେ ଏ ପର୍ଯ୍ୟନ୍ତ କେବଳ ୧ ଲକ୍ଷ ୧୦ ହଜାର ପରିବାର ଉପକୃତ ହୋଇଛନ୍ତି।

ଇଣ୍ଟରନେଟ ସୁବିଧା ଥିବା ଅଞ୍ଚଳର ଡିଲରଙ୍କ ମନମୁଖି କାର୍ଯ୍ୟ ଯୋଗୁ ସରକାରଙ୍କୁ ବଦ୍‌ନାମ ହେବାକୁ ପଡୁଛି। ହିତାଧିକାରୀ ରାଶନ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ ଦୁର୍ବଳ ଇଣ୍ଟରନେଟ ବ୍ୟବସ୍ଥା ମଧ୍ୟ ୱାନ୍ ନେଶନ, ୱାନ୍ ରାଶନ କାର୍ଡ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିଛି। ରାଜ୍ୟରେ ୫୧ ହଜାର ୧୭୬ ଗ୍ରାମ ରହିଛି। କେନ୍ଦ୍ର ଯୋଗାଯୋଗ ଓ ଇଲେକ୍ଟ୍ରୋନିକ୍ସ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଓଡ଼ିଶାରେ ୬ ହଜାର ୫୯୨ ଗ୍ରାମରେ ଇଣ୍ଟରନେଟ ସୁବିଧା ନ ଥିବାବେଳେ ୪ ହଜାର ୫୪୯ ଗ୍ରାମରେ ମୋବାଇଲ ନେଟ୍‌ୱର୍କ ନାହିଁ। କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର , ରାୟଗଡା, ସୁନ୍ଦରଗଡ, ବରଗଡ, ସମ୍ବଲପୁର ଭଳି ଆଦିବାସୀ ବହୁଳ ଜିଲାର ଅନେକ ଭାଗ ଏବେ ବି ଇଣ୍ଟରନେଟ ଉପଲବ୍ଧ ହେଉ ନାହିଁ।

୫-ଜି ଇଣ୍ଟରନେଟ ବ୍ୟବସ୍ଥା ଥିବା ରାଜଧାନୀରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ ବ୍ୟବସ୍ଥାର ଲାଭ ହିତାଧିକାରୀଙ୍କୁ ମିଳୁ ନ ଥିବାବେଳେ ଦୁର୍ଗମ ଅଞ୍ଚଳରେ ଏହା କିପରି କାର୍ଯ୍ୟକାରୀ ହେଉ ଥିବ ତାହା ବୁଝାପଡୁଛି। ଏଥିରୁ ଡିଜିଟାଲ ଇଣ୍ଡିଆ ଓ ବିକଶିତ ଭାରତ ଭଳି ଧ୍ୱନି ସମ୍ପୂର୍ଣ୍ଣ ଭାବେ ଫମ୍ପା ବୋଲି ଜଣାପଡୁଛି।

ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ରାଜ୍ୟର ସମସ୍ତ ଜିଲାରେ ୱାନ୍ ନେଶନ, ୱାନ୍ ରାଶନ କାର୍ଡ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ହିତାଧିକାରୀ ଯେଉଁଠି ରହିଲେ ବି ରାଶନ ପାଇ ପାରିବେ। ତେବେ କେତେକ ସ୍ଥାନରେ ଇଣ୍ଟରନେଟ ଅସୁବିଧା ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ଯଦି କୌଣସି ଫେୟାର ପ୍ରାଇସ ଶପ୍(ଏଫପିଏସ)ରେ ହିତାଧିକାରୀଙ୍କୁ ଅସହଯୋଗ କରାଯାଉଥିବା ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ହିତାଧିକାରୀଙ୍କ ସଂଖ୍ୟା ବହୁଳ ଥିବା ହେତୁ ତାହା ସମ୍ଭବପର ହେଉ ନାହିଁ।

ଇ-ଲେକ୍‌ଚର: ଘରେ ବସି ଟ୍ୟୁଟୋରିଆଲ ସୁବିଧା

ଭୁବନେଶ୍ୱର, ୧୩।୧ (ଅସମାପିକା ସାହୁ)

ଉଚ୍ଚଶିକ୍ଷା ସଂସ୍କାରରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଶିକ୍ଷା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପ୍ରତି ଛାତ୍ରୀଛାତ୍ରଙ୍କ ଅବଦାନ ବୃଦ୍ଧି ସହ ଶିକ୍ଷାଗ୍ରହଣ କ୍ଷେତ୍ରକୁ ସହଜ ତଥା ସରଳ କରିବାକୁ ଇ-ଲେକ୍ଚର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହାଦ୍ୱାରା କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଘରେ ବସି ଟ୍ୟୁଟୋରିଆଲ ସୁବିଧା ପାଇବା ସହ ସେମିଷ୍ଟର ପରୀକ୍ଷା ପାଇଁ ମଧ୍ୟ ପ୍ରସ୍ତୁତ ହୋଇପାରିବେ। ଏହି ଅନ୍‌ଲାଇନ୍ ଶିକ୍ଷାଦାନ ବା ଇ-ଲେକ୍ଚର ବ୍ୟବସ୍ଥାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ କରାଯାଇଛି। ଏଥିନିମନ୍ତେ ବିଶ୍ୱବିଦ୍ୟାଳୟ ଏକ ଭର୍ଚୁଆଲ ଟ୍ୟୁଟୋରିଆଲ ଷ୍ଟୁଡିଓ ପ୍ରସ୍ତୁତ କରିଛି। ଏହି ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଭାଗର ସ୍ୱତନ୍ତ୍ର ସଚିବ ସମସ୍ତ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଏବଂ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଉଭୟ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି ଉଦ୍ଦେଶ୍ୟରେ ରୁଷା ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ

ଅଯୋଧ୍ୟା ଓ ଆଡ୍‌ଭାନୀ

ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ନେବେ ଖାର୍ଗେ

ନୂଆଦିଲ୍ଲୀ, ୧୩।୧ (ପି.ଟି.)

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଇଣ୍ଡିଆନ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ) ବ୍ଲକ୍‌ର ଅଧ୍ୟକ୍ଷ ନିଯୁକ୍ତି ପାଇଁ ମେଣ୍ଟ ଦଳଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ପାଇଛି। ଏକାଧିକ ବୈଠକ ଓ ବିଚାରବିମର୍ଶ ପରେ ବିରୋଧୀ ମେଣ୍ଟର ଅଧ୍ୟକ୍ଷ ପଦ ପାଇଁ ଖାର୍ଗେଙ୍କ ନାମ ଉଠିଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ତେବେ ଆନୁଷ୍ଠାନିକ ଭାବେ ମେଣ୍ଟ ପକ୍ଷରୁ ଘୋଷଣା କରାଯାଇ ନାହିଁ।

ଆସନ ଭାଗବଣ୍ଟା ଏବଂ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଅଂଶଗ୍ରହଣ, ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଓ ମେଣ୍ଟ ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଶନିବାର ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କର ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜେଡିୟୁ ଅଧ୍ୟକ୍ଷ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଇଣ୍ଡିଆ ବ୍ଲକ୍ ଆବାହକ ନିଯୁକ୍ତି ପାଇଁ ନେତାମାନେ ପ୍ରସ୍ତାବ ଦେଇଥିବାବେଳେ ସେ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। କଂଗ୍ରେସର କେହି ଜଣେ ଏହି ଦାୟିତ୍ୱ ନିଅନ୍ତୁ ବୋଲି ସେ କହିଛନ୍ତି। ବୈଠକରେ ଉପସ୍ଥିତ ନ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

ମଲ୍ଲିକାର୍ଜୁନ ଖାର୍ଗେ

ଅଖିଳେଶ ଯାଦବ ଓ ଅନ୍ୟ ନେତାମାନଙ୍କ ସହ ଆଲୋଚନା ପରେ ଆବାହକ ପଦବୀ ନେଇ ବୃତ୍ତାନ୍ତ ନିଷ୍ପତ୍ତି ନିଆଯିବ। ଖାର୍ଗେଙ୍କୁ ମେଣ୍ଟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରିବା ପାଇଁ ଗତ ଡିସେମ୍ବରରେ ମମତା ପ୍ରସ୍ତାବ ଦେଇଥିବାବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହାକୁ ସମର୍ଥନ କରିଥିଲେ।

ଏପ୍ରିଲ-ମେ'ରେ ଅନୁଷ୍ଠିତ ହେବାକୁ ଥିବା ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ଲକ୍ଷ୍ୟରେ 'ଇଣ୍ଡିଆ' ବ୍ୟାନରରେ ୨୮ଟି ବିରୋଧୀ ଦଳ ଏକାଠି ହୋଇଛନ୍ତି। ଶନିବାର ବୈଠକରେ ତୃଣମୂଳ କଂଗ୍ରେସ, ସମାଜବାଦୀ ପାର୍ଟିର ନେତାଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦଳର ପ୍ରତିନିଧି ଯୋଗଦେଇଥିଲେ। ଜାତୀୟ ସ୍ତରରେ ☞ପୃଷ୍ଠା-୨

ଆଜିର ମନ୍ତବ୍ୟ

ଇଣ୍ଡିଆ ମେଣ୍ଟରେ ଆବାହକ ନିଯୁକ୍ତିକୁ ନେଇ କୌଣସି ବିବାଦ ନାହିଁ। ଆଗାମୀ ଲୋକ ସଭା ନିର୍ବାଚନ ଲାଗି କାହାକୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯିବାର ଆବଶ୍ୟକତା ନାହିଁ। **–ଶରଦ ପାୱାର, ଏନ୍‌ସିପି ଅଧ୍ୟକ୍ଷ**

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଧନ୍ୟ ଜୀବନ ଏ ଜଗତେ
ଯେ ପ୍ରାଣ ଧରେ ପ୍ରାଣୀ ହିତେ
ଧନ୍ୟ ଜୀବନ ଧନ୍ୟ ତା'ର
ଦୁର୍ଲଭ କର୍ମ ଏ ବେଭାର।

ସାଧାରଣତଃ ଯେଉଁ ବ୍ୟକ୍ତି ସକଳ ପ୍ରାଣୀର ହିତ ସାଧନ କରନ୍ତି ଏବଂ ଦୁର୍ଲଭ କାମ କରନ୍ତି, ସେଭଳି ବ୍ୟକ୍ତି ଅତି ଉତ୍ତମ ବ୍ୟକ୍ତି ବୋଲି ବିବେଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତିଙ୍କ ଜୀବନ ଧନ୍ୟ ବା ସାର୍ଥକ ହୋଇଥାଏ ବୋଲି ଏଠାରେ ଦର୍ଶାଯାଇଛି।

ଧରିଲା ମାଛ ସାନ
ଯିବା ମାଛ ବଡ଼।

ସାଧାରଣତଃ ହାତଛଡ଼ା ବା ହଜିଲା ଜିନିଷ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରାଯାଇଥାଏ। ଏହା ପରିବର୍ତ୍ତେ ଯେତେ ବଡ଼ ଜିନିଷ ହାତରେ ବା ପାଖରେ ଥିଲେ ମଧ୍ୟ ତାହା କେବେହେଲେ ମନକୁ ଆତ୍ମସନ୍ତୋଷ ଦେଇ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

କଠିନ ପରିଶ୍ରମର ବିକଳ୍ପ ନାହିଁ: ପାଣ୍ଡିଆନ

ଭୁବନେଶ୍ୱର,୧୩।୧(ଅନିଲ ଦାସ)

ସମ୍ବଲପୁରର ଗଙ୍ଗାଧର ମେହେର(ଜିଏମ୍) କଲେଜରୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ହୋଇପାରିଛନ୍ତି ସମ୍ବଲପୁରର ଲୋକ। ସରକାରୀ କଲେଜରେ ପାଠପଢ଼ି ଏତେ ବଡ଼ ପଦବୀକୁ ଯାଇପାରିଛନ୍ତି ପ୍ରମୋଦ କୁମାର ମିଶ୍ର। କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ସରକାରୀ କଲେଜରୁ ପାଠପଢ଼ି ସେ ଆଜି ସର୍ବୋଚ୍ଚ ସ୍ଥାନରେ ପହଞ୍ଚି ପାରିଛନ୍ତି। ଶୀର୍ଷରେ ପହଞ୍ଚି ମଧ୍ୟ ସେ ପରିଶ୍ରମ କେବେ ବନ୍ଦ କରିନାହାନ୍ତି ବୋଲି ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ସମ୍ବଲପୁର ମନ୍ଦଲିଆଠାରେ ଅନୁଷ୍ଠିତ ନୂଆ–ଓ କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ କଠିନ ପରିଶ୍ରମର କିଛି ବିକଳ୍ପ ନାହିଁ ବୋଲି ପିଲାଙ୍କୁ ବୁଝାଇବାକୁ ଯାଇ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ର ଓ ଜର୍ମାନୀରେ ବୈଜ୍ଞାନିକ ଥିବା ପଶ୍ଚିମ ଓଡ଼ିଶାର ପୁଅ ଶେଷ କିଶାନଙ୍କ ଉଦାହରଣ ଦେଇଛନ୍ତି। କିଛିଦିନ ତଳେ ଏକ ରବିବାରରେ ପ୍ରମୋଦ ମିଶ୍ରଙ୍କୁ ପାଣ୍ଡିଆନ ଫୋନ୍ କରିଥିଲେ। ରବିବାରରେ ଫୋନ୍ କରିଥିବାରୁ କଥା ଆରମ୍ଭରୁ ପ୍ରମୋଦ ମିଶ୍ରଙ୍କୁ ପାଣ୍ଡିଆନ ସୌଜନ୍ୟତା ଦୃଷ୍ଟିରୁ କ୍ଷମା ମାଗିଥିଲେ। କିନ୍ତୁ ପ୍ରମୋଦ ମିଶ୍ର କହିଥିଲେ, ସେ ଅଫିସ୍‌ରେ ଅଛନ୍ତି। ସଫଳତାର ଶୀର୍ଷରେ ପହଞ୍ଚିଥିବା ଜଣେ ବ୍ୟକ୍ତି ରବିବାରରେ ମଧ୍ୟ ଅଫିସ୍‌ରେ କାମ କରୁଛନ୍ତି। ଏହା ହିଁ କଠିନ ପରିଶ୍ରମ ବୋଲି ପାଣ୍ଡିଆନ ଉଦାହରଣ ଦେଇଛନ୍ତି।

କଠିନ ପରିଶ୍ରମ କରୁଥିବାରୁ ସେ ଯେକୌଣସି ବିଷୟରେ ଅନର୍ଗଳ ତଥ୍ୟଭିତ୍ତିକ ମନ୍ତବ୍ୟ ରଖିପାରୁଛନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ନିଜେ ପାଣ୍ଡିଆନ ଆଇଏଏସ୍ ଟ୍ରେନିଂ ନେବାବେଳେ ପ୍ରମୋଦ ମିଶ୍ର କେନ୍ଦ୍ର କୃଷି ସଚିବ ଥିଲେ ଏବଂ ଆଉ ଟ୍ରେନିଂ କ୍ଲାସ ନେଉଥିଲେ। କୃଷି ସମ୍ପର୍କରେ ଯେଉଁଭଳି ବକ୍ତବ୍ୟ ରଖିଥିଲେ ସେଥିରେ ସନ୍ଦେହ ହୋଇଥିଲା ଯେ, ସେ କୃଷିପାଠ ପଢ଼ି ଆସିଛନ୍ତି। ସେହିଭଳି ବିପର୍ଯ୍ୟୟ ପରିଚାଳନା ବୈଠକରେ ତାଙ୍କ ବକ୍ତବ୍ୟ ଶୁଣି ଲାଗିଥିଲା ଯେ, ସେ ବିପର୍ଯ୍ୟୟ ପରିଚାଳନା ପାଠ ପଢ଼ିଛନ୍ତି। ଏ ସବୁ କଠିନ ପରିଶ୍ରମର ଫଳ ବୋଲି ପିଲାଙ୍କୁ ପାଣ୍ଡିଆନ କହିଛନ୍ତି। ସେହିଭଳି ପାଣ୍ଡିଆନ ପଶ୍ଚିମ ଓଡ଼ିଶାର ଆଉ ଜଣେ ଉଜ୍ଜ୍ୱଳ ତାରକା ଶେଷ କିଶାନଙ୍କ ଉଦାହରଣ ଦେଇଥିଲେ। ପିଲାବେଳୁ ଶେଷ କିଶାନ ମା' ବାପା ଛେଉଣ୍ଡ ହୋଇଥିଲେ। ଗାଁ ସ୍କୁଲରେ ପାଠ ପଢୁଥିଲେ। ପେଟ ପୋଷିବା ଲାଗି ନିଜେ କାମ ମଧ୍ୟ କରୁଥିଲେ। କଠିନ ପରିଶ୍ରମ, ପ୍ରବଳ ଇଚ୍ଛାଶକ୍ତି ଓ ନିଷ୍ଠାପର ଅଧ୍ୟବସାୟ ବଳରେ ସେ ଭୁବନେଶ୍ୱର ନାଇଜରରେ ପଢ଼ିଲେ ଏବଂ ଗୋଲ୍ଡ ମେଡାଲିଷ୍ଟ ମଧ୍ୟ ହେଲେ। ପରବର୍ତ୍ତୀ ସମୟରେ ସେ ଜର୍ମାନୀରେ ବୈଜ୍ଞାନିକ ହୋଇପାରିଲେ। ଏବେ ସେ ଓଡ଼ିଶାରେ ଫାର୍ମା କମ୍ପାନୀ ଖୋଲି ବହୁ ଲୋକଙ୍କୁ ସେମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚରେ ଅଛନ୍ତି। ସେମାନଙ୍କ ଲାଗି ଏଇ ୫ ବର୍ଷ ଅତି ଗୁରୁତ୍ୱପୂର୍ଣ୍ଣ। ୫ ବର୍ଷ ଖଟିଲେ ଆଗାମୀ ୫୦ବର୍ଷ ଖୁସିରେ କଟାଇବେ ବୋଲି ପାଣ୍ଡିଆନ କହିଛନ୍ତି। ଜୀବନରେ ସଫଳତା ହାସଲ କରିବାକୁ ହେଲେ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ କରିବାକୁ ପଡ଼ିବ। ନିଜ ନିଜ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବାହାରକୁ ଆଣିବାକୁ ପଡ଼ିବ। ଯାହା ବି ଅନ୍ତର୍ନିହିତ ପ୍ରତିଭା ଅଛି ତାକୁ ବୃଦ୍ଧି କରିବାକୁ ସୁଯୋଗ ଦେବାକୁ ପଡ଼ିବ। ଜୀବନରେ ବହୁତ ବଡ଼ ସଫଳତା ପାଇବାକୁ ହେଲେ ବ୍ୟକ୍ତିତ୍ୱର ବିକାଶ ନିହାତି ଆବଶ୍ୟକ। ଏହାକୁ ଆଖିରେ ରଖି ଏହି ନୂଆ–ଓ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି। କୌଣସି ପ୍ରତିଯୋଗିତାରେ ଜିତିବା ତୁଳନାରେ ଅଂଶଗ୍ରହଣ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ପ୍ରତିଯୋଗିତାରେ ଜିତିଲେ ଖୁସି ମିଳିବ, ହେଲେ ଅଂଶଗ୍ରହଣ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରିବ ବୋଲି ପାଣ୍ଡିଆନ କହିଛନ୍ତି। ମନ୍ଦଲିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ପାଣ୍ଡିଆନଙ୍କୁ ଦେଖିବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅତ୍ୟଧିକ ଉତ୍ସାହ ଥିବା ଦେଖାଯାଇଛି। ତାଙ୍କ ସହ ହାତ ମିଳାଇବା ଓ ସେଲ୍ଫି ନେବାକୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଥିବା ଦେଖିବାକୁ ମିଳିଛି।

ସମ୍ବଲପୁର ମନ୍ଦଲିଆରେ ନୂଆ-ଓ କାର୍ଯ୍ୟକ୍ରମ

- **ସରକାରୀ କଲେଜରୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ**
- **ଗାଁରୁ ଯାଇ ଜର୍ମାନୀରେ ବୈଜ୍ଞାନିକ**
- **ପ୍ରତିଯୋଗିତାରେ ବିଜୟ ନୁହେଁ, ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ**

ନିଯୁକ୍ତି ଦେବାକୁ ଚାହୁଁଛନ୍ତି ବୋଲି ପାଣ୍ଡିଆନ ପିଲାଙ୍କୁ ଉଦାହରଣ ଦେଇ ନିଜ ଭବିଷ୍ୟତ ଗଢ଼ିବାର ଟିପ୍ସ ଦେଇଥିଲେ। ସେହିଭଳି ସୋସିଆଲ ମିଡିଆରେ ଅଧିକ ସମୟ ଦେଲେ ନିଜର ପାଠ ମନେ ରଖିବାର ଦକ୍ଷତା ହ୍ରାସପାଇବ ବୋଲି ପାଣ୍ଡିଆନ କହିଛନ୍ତି। ଆତ୍ମବିଶ୍ୱାସର ସହ ଦୈନିକ ୧୪ଘଣ୍ଟା ପରିଶ୍ରମ କଲେ ସଫଳତା ହାତମୁଠାକୁ ଆପଣା ଛାଏଁ ଆସିବ। ନିଜେ ଏକଥାକୁ ସେ ଅଙ୍ଗେ ନିଭାଇଛନ୍ତି ବୋଲି ପାଣ୍ଡିଆନ ପିଲାଙ୍କୁ କହିଛନ୍ତି। ନିଜ ଅନୁଭୂତିରୁ ଏକ ୬ ସୂତ୍ରୀ ସଫଳତାର ମାର୍ଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଲାଗି ମୁଖ୍ୟମନ୍ତ୍ରୀ କାହିଁକି ନୂଆ–ଓ କାର୍ଯ୍ୟକ୍ରମ କରିଛନ୍ତି ତାହା ସେ କହିଛନ୍ତି। ଛାତ୍ରୀଛାତ୍ର ଏବେ

ସମଲେଇ ପ୍ରକଳ୍ପର ସମୀକ୍ଷା କଲେ

୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଅନ୍ୟମାନେ ସମଲେଇ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

ସମ୍ବଲପୁର,୧୩।୧(ପ୍ରମୋଦ ବହିଦାର)

୫–ଟିଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଶନିବାର ସକାଳେ ସମଲେଇ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ସମଲେଶ୍ୱରୀଙ୍କ ପୀଠରେ ସେ ପ୍ରଥମେ ମା'ଙ୍କ ଦର୍ଶନ ପରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଲେଇ, ଆଇଜି ଦୀପକ କୁମାର, ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ବେଦ ଭୂଷଣ, ମୁଖମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ୍ କ୍ରିଷ୍ଣା, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଆଇଟି ସଚିବ ମନୋଜ ମିଶ୍ର, ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଜେ.କେ. ଦାଶଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ସମଲେଇ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହାବାଦ ନିର୍ମାଣାଧୀନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଥିଲେ।

ଭକ୍ତ, ଭଗବାନଙ୍କ ସେବାରେ ଆତ୍ମସନ୍ତୋଷ: ଧର୍ମେନ୍ଦ୍ର

ଅନୁଗୋଳ,୧୩।୧ (ଅମିତ କୁମାର ସାମଲ)

ଭକ୍ତ ଓ ଭଗବାନଙ୍କ ସେବାରେ ହିଁ ଆତ୍ମସନ୍ତୋଷ ମିଳେ। ପବିତ୍ର ଅଯୋଧ୍ୟା ଧାମରେ ଭବ୍ୟ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଅନୁଗୋଳ ଜିଲା ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଶନିବାର ସଫେଇ କାର୍ଯ୍ୟରେ ସାମିଲ ହୋଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର କୋଣ ଅନୁକୋଣରେ ଜନସାଧାରଣ ଶ୍ରୀରାମଙ୍କୁ ସ୍ୱାଗତ କରିବା ପାଇଁ ଉତ୍ସାହିତ ଅଛନ୍ତି। ଏହା ଦେଶ ପାଇଁ ଏକ ମହାନ ଅବସର। ପ୍ରଭୁ ଶ୍ରୀରାମଙ୍କ ଆଗମନକୁ ଆହୁରି ଭବ୍ୟ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସମସ୍ତ ମନ୍ଦିର ଓ ତୀର୍ଥକ୍ଷେତ୍ରକୁ ସ୍ୱଚ୍ଛ ରଖିବା ପାଇଁ ଶ୍ରମଦାନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଅନୁଗୋଳ ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସଫେଇ କାର୍ଯ୍ୟରେ ସାମିଲ ହେବା ସୌଭାଗ୍ୟର ବିଷୟ। ରବିବାରଠାରୁ ଆଖପାଖ ମନ୍ଦିର ଓ ତୀର୍ଥସ୍ଥଳୀକୁ ପବିତ୍ର ରଖିବା ପାଇଁ ସମସ୍ତେ ଶ୍ରମଦାନ କରିବା। ସେହିପରି ଆସନ୍ତା ୨୨ ତାରିଖ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଦିନ ଦୀପ ଜାଳି ଦିନଟିକୁ ଦୀପାବଳି ଉତ୍ସବ ଭାବରେ ପାଳନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଲୋକମାନଙ୍କୁ ନିବେଦନ କରିଛନ୍ତି।

ଜିନ୍ଦଲନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସଫେଇ କାର୍ଯ୍ୟ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

ମେଷ
କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ପରିବହନ ବ୍ୟବସାୟରେ ଶିଥିଳତା ଦେଖାଦେବାରୁ ମନ ଭଲ ରହି ନ ପାରେ। ପରିବାର ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ। ପ୍ରକାଶନ, ପ୍ରଶାସନ, ଆଇନ ଅଦାଲତ, ବନ୍ଧୁ ସମ୍ପର୍କ, ଯାତ୍ରା ଓ ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି ପାଇବ।

ବୃଷ
ସକାଳୁ ସକାଳୁ ଦୀର୍ଘଦିନରୁ ଆଶା କରିଥିବା କାମଟି ଆଜି ହୋଇଯିବ। ଯାତ୍ରା କାଳରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସଂପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରି ଖୁସି ହୋଇପାରନ୍ତି।

ମିଥୁନ
କର୍ମକ୍ଷେତ୍ରରେ ବିବାଦୀୟ ବିଷୟ ନେଇ ଅନ୍ୟମନସ୍କ ରହିପାରନ୍ତି। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିପାରନ୍ତି। କିନ୍ତୁ ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ।

କର୍କଟ
ଅନ୍ୟାୟ ବିରୋଧରେ ସ୍ୱର ଉଠାଇଲେ ମଧ୍ୟ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ବ୍ୟବସାୟରୁ ଲାଭବାନ ହେବେ ଓ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାମ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

ସିଂହ
ନିଜର ଅବହେଳା ଓ ଅଳସୁଆମି ଯୋଗୁ କେତେକ କାମ ଅଧୁରା ରହିଯାଇପାରେ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଶୀଘ୍ର ଶେଷ କରିବାକୁ ମନସ୍ଥ କରିବେ। ବୃଦ୍ଧ ପିତାଙ୍କ ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ପର୍କୀୟ କଥା ସମ୍ପର୍କରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

କନ୍ୟା
ଆଜି ଅଟକି ରହିଥିବା କାମଗୁଡ଼ିକୁ ଶୀଘ୍ର ଶେଷ କରିଦେବା ପାଇଁ ଚେଷ୍ଟା କରିବେ। ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରି ପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ।

ତୁଳା
ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାଜନିତ ଟେନ୍‌ସନ ଲାଗିରହିବ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ ଓ ଉଚ୍ଚସ୍ତରରୁ ସମ୍ମାନିତ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇପାରନ୍ତି। ନିକଟ ସମ୍ପର୍କୀୟଙ୍କ କାମରେ ଅସନ୍ତୁଷ୍ଟ ରହିବେ।

ବିଛା
ଆଜିର କାମରେ ଟେନ୍‌ସନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ ସକାଶେ କୌଣସି ଅସୁବିଧା ହେବ ନାହିଁ।

ଧନୁ
ସଭା ସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ ଯାହାକି ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍‌ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ମାତୁଳାଳୟ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି। ପ୍ରତିଯୋଗିତାରେ ସଫଳତା ପାଇ ପ୍ରଶଂସିତ ହୋଇପାରନ୍ତି।

ମକର
ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମ, ମାଙ୍ଗଳିକ କାର୍ଯ୍ୟ ଓ ଲେଖାପଢ଼ାରୁ ଶୁଭଫଳ ପାଇବେ। ଛୋଟ ଘଟଣାକୁ ବଡ଼ ଆକାରରେ ଚିନ୍ତା କରି ବୃଥାରେ ସମୟ ଅପଚୟ କରିପାରନ୍ତି। ନିଜର କଥା ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ଅପ୍ରିୟ ଭାଜନ ହେବାକୁ ପଡ଼ିପାରେ।

କୁମ୍ଭ
ଆଜି ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ ପାରିବାରିକ ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

ମୀନ
ଆଜି ପରିବାର କଥାନେଇ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ପିତୃ ଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବିବାଦ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ଆତ୍ମୀୟତା ଭିତ୍ତିରେ କାମ କରି ପ୍ରଶଂସିତ ହେବେ।

ଆଜି ଜାନୁଆରୀ ୧୪ ତାରିଖ, ପୌଷ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନବାଙ୍କ ବେଶ ଓ ଫୁଲ ମେଲାଣ, କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର–ଦିବା ଘ.୧୦।୨୨ ଗତେ, ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଦିବା ଘ.୦୬।୨୭ ଗତେ ଘ.୧୦।୦୬ ମଧ୍ୟେ, ଘ.୦୧।୧୭ ଗତେ ଘ.୦୧।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା।

ଏଆଇ ଦେବ ପାଣିପାଗ ସୂଚନା

ନୂଆଦିଲ୍ଲୀ,୧୩।୧(ପି.ଟି.)

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପ୍ରତିଷ୍ଠାର ୧୫୦ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ପାଗ ସମ୍ପର୍କିତ ସମ୍ପୂର୍ଣ୍ଣ ଠିକ୍ ପୂର୍ବାନୁମାନ ମଡେଲ ପାଇଁ ଏବେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ତ୍ୱରିତ୍ ସୁପର କମ୍ପ୍ୟୁଟରର ଉପଯୋଗ ନେଇ ଯୋଜନା କରୁଛି। ଆଇଏମ୍‌ଡିର ମହାନିର୍ଦ୍ଦେଶକ (ଡିଜି) ମୃତ୍ୟୁଞ୍ଜୟ ମହାପାତ୍ର ଏକ ସାକ୍ଷାତ୍‌କାରରେ ଏହା କହିଛନ୍ତି। କାଳବୈଶାଖୀ ସୃଷ୍ଟି ଏବଂ ପ୍ରବଳ ମୌସୁମୀ ବର୍ଷା ପଛର ବାସ୍ତବ ପ୍ରକ୍ରିୟାକୁ ଭଲଭାବେ ବୁଝିବା ପାଇଁ ପାଣିପାଗ କାର୍ଯ୍ୟାଳୟ ଓଡ଼ିଶା ଏବଂ ମଧ୍ୟପ୍ରଦେଶରେ ପରୀକ୍ଷା କ୍ଷେତ୍ର ସ୍ଥାପନ କରିଛି। ପାଣିପାଗ ପୂର୍ବାନୁମାନରେ ଉନ୍ନତି ଆଣିବାରେ ଏହା ସହାୟକ ହୋଇପାରିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।

ଆଇଏମ୍‌ଡି ସୋମବାର 'ପଞ୍ଚାୟତ ପାଣିପାଗ ସେବା'

ମୃତ୍ୟୁଞ୍ଜୟ ମହାପାତ୍ର

ଶୁଭାରମ୍ଭ କରିବା ସହ ଏହାର ପ୍ରତିଷ୍ଠାର ୧୫୦ତମ ବାର୍ଷିକୀ ପାଳନ ଆରମ୍ଭ କରିବ। ପ୍ରତି ଗାଁର ଚାଷୀଙ୍କ ପାଖରେ ପାଣିପାଗ ପୂର୍ବାନୁମାନ ପହଞ୍ଚାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ମୁଖ୍ୟ ଜଳବାୟୁ ସୂଚନା ସମ୍ପର୍କିତ ଜାତୀୟ ଜଳବାୟୁ ସେବା ଫ୍ରେମ୍‌ୱର୍କ ସ୍ଥାପନ ଏହାର ଲକ୍ଷ୍ୟ।

ଉନବିଂଶ ଶତାବ୍ଦୀ ଶେଷ ଭାଗରେ କୋଲକାତା ବନ୍ଦରରେ ବାତ୍ୟା ସତର୍କତା ଜାରି ହେଉଥିଲା। ଏବେ ପ୍ରତ୍ୟେକ ୟୁଜରଙ୍କ ମୋବାଇଲ ଫୋନ୍‌ରେ ସତର୍କ ସୂଚନା ପହଞ୍ଚୁଛି। ଭାରତୀୟ ପାଣିପାଗ ବିଭାଗ ଇତିମଧ୍ୟରେ ବହୁ ପଥ ଅତିକ୍ରମ କରିଛି। ପୂର୍ବାନୁମାନ ସାମର୍ଥ୍ୟ ବଢ଼ାଇବା ପାଇଁ ଏଆଇ ଏବଂ ମେଶିନ୍ ଲର୍ନିଂ (ଏମ୍‌ଏଲ୍)ର ସଦ୍ୟତମ ଅଗ୍ରଗତିକୁ ବ୍ୟବହାର କରିବା ପାଇଁ ଯୋଜନା ହେଉଛି। ପାଣିପାଗ ବିଭାଗ ଏଆଇ-

ଏମ୍‌ଏଲ୍ ଉପରେ ଏକ ବିଶେଷଜ୍ଞ ଗ୍ରୁପ୍ ଗଠନ କରିଥିବାବେଳେ ପୂର୍ବାନୁମାନ ସଠିକତାରେ ଉନ୍ନତି ଆଣିବାରେ ବ୍ୟବହୃତ ହେବା ଭଳି ଉପକରଣର ମିଳିତ ବିକାଶ ପାଇଁ ଏନ୍‌ଆଇଟି, ଆଇଆଇଟି, ଆଇଆଇଆଇଟି, ଶିକ୍ଷାବିତ୍ ଏବଂ ଗବେଷଣା ଓ ବିକାଶ ସଂସ୍ଥାର ସହଯୋଗ ନିଆଯାଇଥିବା ମୃତ୍ୟୁଞ୍ଜୟ କହିଛନ୍ତି। ନାଓକାଷ୍ଟ ଏକ ଭଲ କ୍ଷେତ୍ର ହୋଇପାରିବ, ଯେଉଁଠି ପାଣିପାଗ ପୂର୍ବାନୁମାନ ଓ ନିଷ୍ପତ୍ତି ନେବାରେ ଉନ୍ନତି ଆଣିବାରେ ଏଆଇ/ଏମ୍‌ଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିପାରିବ ବୋଲି ଆଇଏମ୍‌ଡି ଏମ୍‌ଡି କହିଛନ୍ତି। ଏହା ବ୍ୟତୀତ ପାଣିପାଗ କାର୍ଯ୍ୟାଳୟ ସାଂଖ୍ୟିକ ମଡେଲିଂ ସାମର୍ଥ୍ୟରେ ଉନ୍ନତି ଲାଗି ଉଚ୍ଚ ପ୍ରଦର୍ଶନକାରୀ କମ୍ପ୍ୟୁଟିଂ ସିଷ୍ଟମ୍‌ର ଉନ୍ନତି କରିଛି। ଭୂବିଜ୍ଞାନ ମନ୍ତ୍ରଣାଳୟ ହାଇପର୍ଫର୍ମାନ୍ସ କମ୍ପ୍ୟୁଟିଂ ସିଷ୍ଟମ୍ କିଣିବା ପ୍ରକ୍ରିୟାରେ ରହିଛି। ଫଳରେ ପାଣିପାଗ କାର୍ଯ୍ୟାଳୟର ସାମର୍ଥ୍ୟ ୧୦ ପେଟାଫ୍ଲପ୍‌ରୁ ୩୦ ପେଟାଫ୍ଲପ୍‌କୁ ବୃଦ୍ଧି ପାଇବ। ଏହାଦ୍ୱାରା ସାଂଖ୍ୟିକ ମଡେଲ୍ କାର୍ଯ୍ୟସମୟ, ପ୍ରକ୍ରିୟା ପରବର୍ତ୍ତୀ ଡେଟା ସୃଷ୍ଟିରେ ଉନ୍ନତି ଘଟିବ। ତ୍ୱରିତ୍ ସୁପର କମ୍ପ୍ୟୁଟର ନିର୍ଦ୍ଦିଷ୍ଟ ସେକ୍ଟର ଏବଂ ସ୍ଥାନ ସମ୍ପର୍କରେ ସୂଚନା ସୃଷ୍ଟି କରିପାରିବ। ବର୍ତ୍ତମାନ ଆଇଏମ୍‌ଡିର ପାଣିପାଗ ମଡେଲିଂ ସିଷ୍ଟମର ରିଜୋଲ୍ୟୁଶନ ୧୨ କିଲୋମିଟର ରହିଥିବାବେଳେ ଏହାକୁ ୬ କିଲୋମିଟରରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଆଞ୍ଚଳିକ ମଡେଲିଂ ସିଷ୍ଟମକୁ ୩ କିଲୋମିଟରରୁ ୧ କିଲୋମିଟରକୁ ଉନ୍ନୀତ କରାଯିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।

ରୂପାନ୍ତରଣ ନୂଆ ଜାଗରଣ ମାର୍ଗ ପ୍ରଶସ୍ତ କରିଛି: ମୁଖ୍ୟମନ୍ତ୍ରୀ

୫-ଟି ସ୍କୁଲ ରୂପାନ୍ତରଣର ୪ର୍ଥ ପର୍ଯ୍ୟାୟ

- ଦ୍ୱିତୀୟ ଦିବସରେ ୬ ଜିଲାର ୩୨୭ ସ୍କୁଲ ଲୋକାର୍ପିତ
- ପିଲାଙ୍କ ଭିତରେ ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିଛି ସ୍କୁଲ ରୂପାନ୍ତରଣ: ପାଣ୍ଡିଆନ୍

ଭୁବନେଶ୍ୱର,୧୩।୧(ଅନିଲ ଦାସ)

୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଦ୍ୱିତୀୟ ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ମାଲକାନଗିରି, ବାଲେଶ୍ୱର, ଗଜପତି, ଢେଙ୍କାନାଳ, କେନ୍ଦୁଝର ଓ କଟକ ଆଦି ୬ଟି ଜିଲାର ୩୨୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ମାଲକାନଗିରି ଜିଲାର ୩୫ଟି ହାଇସ୍କୁଲ, ବାଲେଶ୍ୱରର ୭୬, ଗଜପତିର ୨୮, ଢେଙ୍କାନାଳର ୬୩, କେନ୍ଦୁଝରର ୪୫ ଓ କଟକର ୮୦ ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏବେ ଓଡ଼ିଶାରେ ରୂପାନ୍ତରର ଯୁଗ ଚାଲିଛି। ଶିକ୍ଷା ହିଁ ଆମ ସମାଜର ସାମୂହିକ ଚିନ୍ତାଧାରାକୁ ଉଚ୍ଚସ୍ତରକୁ ନେଇଥାଏ। ସ୍କୁଲ ରୂପାନ୍ତର ଓଡ଼ିଆ ଜାତିରେ ନୂଆ ଜାଗରଣର ମାର୍ଗ ପ୍ରଶସ୍ତ କରିଛି। ଆଗାମୀ ଦିନରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସ୍କୁଲ କଲେଜଠାରୁ ଆରମ୍ଭ କରି ହସ୍ପିଟାଲ, ପର୍ଯ୍ୟଟନ କ୍ଷେତ୍ର, ମଠ ମନ୍ଦିର, ପଞ୍ଚାୟତ, ଗାଁ ସବୁଠାରେ ରୂପାନ୍ତର କାର୍ଯ୍ୟ ଚାଲିଛି। ଏକ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ଏହି ରୂପାନ୍ତର ରାସ୍ତା ପ୍ରସ୍ତୁତ କରୁଛି। ରୂପାନ୍ତର କାର୍ଯ୍ୟକ୍ରମ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସ୍କୁଲ ରୂପାନ୍ତର କାର୍ଯ୍ୟ। ସ୍କୁଲରୁ ହିଁ ଗୋଟିଏ ଜାତିର ଭବିଷ୍ୟତ ନିର୍ମାଣ ହୋଇଥାଏ। ଏହି ରୂପାନ୍ତର କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ଲାବରେଟୋରୀର ବ୍ୟବସ୍ଥା କରାଯାଇଛି। ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏବେ ସରକାରୀ ସ୍କୁଲଗୁଡ଼ିକ ଶ୍ରେଷ୍ଠ ମାଧ୍ୟମ ହୋଇଛି। ଏହି ରୂପାନ୍ତରିତ ସ୍କୁଲର ଠିକ୍ ଉପଯୋଗ କରି ଭଲ ପାଠ ପଢ଼ି ଏକ ସୁନ୍ଦର ଭବିଷ୍ୟତ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ ୩ଟି ପର୍ଯ୍ୟାୟରେ ରାଜ୍ୟରେ ୬୮୮୩ଟି ସ୍କୁଲ ରୂପାନ୍ତରିତ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେବ। ଏହି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୭୭ ସ୍କୁଲ ରୂପାନ୍ତରିତ ହେବ। କାର୍ଯ୍ୟକ୍ରମରେ ଯୋଗଦେଇ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି, ୫-ଟି ସ୍କୁଲ ରୂପାନ୍ତର ପିଲାଙ୍କ ମଧ୍ୟରେ ଭଲ ପାଠ ପଢ଼ି ବଡ଼ ହେବାର ସ୍ୱପ୍ନକୁ ଜାଗ୍ରତ କରିପାରିଛି। ସରକାରୀ ସ୍କୁଲରେ ପାଠ ପଢ଼ି ବହୁତ ପିଲା ବଡ଼ ମଣିଷ ହୋଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ମାଲକାନଗିରିରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱରରେ ବିଧାୟକ ସ୍ୱରୂପ କୁମାର ଦାସ, ଗଜପତିରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କେନ୍ଦୁଝରରେ ବିଧାୟକ ଜଗନ୍ନାଥ ନାୟକ ଏବଂ କଟକରେ ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରି କହିଥିଲେ।

ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ। ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ନୀଳଗିରିରୁ ଗଡ଼ିଲା ମେମୁ ଟ୍ରେନ୍

ଟ୍ରେନ୍ ଚଳାଚଳ ଶୁଭାରମ୍ଭ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ।

ବାଲେଶ୍ୱର(ମାନସ ବିଶ୍ୱାଳ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ରେମୁଣା(ରବୀନ୍ଦ୍ର ମହାକୁଡ଼),୧୩।୧

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ଗୋପୀନାଥପୁରରେ ନବ ନିର୍ମିତ ରେଳ ଷ୍ଟେଶନ ଶନିବାର ଲୋକାର୍ପିତ ହେବା ସହ ନୀଳଗିରିରୁ ବାଲେଶ୍ୱରକୁ ମେମୁ ଟ୍ରେନ୍ ଚଳାଚଳ କରିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାର ଶୁଭାରମ୍ଭ କରିଛନ୍ତି। ନୀଳଗିରିରୁ ବାଲେଶ୍ୱର ୧୭ କି.ମି.ରାସ୍ତାକୁ ମାତ୍ର ୧୦ଟଙ୍କା ଭଡ଼ା ରଖାଯାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି।

ଆୟୋଜିତ ସଭାରେ ରେଳ ମନ୍ତ୍ରୀ ବୈଷ୍ଣବ ଯୋଗଦେଇ କହିଛନ୍ତି, ନୀଳଗିରିରୁ ବେତନଟୀକୁ ରେଳ ଲାଇନ୍ ସଂଯୋଗ କରାଯିବ। ଏନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହିତ ବିଧାୟକ ସୁକାନ୍ତ ନାୟକଙ୍କ ଅନୁରୋଧ କ୍ରମେ ଖନ୍ତାପଡ଼ାଠାରେ ଫ୍ଲାଇଓଭର ବ୍ରିଜ୍ ନିର୍ମାଣ ପାଇଁ ରେଳମନ୍ତ୍ରୀ ସବୁଜ ସଂକେତ ଦେଇଛନ୍ତି। ସଭାରେ ଉପସ୍ଥିତ ଥିବା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ମେମୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବାରୁ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ପୂର୍ବ ରେଲୱେ ଡିଆର୍‌ଏମ୍ କେ. ଆର. ଚୌଧୁରୀ, ଖଡଗପୁର ଡିଭିଜନର ଜେନେରାଲ ମ୍ୟାନେଜର ଅନିଲ ମିଶ୍ରଙ୍କ ସହିତ ବହୁ ପଦାଧିକାରୀ ଯୋଗ ଦେଇଥିଲେ। ପରେ ରେଳମନ୍ତ୍ରୀ ବୈଷ୍ଣବ ନୀଳଗିରି ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ମନ୍ଦିର ବେଢ଼ାରେ ସମସ୍ତଙ୍କ ବସି ପ୍ରସାଦ ସେବନ କରିଥିଲେ।

ପୂର୍ବାହ୍ନରେ ରେଳମନ୍ତ୍ରୀ ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିର ଯାଇ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେଠାରେ ସ୍ଥାନୀୟ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ଏକ ଯାତ୍ରୀ ନିବାସର ଆବଶ୍ୟକତାକୁ ହୃଦୟଙ୍ଗମ କରି ଏଥିପାଇଁ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ଏହି ସମୟରେ ସେ ଗୋପୀନାଥ ମନ୍ଦିର ସାମ୍ନାରେ ଥିବା ଏକ ଚା ଦୋକାନରେ ଲୋକଙ୍କ ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ନିଜେ ସେଠାରୁ ଚା ପିଇବା ସହ ଦୋକାନୀଙ୍କୁ ଡିଜିଟାଲ ପେମେଣ୍ଟ କରିଥିଲେ।

ବଗିକୁ ଛାଡ଼ି ଚାଲିଗଲା ଇଞ୍ଜିନ

ଗୁଣପୁର,୧୩।୧(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଷ୍ଟେଶନଠାରୁ କିଛି ଦୂର କପିଳପୁର ନିକଟରେ ଶନିବାର ଅପରାହ୍ନ ୪ଟା ୧୦ରେ ଗୁଣପୁର-ବିଶାଖାପାଟଣା ଟ୍ରେନ୍‌ର ଇଞ୍ଜିନ ବଗିକୁ ଛାଡ଼ି ଅଳ୍ପ ଦୂର ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ଲୋକୋ ପାଇଲଟଙ୍କୁ ଜଣାଇବା ପରେ ସେ ଇଞ୍ଜିନ ଅଟକାଇଥିଲେ। ବଗି ସହ ଇଞ୍ଜିନ ସଂଯୋଗ ହେବା ପରେ ଅପରାହ୍ନ ୪ଟା ୨୫ରେ ଟ୍ରେନ୍ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥିଲା। ସୂଚନାଯୋଗ୍ୟ, ଗୁଣପୁରଠାରୁ ଟ୍ରେନ୍ ଅପରାହ୍ନ ୧ଟା ୫୫ରେ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥାଏ। ହେଲେ ଗୁଣପୁର ନୌପଡା ମଧ୍ୟରେ ଗୋଟିଏ ଲାଇନ ରହିଥିବାରୁ ଟ୍ରେନ୍ ଚଳାଚଳ ବିଳମ୍ବ ହେଉଛି। ରାଉରକେଲା-ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ ବିଳମ୍ବରେ ଆସୁଥିବାରୁ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ ବିଳମ୍ବରେ ଗୁଣପୁର-ବିଶାଖାପାଟଣା ଟ୍ରେନ୍‌ଯାତ୍ରା କରିଥିଲା।

ଗୁଣପୁର-ବିଶାଖାପାଟଣା ଟ୍ରେନ୍ ଇଞ୍ଜିନ ବଗିଠାରୁ ଅଲଗା ହୋଇଯାଇଛି।



ନ୍ଧର୍ମର ଯୁଗ ସରିଗଲାଣି। ଆମେ ବର୍ତ୍ତମାନ ସାର୍ବଜନୀନ ଆଧ୍ୟାତ୍ମିକ ଯୁଗରେ ପ୍ରବେଶ କଲୁଣି। ଆମେ ଆଧ୍ୟାତ୍ମିକତାର ମୌଳିକ ଶୁଦ୍ଧତାକୁ ଉପଲବ୍ଧି କରିବୁ। (ଧାର୍ମିକ ମତାନ୍ଧତାକୁ ନୁହଁ।)
–ଶ୍ରୀମା

ଅଯୋଧ୍ୟା ଓ ଆଡ୍‌ଭାନୀ

ଆକାର ପଟେଲ

ଅଯୋଧ୍ୟାରେ ମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଛି। ଏହା ଇତିହାସର ଏମିତି ଏକ ଅଧ୍ୟାୟକୁ ଲୁଚାଇ ରଖୁଛି, ଯାହାକୁ ଅନେକ ଯୁବକ ଜାଣିପାରିବେ ନାହିଁ। କିନ୍ତୁ ଆମେ ଯେତିକ ରହିଲେ ତାହା ଜାଣିଛୁ ଓ ଅନୁଭବ କରିଛୁ। ୪ ଦଶନ୍ଧି ଧରି ମାନ୍ଦା ରହିବା ପରେ ଭାଜପାକୁ ଶକ୍ତି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ସହ ଏହି ଇତିହାସ ଜଡ଼ିତ। ବିରୋଧୀ ଜନତା ପାର୍ଟିରେ ମିଶିବା ପୂର୍ବରୁ ଶେଷ ସାଧାରଣ ନିର୍ବାଚନରେ ବାଜପେୟୀଙ୍କ ନେତୃତ୍ୱାଧୀନ ଜନସଂଘ ଅନ୍ୟ ଦୁଇଟି ଦଳ ସହ ମିଳିତ ମଞ୍ଚରେ ପ୍ରତିଦ୍ୱନ୍ଦ୍ୱିତା କରି ୨୨ ଆସନ ଜିତିଥିଲା। ପୂର୍ବ ୪ଟି ସାଧାରଣ ନିର୍ବାଚନରେ ଏହା ୩, ୪, ୧୪ ଏବଂ ୩୫ଟି ଆସନ ଜିତିଥିଲା ଏବଂ କୌଣସିଟିରେ ଜାତୀୟ ସ୍ତରରେ ୯%ରୁ ଅଧିକ ଭୋଟ ପାଇପାରି ନ ଥିଲା। ଏହାର ଇତିହାସରେ ଦଳ ନିଜେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଶେଷ ବିଧାନସଭା ନିର୍ବାଚନକୁ ବର୍ଣ୍ଣନା କରିଛି। ଉଲ୍ଲେଖ କରିଛି ଯେ, ୧୯୭୨ ବିଧାନସଭା ନିର୍ବାଚନରେ (ଭାରତର ବିଭିନ୍ନ ରାଜ୍ୟ ପାଇଁ) ଜନସଂଘ ଭାଗ ନେଇଥିଲା। ୧୨୩୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରି ମୋଟ ୮% ଭୋଟ ପାଇ ମାତ୍ର ୧୦୪ଟି ଆସନରେ ଏହା ବିଜୟୀ ହୋଇଥିଲା। ପ୍ରାୟ ସମସ୍ତ ରାଜ୍ୟରେ ଏହା ବିପୁଳ କ୍ଷତି ସହିଥିଲା...., ବୋଲି ଦର୍ଶାଇଛି। ପାର୍ଟି ଏକ ସ୍ତରରେ ପହଞ୍ଚିବା ପରେ ୧୯୮୪ ସାଧାରଣ ନିର୍ବାଚନରେ ଲଢ଼ି ୭% ଭୋଟ ପାଇ ୨ଟି ଲୋକ ସଭା ଆସନ ଜିତିଥିଲା। ୧୯୮୬ରେ ଆଡ୍‌ଭାନୀ ଦଳର ଦାୟିତ୍ୱ ନେଇଥିଲେ।

ଅଯୋଧ୍ୟା ପ୍ରସଙ୍ଗ ପ୍ରକୃତରେ ଆର୍‌ଏସ୍‌ଏସ୍‌ରେ ଥିବା ଅଣରାଜନୈତିକ ଗୋଷ୍ଠୀ ଦ୍ୱାରା ଆରମ୍ଭ କରାଯାଇଥିଲା ଓ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ନେତୃତ୍ୱରେ ଆଗକୁ ବଢ଼ିଥିଲା। ୧୯୮୩ରେ ୟୁପିରେ ଅନୁଷ୍ଠିତ ଏକ ସଭାରେ ରାଜେନ୍ଦ୍ର ସିଂ(ପରେ ଆର୍‌ଏସ୍‌ଏସ୍ ମୁଖ୍ୟ ହୋଇଥିଲେ) ବାବ୍ରି ମସ୍‌ଜିଦକୁ ହିନ୍ଦୁଙ୍କ ପାଇଁ ଖୋଲିବାକୁ ଦାବି କରିଥିଲେ। ସେପ୍ଟେମ୍ବର ୧୯୮୪ରେ ଭିଏଚ୍‌ପି ମସ୍‌ଜିଦ ବିରୋଧରେ ଅଭିଯାନ ଆରମ୍ଭ କରିଥିଲା। ୧୯୮୬ରେ ସେମାନେ ତାଲା ଭାଙ୍ଗି ମସ୍‌ଜିଦ ଖୋଲିବେ ବୋଲି କହିଥିଲେ। ଏହାକୁ ନେଇ ସେତେବେଳର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଚାପର ସମ୍ମୁଖୀନ ହୋଇଥିଲେ । ତାଙ୍କ ସରକାର କୋର୍ଟଙ୍କୁ କହିଥିଲେ ଯେ, ଯଦି ଏହା ଘଟେ ତେବେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ନାହିଁ। ଏହିପରି ଭାବେ ତାଲା ଖୋଲା ଯାଇ ହିନ୍ଦୁମାନଙ୍କୁ ମସ୍‌ଜିଦ ଭିତରକୁ ଯିବାକୁ ଦିଆଗଲା। ଭିଏଚ୍‌ପି ସେତିକିରେ ଅଟକି ଯାଇ ନ ଥିଲା। ଏହାର ଲକ୍ଷ୍ୟ ଥିଲା ମସ୍‌ଜିଦ ଭାଙ୍ଗିବା। ଫେବୃଆରୀ ୧୯୮୯ ରେ ଆଲ୍ଲାହାବାଦର କୁମ୍ଭମେଳାରେ ଭିଏଚ୍‌ପି କହିଥିଲା, ଏହା ନଭେମ୍ବରରେ ମନ୍ଦିର ପାଇଁ ଶୁଭ ଦେବ। ଭିଏଚ୍‌ପି ସମଗ୍ର ଦେଶରୁ ଇଟା ସଂଗ୍ରହକରି ନଭେମ୍ବରରେ ଶୋଭାଯାତ୍ରାରେ ଆଣି ଅଯୋଧ୍ୟାରେ ପହଞ୍ଚାଇବ ବୋଲି କହିଥିଲା। ଆଡ୍‌ଭାନୀ ତାଙ୍କ ଆତ୍ମଜୀବନୀ(୨୦୦୮ରେ ପ୍ରକାଶିତ ମୋ ଦେଶ, ମୋ ଜୀବନ)ରେ ଲେଖିଛନ୍ତି ଯେ, ବିଜୟରାଜ ସିନ୍ଧିଆ ଏବଂ ବିନୟ କଟିଆରଙ୍କ ପରି ଭାଜପାର କେତେଜଣ ସଦସ୍ୟ ଅଯୋଧ୍ୟା ଆନ୍ଦୋଳନରେ ଯୋଗଦେଇଥିଲେ। ତେବେ ମୁଖ୍ୟ ସ୍ରୋତ ରାଜନୀତିରେ ଏହା ଏକ ପ୍ରସଙ୍ଗ ନ ଥିଲା। କିନ୍ତୁ ଜୁନ୍‌ରେ ହିମାଚଳ ପ୍ରଦେଶରେ ଅନୁଷ୍ଠିତ ଭାଜପା ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଆଡ୍‌ଭାନୀ ଏହି ପ୍ରସଙ୍ଗକୁ ସମର୍ଥନ କରିଥିଲେ। ଭାଜପା ସଂକଳ୍ପ ପତ୍ରରେ ଦାବି କରାଯାଇଥିଲା ଯେ, ଏହି ସ୍ଥାନ ହିନ୍ଦୁମାନଙ୍କୁ ହସ୍ତାନ୍ତର କରାଯାଉ ଏବଂ ଅନ୍ୟ କୌଣସି ଉପଯୁକ୍ତ ସ୍ଥାନରେ ମସ୍‌ଜିଦ ନିର୍ମାଣ କରାଯାଉ। କିଛି ମାସ ପରେ ନଭେମ୍ବର ୧୯୮୯ରେ ନିର୍ବାଚନ ହେଲା। ଭାଜପାର ଇସ୍ତାହାରରେ ପ୍ରଥମେ ଅଯୋଧ୍ୟା ପ୍ରସଙ୍ଗ ଉଲ୍ଲେଖ କରାଯାଇଥିଲା। ଏହା ଭାଜପାର ନିଜସ୍ୱ ସମ୍ବିଧାନର ଉଲ୍ଲଂଘନ ଥିଲା, କାରଣ ପ୍ରଥମ ପୃଷ୍ଠାରେ ଏବଂ ପ୍ରାରମ୍ଭିକ ପ୍ରବନ୍ଧରେ ଏହା ଧର୍ମନିରପେକ୍ଷତା ନୀତି ପ୍ରତି ପ୍ରକୃତ ବିଶ୍ୱାସ ରଖିବ ଏବଂ ପାଳନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ୧୯୮୯ ନିର୍ବାଚନର କିଛିଦିନ ପୂର୍ବରୁ ଭିଏଚ୍‌ପି ସମଗ୍ର ଭାରତରୁ ଅଯୋଧ୍ୟାକୁ ଶୋଭାଯାତ୍ରାରେ ଆସି ମସ୍‌ଜିଦ ପାଖରେ ମୂଳଦୁଆ ପକାଇଲା। ଫଳରେ ନିର୍ବାଚନରେ ଆଡ୍‌ଭାନୀଙ୍କ ନେତୃତ୍ୱାଧୀନ ଭାଜପା ୮୫ଟି ଆସନ ଜିତିଥିଲା, ଯାହା ପୂର୍ବ ନିର୍ବାଚନରେ ଜନସଂଘ ଏକାକୀ ଲଢ଼ି ଜିତିଥିବା ଆସନର ୪ଗୁଣ ଏବଂ ବାଜପେୟୀଙ୍କ ପ୍ରଥମ ପୁନର୍ଗଠିତ ତଥା ପୁନଃ ନାମିତ ଦଳଠାରୁ ୪୦ ଗୁଣରୁ ଅଧିକ ଥିଲା। ଫଳରେ ଆଡ୍‌ଭାନୀ ଆର୍‌ଏସ୍‌ଏସ୍‌ର ସବୁଠାରୁ ସଫଳ ରାଜନେତା ହୋଇପାରିଥିଲେ। ଏଣୁ ଦଳକୁ ଅଧିକ ଲାଭ ଦେଇଥିବା ପ୍ରସଙ୍ଗ ଉପରେ ସେ ଅଧିକ ସମୟ ଦେବାକୁ ଲାଗିଲେ। ଏହି ନିର୍ବାଚନରେ କଂଗ୍ରେସ ବହୁମତ ପାଇପାରି ନ ଥିଲା। ଆଡ୍‌ଭାନୀଙ୍କ ସମର୍ଥନରେ ଭି.ପି.ସିଂଙ୍କ ନେତୃତ୍ୱରେ ଏକ ମେଣ୍ଟ ସରକାର ଗଠନ ହେଲା, ଯଦିଓ ଏହା କମ୍ ସମୟ ପାଇଁ ତିଷ୍ଠି ରହିଥିଲା। ନିର୍ବାଚନର ୩ ମାସ ପରେ, ଫେବୃଆରୀ ୧୯୯୦ରେ ଭିଏଚ୍‌ପି ପୁନର୍ବାର ମସ୍‌ଜିଦ ବିରୋଧରେ ଆନ୍ଦୋଳନ ଆରମ୍ଭ କରି ଅକ୍ଟୋବରରେ ହେବାକୁ ଥିବା କରସେବା ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି କହିଥିଲା।

ଆଡ୍‌ଭାନୀ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ, ଜୁନ୍‌ରେ ଲଣ୍ଡନ ଯିବାର ଥିଲା ଏବଂ ଯିବା ପୂର୍ବରୁ ସେ ଆର୍‌ଏସ୍‌ଏସ୍ ପତ୍ରିକା ପଞ୍ଚଜନ୍ୟର ସମ୍ପାଦକଙ୍କୁ ସାକ୍ଷାତ୍‌କାର ଦେଇଥିଲେ । ସରକାର ଅଯୋଧ୍ୟା ସମସ୍ୟାର ସମାଧାନ କରିବାରେ ବିଫଳ ହେଲେ କ'ଣ ହେବ ବୋଲି ପତ୍ରିକାର ସମ୍ପାଦକ ଆଡ୍‌ଭାନୀଙ୍କୁ ପ୍ରଶ୍ନ କରିଥିଲେ। ଆଡ୍‌ଭାନୀ କହିଥିଲେ, ୩୦ ଅକ୍ଟୋବରରେ କାରସେବା ଆରମ୍ଭ ହେବା ନିଷ୍ପତ୍ତିକୁ ଭାଜପା ସମର୍ଥନ କରେ । ଯଦି ତାହାକୁ ବନ୍ଦ କରାଯାଏ ତେବେ ଭାଜପା ନେତୃତ୍ୱରେ ଏକ ଗଣ ଆନ୍ଦୋଳନ ହେବ। ଯେତେବେଳେ ତାଙ୍କ ସ୍ତ୍ରୀ ତାଙ୍କୁ ଟେଲିଫୋନ କରି ପଚାରିଲେ, ''ତୁମେ କ'ଣ କହିଛ ?'' ; ''ସତ କହିବାକୁ ଗଲେ ମୁଁ ଏହି ସାକ୍ଷାତ୍‌କାର ବିଷୟରେ ଭୁଲି ଯାଇଥିଲି'' ବୋଲି ସେ ଲେଖିଛନ୍ତି । 'ଅଯୋଧ୍ୟା ଉପରେ ଆଡ୍‌ଭାନୀ ସ୍ୱାଧୀନ ଭାରତ ଇତିହାସରେ ସବୁଠୁ ବଡ଼ ଜନ ଆନ୍ଦୋଳନ ପାଇଁ ଧମକ ଦେଇଛନ୍ତି' ଶୀର୍ଷକ ଖବର ଏଠାରେ ପ୍ରକାଶ ପାଇଥିବା ତାଙ୍କ ସ୍ତ୍ରୀ କହିଥିଲେ। ଆଡ୍‌ଭାନୀ ଲେଖିଛନ୍ତି, ଆନ୍ଦୋଳନ ଆରମ୍ଭ ହୋଇଯାଇଛି, ଏହା ବନ୍ଦ ହେବ ନାହିଁ କି ପରିବର୍ତ୍ତନ ହେବନାହିଁ। ବାସ୍ତବରେ ତାଙ୍କ ରଥଯାତ୍ରାରେ କ'ଣ ଘଟିଥିଲା ତାହା ଲିପିବଦ୍ଧ ହୋଇ ରହିଛି। ହିଂସାରେ ପ୍ରାୟ ୩,୪୦୦ ଭାରତୀୟଙ୍କର ମୃତ୍ୟୁ ଘଟିଥିଲା ଏବଂ ଧ୍ରୁବୀକରଣ ଭାଜପାକୁ କ୍ଷମତାର ଦ୍ୱାରଦେଶରେ ପହଞ୍ଚାଇ ଦେଇଥିଲା।

Email:aakar.patel@gmail.com

ଯୁଦ୍ଧ ଓ ଭସ୍ମାସୁର ମଣିଷ

ପ୍ର.ରମେଶ ଚନ୍ଦ୍ର ପରିଡ଼ା

ଆଧୁନିକ ପରିଭାଷାରେ ଯୁଦ୍ଧ ରୂପେ ପରିଚିତ ହେଲା ଭଳି ପ୍ରଥମ ଘଟଣା ଭାବେ ଐତିହାସିକମାନେ ଗ୍ରହଣ କରିଥା'ନ୍ତି ଖ୍ରୀଷ୍ଟଜନ୍ମର ୪୩୧ ବର୍ଷ ପୂର୍ବେ ଘଟିଥିବା 'ପେଲୋପୋନେସିୟାନ୍ ଯୁଦ୍ଧ'କୁ। ଏଥିରେ ତଦାନୀନ୍ତନ ସ୍ପାର୍ଟା ସଭ୍ୟତାର ସୈନିକମାନେ ଏଥେନ୍ସକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ। ଏହା ପରଠାରୁ ଘଟିଥିବା ଯୁଦ୍ଧଗୁଡ଼ିକୁ ତା'ର ସମୟକାଳ ନେଇ ତିନୋଟି ଭାଗରେ ବିଭକ୍ତ କରାଯାଏ। ତନ୍ମଧ୍ୟରୁ ପ୍ରଥମଟି ଅର୍ଥାତ୍ 'ପ୍ରାଚୀନ ଯୁଗ'ର (୫୦୦ ମସିହା ପୂର୍ବରୁ) ୨୨ଟି ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧରେ ପ୍ରାୟ ୨୬୭ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି 'ମଧ୍ୟଯୁଗୀୟ' (୫୦୦ରୁ ୧୫୦୦ ମସିହା ମଧ୍ୟରେ)ରେ ଘଟିଥିବା ବଡ଼ ବଡ଼ ୨୫ଟି ଯୁଦ୍ଧ ପ୍ରାୟ ୧୨୦୮ ଲକ୍ଷ ଜୀବନ ନେବାକୁ ସମର୍ଥ ହୋଇଥିଲା ବେଳେ 'ଆଧୁନିକ ଯୁଗ' (୧୫୦୦ ମସିହାରୁ ବର୍ତ୍ତମାନ)ରେ ଅଦ୍ୟାବଧି ପଞ୍ଜୀକୃତ ପ୍ରାୟ ୧୬୫ଟି ଯୁଦ୍ଧରେ ମୃତ୍ୟୁସଂଖ୍ୟା ରହିଛି ୭୦୦୦ ଲକ୍ଷରୁ ଅଧିକ। ଏହାବ୍ୟତୀତ ଛୋଟ ଛୋଟ ପ୍ରାୟ ୨୦୦ ଯୁଦ୍ଧରେ ଏହା ୨୫୦୦ ଲକ୍ଷକୁ ଟପିଯାଇଛି। ପୁନଶ୍ଚ ଏସବୁରେ ପରୋକ୍ଷ ମୃତ୍ୟୁ କଥା ବିଚାରକୁ ନିଆଯାଇନାହିଁ। ଅତଏବ କାଳକ୍ରମେ ଏହାର ଧ୍ୱଂସକାରୀ ସାମର୍ଥ୍ୟ ବଢ଼ି ବଢ଼ି ଚାଲିଛି। ଏହା ମଧ୍ୟରେ ରହିଛି ଆମର ଅଙ୍ଗେନିଭା ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ (ମୃତ୍ୟୁସଂଖ୍ୟା ଯଥାକ୍ରମେ ପ୍ରାୟ ୧୭୦ ଏବଂ ୮୦୦ ଲକ୍ଷରୁ ଅଧିକ), ଭିଏଟ୍‌ନାମ ଯୁଦ୍ଧ (ପ୍ରାୟ ୪୩ ଲକ୍ଷ), ଇରାନ୍–ଇରାକ୍ ଯୁଦ୍ଧ (ପ୍ରାୟ ୧୫ ଲକ୍ଷ) ଏବଂ ଆଫଗାନ୍ ଯୁଦ୍ଧ (୨୫ ଲକ୍ଷରୁ ଅଧିକ)। ପୁନଶ୍ଚ ଏବେ ଚାଲିଛି ରୁଷିଆ–ୟୁକ୍ରେନ୍ ମଧ୍ୟରେ ଏବଂ ଇସ୍ରାଏଲ୍–ହମାସ୍ ମଧ୍ୟରେ ଯୁଦ୍ଧ। ଅଦ୍ୟାବଧି ଏଥିରେ ଯଥାକ୍ରମେ ୩୦/୩୫ ହଜାର ଏବଂ ପ୍ରାୟ ୨୫ ହଜାର ଲୋକଙ୍କର ମୃତ୍ୟୁ ଘଟିବାର ଅନୁମାନ କରାଯାଏ।

ଯୁଦ୍ଧରେ ବିଜୟ ଯାହାର ହେଉନା କାହିଁକି ସେ ଉଭୟ ପକ୍ଷର ଅର୍ଥନୀତି ଉପରେ ପଡ଼ିଥାଏ ଏହାର ଗମ୍ଭୀର ପ୍ରଭାବ: ଯାହାକି ଆକଳନ ଅସମ୍ଭବ। ତେବେ ତାଙ୍କର 'ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ' (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡ୍ୟୁସ୍) ବା 'ଡିଜିପି' ହାନି ବିଚାରକୁ ନେଲେ ଏ ସମ୍ପର୍କରେ କିଛିଟା ଅନୁମାନ କରାଯାଇପାରେ। ପୁନଶ୍ଚ ପୃଥିବୀର ଅନ୍ୟାନ୍ୟ ଦେଶର ଅର୍ଥନୀତି ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼େ। କେବଳ ୨୦୧୯ ପାଇଁ 'ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ୍ ଏଣ୍ଡ ପିସ୍' ଦ୍ୱାରା ଯୁଦ୍ଧ ପ୍ରଭାବିତ 'ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ' ସମ୍ପର୍କରେ ପ୍ରଦତ୍ତ ଏକ ସୂଚନାର ଏଥିରେ ଅବତାରଣା କରାଗଲା। ତଦନୁଯାୟୀ ସେବର୍ଷ ଏହା ଯୋଗୁ ବିଶ୍ୱର ତାହା ୮.୫ ଶତାଂଶ ପ୍ରଭାବିତ ହୋଇଥିଲା। ତେବେ ସର୍ବାଧିକ କେତେକ ଦେଶ ପାଇଁ ଏହାଥିଲା ୬୦ ଶତାଂଶ ପାଖାପାଖି, ଯାହାକି ପ୍ରଥମ ୧୦ଟି ଦେଶ ପାଇଁ ହାରାହାରି ୪୧ ଶତାଂଶ। ଏହି ଦେଶଗୁଡ଼ିକ ମଧ୍ୟରେ ରହିଛି ସିରିଆ (୫୯.୧%), ଆଫଗାନିସ୍ତାନ (୫୦.୩%) ଏବଂ ଦକ୍ଷିଣ ସୁଦାନ (୪୬.୩%)। ଅସ୍ତ୍ରଶସ୍ତ୍ର କ୍ରୟ ସମେତ

ସମସ୍ତ ସାମରିକ ବ୍ୟୟ, ସ୍ଥାନାନ୍ତର, ହତ୍ୟା, ଅକାଳ ମୃତ୍ୟୁ, ଅକର୍ମଣ୍ୟ ହେବା, ହିଂସାକାଣ୍ଡ ବୃଦ୍ଧି ଇତ୍ୟାଦି ଏଥିପାଇଁ ଦାୟୀ। ଅନ୍ୟପକ୍ଷରେ, ସର୍ବାଧିକ ଶାନ୍ତିପୂର୍ଣ୍ଣ ଦେଶ ରୂପେ ପରିଗଣିତ ୧୦ଟି ଦେଶରେ ଏହା ହାରାହାରି ମାତ୍ର ୩.୯ ଶତାଂଶ। ଏ ତାଲିକାରେ ରହିଛି ଆଇସ୍‌ଲ୍ୟାଣ୍ଡ (୨.୮%), ଡେନ୍‌ମାର୍କ (୩.୪%), ଜାପାନ (୩.୪%) ଏବଂ ସ୍ୱିଜରଲାଣ୍ଡ (୩.୫%)। ସୂଚନାଯୋଗ୍ୟ, 'ଦି ଇକୋନୋମିକ୍ ଭ୍ୟାଲୁ ଅଫ୍ ପିସ୍–୨୦୨୧' ରିପୋର୍ଟ ଅନୁଯାୟୀ ୨୦୦୧ ନଭେମ୍ବର ୯ରେ ଆମେରିକା ଉପରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣ ପରଠାରୁ ଏବର୍ଷ (୨୦୨୧) ମଧ୍ୟରେ ସେ ଦେଶ ସାମରିକ କାର୍ଯ୍ୟକଳାପରେ ବ୍ୟୟ କରିଛି ୮ ଟ୍ରିଲିୟନ ଡଲାର। ଏହି ସମୟରେ ବିଶ୍ୱ ପାଇଁ ଏହାଥିଲା ୧୪.୪ ଟ୍ରିଲିୟନ୍ ଡଲାର ଏବଂ ଏଥିରେ ୪.୫ ନିୟୁତ ଲୋକ ପ୍ରତ୍ୟକ୍ଷ ଭାବେ ଏବଂ ୩.୬ ନିୟୁତ ଲୋକ ପରୋକ୍ଷଭାବେ ପ୍ରାଣ ହରାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଅନୁଷ୍ଠିତ ସମସ୍ତ ଯୁଦ୍ଧ ମଧ୍ୟରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହେଲା ସବୁଠାରୁ ବ୍ୟୟବହୁଳ। ଏଥିରେ ସମୁଦାୟ ପ୍ରାୟ ୪.୧ ଟ୍ରିଲିୟନ ଡଲାର ବ୍ୟୟ ହୋଇଥିବାର ଅନୁମାନ କରାଯାଏ।

ଚାଲନ୍ତୁ ଏବେ ବିଚାରକୁ ନେବା ପରିବେଶ ଓ ପରିସଂସ୍ଥା ଉପରେ ଯୁଦ୍ଧ ଏବଂ ଅନ୍ୟାନ୍ୟ ହିଂସାକାଣ୍ଡର ପ୍ରଭାବ। ଏହା ଘଟାଉଥିବା ଜୀବନହାନି ଏବଂ ଅର୍ଥନୈତିକ ଦୁର୍ଗତିଜନିତ କ୍ଷୟକ୍ଷତି ସମୟ କ୍ରମେ ପୂରଣ ହୋଇଯାଇଥାଏ। ତେବେ ଏହି ତୃତୀୟଟିର ବିପର୍ଯ୍ୟୟ ଥରେ ଗୋଟିଏ ସ୍ତରରୁ ନିମ୍ନଗାମୀ ହୋଇଗଲେ ତାହାର ପୁନରୁଦ୍ଧାର କଷ୍ଟକର କିମ୍ବା ସ୍ଥଳବିଶେଷରେ ଅସମ୍ଭବ ହୋଇଥାଏ। ଅନ୍ୟପକ୍ଷରେ, ଏହା ମଧ୍ୟ ସେ ଦୁଇଟି ପରିଣାମକୁ ଦୀର୍ଘସ୍ଥାୟୀ ଏବଂ ଗମ୍ଭୀର କରିଚାଲେ । ତେବେ ଏ ପ୍ରଭାବର ଠିକ୍ ମୂଲ୍ୟାୟନ ସମ୍ଭବ ନୁହେଁ।

ପୃଥିବୀର ଅନ୍ୟତମ ସର୍ବପୁରାତନ ତଥା ପ୍ରଭାବଶାଳୀ ଯୁଦ୍ଧ ରୂପେ ଗଣନା କରାଯାଏ ଖ୍ରୀଷ୍ଟପୂର୍ବ ୪୩୧ରେ ଘଟିଥିବା ସ୍ପାର୍ଟା ଓ ଏଥେନ୍ସ ଯୁଦ୍ଧ । ଏଥିରେ ସ୍ପାର୍ଟାର ସୈନ୍ୟମାନେ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲେ ଏଥେନ୍ସର କୃଷିକ୍ଷେତ୍ର ଏବଂ ଅରଣ୍ୟଗୁଡ଼ିକୁ। ସେହିପରି ଖ୍ରୀଷ୍ଟପୂର୍ବ ୧୪୬ରେ ରୋମାନ୍‌ମାନେ କାର୍ଥେଜ୍‌କୁ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ କରିଦେଲା ପରେ ସେଠାର କ୍ଷେତମାନଙ୍କରେ ଲୁଣପକାଇ ଚାଷ କରିଦେଇଥିଲେ, ଯେପରିକି ସେଥିରେ କୌଣସି ଫସଲ ଉଧେଇବ ନାହିଁ । ତେବେ କାଳକ୍ରମେ ଯୁଦ୍ଧର ଘାତକ ସାମର୍ଥ୍ୟ ବୃଦ୍ଧି ସହିତ ତାଳ ଦେଇ ବଢ଼ିଚାଲିଛି ତା'ର ପରିବେଶ ବିଧ୍ୱଂସକାରୀ ପ୍ରଭାବ ।

ଅଷ୍ଟାଦଶ ଏବଂ ଊନବିଂଶ ଶତାବ୍ଦୀରେ ଉପନିବେଶବାଦୀମାନେ ଦକ୍ଷିଣ ଆମେରିକା ଓ ଏସିଆରେ ବ୍ୟାପକ ଅରଣ୍ୟ ବିଧ୍ୱଂସ ସହିତ ପରିବେଶ ତଥା ପରିସଂସ୍ଥାକୁ କ୍ଷତିଗ୍ରସ୍ତ କରିଦେଇଥିଲେ। ପର୍ତ୍ତୁଗିଜ୍‌ମାନଙ୍କ ଦ୍ୱାରା ମରିସସ୍ ଦ୍ୱୀପରେ ଡୋଡୋପକ୍ଷୀଙ୍କ ବଂଶନାଶ ଓ କାଲ୍‌ଭେରିଆ ଜଙ୍ଗଲର ବିଲୋପ ସାଧନ ଏହାର ଏକ କ୍ଷୁଦ୍ର ଉଦାହରଣ। ଭିଏଟ୍‌ନାମ ଯୁଦ୍ଧରେ ଆମେରିକାର 'ଏଜେଣ୍ଟ ଅଂରେଜ୍' ମାଧ୍ୟମରେ ଅରଣ୍ୟଗୁଡ଼ିକ ଉପରେ ବିଷାକ୍ତ ବାଷ୍ପ ବର୍ଷଣ ଏବଂ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀର 'ମଷ୍ଟାର୍ଡ ବାଷ୍ପ' ପ୍ରୟୋଗ ଉଭୟ ଜୀବଜଗତ ଏବଂ ଉଦ୍ଭିଦଜଗତ ଉପରେ କି ପ୍ରଳୟଙ୍କରୀ ପ୍ରଭାବ ପକାଇଥିଲା, ତାହା ସମସ୍ତଙ୍କୁ ସୁବିଦିତ। ଏହାର ପରିଣାମ ଏବେ ମଧ୍ୟ ଅନୁଭୂତ ହେଉଛି ।

ଏଠାରେ ସୂଚନାଯୋଗ୍ୟ, ୨୦୦୧ଠାରୁ ଆଜି ମଧ୍ୟରେ (୨୦୨୩) କେବଳ ଆମେରିକାର ସାମରିକ କାର୍ଯ୍ୟକଳାପ ହେତୁ ନିର୍ଗମନ ଘଟିଛି ଅଙ୍ଗାରକାମ୍ଳ ବାଷ୍ପ ସମେତ ପ୍ରାୟ ୧.୨ ବିଲିୟନ ଟନ୍ ସବୁଜଗୃହ ବାଷ୍ପ। ସେହିପରି ଏହା ଭିଏଟ୍‌ନାମ ଯୁଦ୍ଧ (୧୯୭୫) ଏବଂ ଉପମହାସାଗରୀୟ ଯୁଦ୍ଧ (୧୯୯୦)ରେ ଯଥାକ୍ରମେ ୧୦୯ ଏବଂ ୧୧୦ ସେହି ବାଷ୍ପର ନିର୍ଗମନ ଘଟାଇଛି। ଅନ୍ୟାନ୍ୟ ଦେଶ ଓ ସେମାନେ ଚଳାଇଥିବା ଯୁଦ୍ଧରେ ଏହାର ନିର୍ଦ୍ଦିଷ୍ଟ ଆକଳନ କରାଯାଇ ନ ଥିଲେ ହେଁ ଏଥିରୁ ତାହା ଅନୁମାନ କରିହେବ । ଏହି କାରଣରୁ ବଢ଼ି ବଢ଼ି ଚାଲିଛି ବିଶ୍ୱର ତାପମାତ୍ରା ଏବଂ ଉଜୁତି ଚାଲିଛି ପରିବେଶ ଓ ପରିସଂସ୍ଥା। ଏବେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳତା'ର ନିରାପଦ ମାତ୍ରା ନିୟୁତ ଭାଗ ପ୍ରତି ୪୦୦କୁ ଅତିକ୍ରମ କରି ନିୟୁତ ଭାଗ ପ୍ରତି ୪୧୦–୪୨୦ରେ ପହଞ୍ଚିଯାଉଛି । ପରିଣାମ ସ୍ୱରୂପ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍–ଶିଳ୍ପ ବିପ୍ଳବ ସ୍ତରଠାରୁ ୧.୧୫ରୁ ୧.୨୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଏହା ୧.୫ ଡିଗ୍ରୀ ଅତିକ୍ରମ କରିଗଲେ ପରିଣାମ ଭୟାବହ ହେବ। ଯୁଦ୍ଧର ଏ କ୍ଷେତ୍ରକୁ ରହୁଛି ଗୁରୁତ୍ୱପୂର୍ଣ୍ଣ ଅବଦାନ। ଏ ସମସ୍ତ ଦୃଷ୍ଟିରୁ ବିଚାରକଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଯୁଦ୍ଧ ହେଉଛି ମଣିଷ ଜାତିର ସ୍ଥିତି ପ୍ରତି ଏକ ପ୍ରଚଣ୍ଡ ଆହ୍ୱାନ। ସେକଥା ବୁଝିବା ସତ୍ତ୍ୱେ ବି ମଣିଷ ସାଜୁଛି ତାହାର ଖଳନାୟକ ।

–ଉଷା ନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର,

ସଂକ୍ଷେପରେ

ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଧର୍ମଶାଳା,୧୩।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ କେଲୁଅନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ଏହି ଥାନା ଉତ୍ତରପ୍ରତାପ ପଞ୍ଚାୟତ ନହଙ୍ଗାପାଟଣା ଗ୍ରାମର ଅଜୟ ତରାଇଙ୍କ ପୁଅ ଅମର(୩୪)ବୋଲି ଜଣାପଡ଼ିଛି। ଅମର ଶନିବାର ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତାବଶତଃ ନଦୀ ଗଣ୍ଡରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ବୈରାଗୀ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

ଧର୍ମଶାଳା,୧୩।୧(ବଟକୃଷ୍ଣ ପରିଡ଼ା): ସାମାଜିକ କର୍ମୀ ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଶନିବାର ଜାରକା କଳିଙ୍ଗ କ୍ଲବ ପରିସରରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ 'ଶିକ୍ଷା ପ୍ରସାର କ୍ଷେତ୍ରରେ ବୈରାଗୀ ବିଶ୍ୱାଳ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଚାରକ ଭାବେ ବେଣୁଧର ନାୟକ, କାହ୍ନୁଚରଣ ଦାଶ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ରେଶମା ଶତପଥୀ ପ୍ରଥମ, ଧର୍ମଶାଳା ବାଣୀପୀଠର ପ୍ରଲିପ୍ତା ପଲେଇ ଦ୍ୱିତୀୟ, ଲାଲବାହାଦୁର ହାଇସ୍କୁଲ କାଏମାରେ ଅଭିଲିପ୍ତା ରାଉତ ତୃତୀୟ ହୋଇଥିଲେ। ୧୫ ତାରିଖରେ ବିଶ୍ୱାଳଙ୍କ ଶ୍ରାଦ୍ଧଉତ୍ସବ କଳିଙ୍ଗ କ୍ଲବ ପରିସରରେ ଅନୁଷ୍ଠିତ ହେବ। ଅତିଥିଭାବେ ଦିଗମ୍ବର କର, ପ୍ରଭାକର ଶତପଥୀ, ଡା. ରୁଦ୍ରନାରାୟଣ ପୃଷ୍ଟି, ଡ. ବିଜୟ ଶତପଥୀ ଓ ରାମଚନ୍ଦ୍ର ରାୟ ପ୍ରମୁଖ ଯୋଗଦେବେ। ଉତ୍ସବରେ ପ୍ରତିଯୋଗୀଙ୍କ ସହ ବେଣୁଧର ନାୟକ, ଗାଳ୍ପିକ ଭୀମ ପୃଷ୍ଟି ଓ କୃଷକନେତା ବସନ୍ତ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି କିଷାନ ପଣ୍ଡା ଓ ସମ୍ପାଦକ କାହ୍ନୁଚରଣ ଦାଶ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

ଯାଜପୁର ସଦର,୧୩।୧(ସମର ବିଜୟ ଶରଣ): ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଇଲେକ୍ଟ୍ରିକାଲ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ର ନଗେନ ଦାସ(୧୭)ଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡ଼ବାଲିକୁଦା ଗ୍ରାମର ପ୍ରଶାନ୍ତ ଦାସଙ୍କ ପୁଅ ନଗେନ ଏଠାରେ ଛାତ୍ରାବାସରେ ରହି ଅଧ୍ୟୟନ କରୁଥିଲେ। ଶୁକ୍ରବାର ରାତ୍ରି ଭୋଜନ ପରେ ନିଜ ରୁମ ନମ୍ବର-୨୦୪ରେ ଶୋଇବାକୁ ଯାଇଥିଲେ। ହେଲେ ଶନିବାର ସକାଳ ୧୦ଟା ପର୍ଯ୍ୟନ୍ତ ରୁମରୁ ବାହାରକୁ ନ ଆସିବାରୁ ଛାତ୍ରାବାସରେ ଥିବା ଅନ୍ୟ ଛାତ୍ରମାନେ ରୁମ କବାଟ ବାଡେଇ ଡାକିଥିଲେ। ନଗେନ କବାଟ ନ ଖୋଲିବାରୁ ପିଲାମାନେ ଛାତ୍ରାବାସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କର୍ତ୍ତୃପକ୍ଷ ସଦର ପୋଲିସକୁ ଜଣାଇବା ପରେ ଥାନା ଅଧିକାରୀ ଅନିରୁଦ୍ଧ ନାୟକ ସଦଳବଳ ପହଞ୍ଚି ରୁମ କବାଟ ଖୋଲିଥିଲେ। ନଗେନ ଏକ ପ୍ଲାଷ୍ଟିକ ରଶି ଦ୍ୱାରା ଫ୍ୟାନରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା, ମାଜିଷ୍ଟ୍ରେଟ ତଥା ଯାଜପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ ସାଇଣ୍ଟଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ୟବସ୍ଥା କରୁଥିବାବେଳେ ଶିଳ୍ପ ପ୍ରତିଷ୍ଠାନର ଭିତରେ ଓ ବାହାରେ ସାମାନ୍ୟ ଉତ୍ତେଜନା ଦେଖାଯାଇଥିଲା। ଲୋକଙ୍କୁ ମାଜିଷ୍ଟ୍ରେଟ୍ ଓ ଏସ୍‌ଡିପିଓ ବୁଝାଶୁଝା କରିବାରୁ ଉତ୍ତେଜନା ହ୍ରାସ ପାଇଥିଲା। ପରେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ନଗେନଙ୍କ ପରିବାର ପକ୍ଷରୁ ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

ନଗେନ ଦାସ।

ଡକାୟତି ମାମଲାରେ ସମ୍ପୃକ୍ତ ଯୁବକ ଗିରଫ

ବନ୍ଧୁକ, ମାରଣାସ୍ତ୍ର ଜବତ

ଧର୍ମଶାଳା,୧୩।୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ପୋଲିସ ଡକାୟତି ମାମଲାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଜୀବନ୍ତ ଗୁଳି, ପଲସର୍ ବାଇକ, ଛୁରୀ, ପ୍ଲାସ, ୨ ମୋବାଇଲ ଓ ଡକାୟତିରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଗିରଫ ଯୁବକ ଗଞ୍ଜାମ ଜିଲା ବୁଗୁଡ଼ା ଥାନା ଗୋଳିଆ ଗ୍ରାମର ଛୋଟାନ୍ ବିଷୋୟୀ ବୋଲି ଜଣାପଡିଛି। ସେ ଏଟିଏମ୍ ଓ ଗାଡ଼ି ଲୁଟରେ ସମ୍ପୃକ୍ତ ଥିବା ପୋଲିସ କହିଛି।ଗତ ୯ ତାରିଖରେ ପୋଲିସ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ୧୬ନଂ. ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବାବେଳେ ଏହି ଯୁବକ ଜଣକ ପୋଲିସ ଆଖିରେ ଲଙ୍କାଗୁଣ୍ଡ ପକାଇ ବାଇକ୍ ଓ ମୋବାଇଲ ଛାଡ଼ି ଫେରାର ହୋଇଯାଇଥିଲେ। ପୋଲିସ ମୋବାଇଲ ଫୋନ୍‌କୁ ଟ୍ରାକ କରି ତାଙ୍କୁ ଚଣ୍ଡିଖୋଲ ଅଞ୍ଚଳରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଅଭିଯୁକ୍ତ ଜଣେ ଜୁଡୋ ମାଷ୍ଟର ବୋଲି ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଫେରାର ଥିବା ତାଙ୍କ ୨ ସାଥୀଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି ବୋଲି ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି।

ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

କଲଣ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ରସୁଲପୁର,୧୩।୧(ରଞ୍ଜିତ ରାଉତ): କୁଆଖିଆ ଥାନା କଲଣ ପଞ୍ଚାୟତ କାର୍ଯ୍ୟାଳୟରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଥାନାରେ ସରପଞ୍ଚ ଓ ନିର୍ବାହୀ ଅଧିକାରୀ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତବାକ, ଦୁର୍ବୃତ୍ତ ପଞ୍ଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଏକ ଏଲ୍‌ସିଡି, ସେଟଅପ ବକ୍ସ, କି ବୋର୍ଡ ସହ ବହୁ ମୂଲ୍ୟବାନ ସାମଗ୍ରୀ ନେଇ ଯାଇଛନ୍ତି। ଏହାର ଆନୁମାନିକ ମୂଲ୍ୟ ୬୫ ହଜାର ଟଙ୍କାର ହେବ ବୋଲି କୁହାଯାଉଛି। ଅଭିଯୋଗ ପରେ ଯାଜପୁର ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆରମ୍ଭ କରାଯାଇଛି। ଏନେଇ ଥାନାରେ ନଂ.୨୩/୨୪ରେ ଏକ ମାମଲା ରୁଜୁ ହୋଇଛି। ଚୋରି ପଛରେ ରାଜନୈତିକ ଶତ୍ରୁତା କାରଣ ହୋଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି।

ଜିଲା ଯୁବ ମହୋତ୍ସବ ପ୍ରସ୍ତୁତି ବୈଠକ

ଯାଜପୁରରୋଡ୍,୧୩।୧(ପବିତ୍ର ରଞ୍ଜନ ମହାନ୍ତି): ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନ ଆନୁକୂଲ୍ୟରେ ଯାଜପୁର ଜିଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଅଭ୍ୟର୍ଥନା କମିଟି ଗଠନ ସହ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏନସି ହାଇସ୍କୁଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଡ. ଦୁଷ୍ମନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଡ. ଅକ୍ଷୟ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରାକ୍ତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ବୃଦ୍ଧି ପାଇବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟାସନଗର ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆ ଯୋଗଦେଇ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଉଷାରାଣୀ ସାମଲ, ହୃଦାନନ୍ଦ ସାମଲ, ଅର୍ଜୁନ ରାଉତ, ଚନ୍ଦ୍ରମଣି ସାମଲ, ପ୍ରଫୁଲ୍ଲ ନାୟକ, ହେମନ୍ତ ଧୀର ଓ ଶରତ ମଲ୍ଲିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବ ମହୋତ୍ସବ ଅଭ୍ୟର୍ଥନା କମିଟିର ମୁଖ୍ୟ ପୃଷ୍ଠପୋଷାକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ଘଡ଼ାଇ, ଅଭ୍ୟର୍ଥନା କମିଟି ଚେୟାରମେନ ଭାବେ ପୌରାଧ୍ୟକ୍ଷା ପିଙ୍ଗୁଆ ଓ ଉପଦେଷ୍ଟା ଭାବେ ଦୁଷ୍ମନ୍ତ ନାୟକ, ପୂର୍ବତନ ନଗରପାଳ ରାସନନ୍ଦ ମହାନ୍ତି, ବନ୍ଦିତା ପରିଡା, ସବିତା ରାଉତ, ନିତ୍ୟାନନ୍ଦ ମହାଳିକ, ଉଦୟନାଥ ଖଣ୍ଡାଇ, ସୁଜିତ କୁମାର ମଲ୍ଲିକ, ପ୍ରକାଶ ରାଉତ ଓ ଜ୍ଞାନରଞ୍ଜନ ଓଝା ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଡା. ପ୍ରମୋଦ ଶତପଥୀ, ଦେବେନ୍ଦ୍ର ସାମଲ, ଜ୍ଞାନରଞ୍ଜନ ରାଉତ, କୈଳାସ ଚନ୍ଦ୍ର ରାଉତ ଓ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ହୃଷୀକେଶ ସାହୁ ଧନ୍ୟବାଦ ଦେଇଥିଲେ।

ଗାୟତ୍ରୀ ମହାଯଜ୍ଞ ପୂର୍ଣ୍ଣାହୁତି

ଯଜ୍ଞରେ ଯୋଗଦେଇଥିବା ଋଷି ପୁତ୍ରମାନେ।

ଯାଜପୁରରୋଡ୍,୧୩।୧ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରର ଗୋପବନ୍ଧୁ ଚକ ନିକଟ ନନ୍ଦରାମ ବାଟିକା ପ୍ରାଙ୍ଗଣରେ ଯାଜପୁରରୋଡ୍ ଗାୟତ୍ରୀ ପରିବାର ପକ୍ଷରୁ ତ୍ରଦବସୀୟ ଗାୟତ୍ରୀ ମହାଯଜ୍ଞର ପୂର୍ଣ୍ଣାହୁତି ଶନିବାର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଯଜ୍ଞ ଆରମ୍ଭ ହୋଇଥିଲା। ହରିଦ୍ୱାର ଶାନ୍ତି କୁଞ୍ଜରୁ ଆସିଥିବା ଋଷି ପୁତ୍ରମାନଙ୍କ ତତ୍ତ୍ୱାବଧାନରେ ପ୍ରଭାତ ଫେରି, ନାଦଯୋଗ, ଯୋଗ, ଘୃତଯଜ୍ଞ ଓ ସଂସ୍କାର, ପ୍ରବଚନ ଏବଂ ଯୁଗସଙ୍ଗୀତ ଆଦି ଅନୁଷ୍ଠିତ ହୋଇଥିଲା। ସମଗ୍ର ସହରରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।

ବର୍ତ୍ତମାନ ସମୟରେ ଏକ ସୁସ୍ଥ ଭାରତୀୟ ସଂସ୍କୃତି ସମ୍ପନ୍ନ ସମାଜ ଗଠନ ନିତ୍ୟାନ୍ତ ଆବଶ୍ୟକ ରହିଛି। ମୁନିଋଷିମାନେ ଦେଇ ଯାଇଥିବା ଜ୍ଞାନକୁ ଅନୁଶୀଳନ କରିପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ, ଯାହାକି ଯୁଗନମାଣ ଗାୟତ୍ରୀ ପରିବାର ଏହି କାର୍ଯ୍ୟକୁ ସମ୍ପାଦନ କରୁଛି। ଆଧ୍ୟାତ୍ମିକତାକୁ ବିଶ୍ଳେଷଣ କରିପାରିଲେ ଆମେ ବିଜ୍ଞାନକୁ ଜାଣିପାରିବା ବୋଲି ଋଷିପୁତ୍ର ନରେନ୍ଦ୍ର ବିଦ୍ୟାର୍ଥୀ ଦିବ୍ୟ ସନ୍ଦେଶ ଦେଇଥିଲେ।

ପୂର୍ଣ୍ଣାହୁତି ଦିବସରେ ଆଖପାଖ ଅଞ୍ଚଳର ୨ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। କେତେଜଣ ଯୁବ ଶିକ୍ଷାର୍ଥୀ ନୂତନ ଭାବେ ଗାୟତ୍ରୀ ଦୀକ୍ଷାରେ ଦୀକ୍ଷିତ ହେବାସହ କିଛି ଶିଶୁ ବିଦ୍ୟାରମ୍ଭ କରିଥିଲେ।

ଧରିତ୍ରୀ DHARITRI Oriya daily

ଆବଶ୍ୟକ କରୁଛି

ଜିଲା ପ୍ରତିନିଧି

ପୁରୀ ଜିଲା ପାଇଁ ଖବରଦାତା ବା ପ୍ରତିନିଧି ଆବଶ୍ୟକ। ପ୍ରାର୍ଥୀଙ୍କ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

ଇ-ମେଲ: recruitment@dharitri.com

ହାଟ ବ୍ୟବସାୟୀଙ୍କୁ ପ୍ରୋତ୍ସାହିତ କଲା ଯଜ୍ଞ କମିଟି

ଚଣ୍ଡିଖୋଲ,୧୩।୧(ପ୍ରଦୀପ୍ତ କୁମାର ପୃଷ୍ଟି): ହାଟ ପରମ୍ପରା ବୁଡ଼ିଯିବାକୁ ବସିଥିବା ବେଳେ ଏହି ହାଟକୁ ଆସୁଥିବା ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରି ଏକ ନିଆରା ପରମ୍ପରା ସୃଷ୍ଟି କରିଛି ଯଜ୍ଞ କମିଟି। ବଡ଼ଚଣା ବ୍ଲକ ପଲେଇଠାରେ ୫ ବର୍ଷ ତଳେ ଏକ ହାଟ ପ୍ରତିଷ୍ଠା ହୋଇଥିଲା। ହାଟରେ ୫୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଆସି ଏହାର କଳେବର ବୃଦ୍ଧି କରିଛନ୍ତି। ଗତ ଶୁକ୍ରବାର ପଲେଇ ବାରବାଟୀ ପଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ କମିଟିର ବନ୍ଧୁମିଳନ ଓ ଚାଷୀ ହାଟର ବାର୍ଷିକ ଉତ୍ସବ ରମାକାନ୍ତ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଓଳାଶୁଣୀ ଗୁମ୍ଫା ମଠ ମହନ୍ତ ନାମାନନ୍ଦ ଦାସ, ଗାଙ୍ଗୀ ପୀଠ ମହନ୍ତ କୌସ୍ତୁଭ ବ୍ରହ୍ମଚାରୀ, ଲଙ୍ଗୁଳୀ ମଠ ମହନ୍ତ ପର୍ଶୁରାମ ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଯଜ୍ଞକମିଟି ସମ୍ପାଦକ ରତିକାନ୍ତ ସାମଲ ଓ ମଞ୍ଚ ପରିଚାଳନା କରିଥିଲେ ଅଶୋକ ସାମଲ। ଚାଷୀ ହାଟର ଆବଶ୍ୟକତା ଆଜିର ଆଧୁନିକ ଯୁଗରେ କିପରି ଅଛି ସେ ନେଇ ଶିକ୍ଷାବିତ ବିଧାନ ଚନ୍ଦ୍ର ସାମଲ, ଦୀନବନ୍ଧୁ ବେହେରା, ପ୍ରସନ୍ନ ପରିଡ଼ା, ରବି ପ୍ରସାଦ ସାମଲ, ଅବସରପ୍ରାପ୍ତ ଡିଏଫ୍‌ଓ ଅଲେଖ ପ୍ରସାଦ ସାମଲ, ବୈନତେୟ ଦାସ, ପୂର୍ଣ୍ଣଚନ୍ଦ୍ର ନାୟକ, ଅଜୟ ସାମଲ, ପ୍ରାଣକୃଷ୍ଣ ଦାସ, ଚନ୍ଦ୍ରମଣି ସାହୁ, ଶୁଭେନ୍ଦୁ ପରିଡ଼ା ଓ ରଶ୍ମିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପରେ ଚାଷୀ ହାଟର ମହେନ୍ଦ୍ର ସାହୁ, ଶଶିକାନ୍ତ ପୃଷ୍ଟି, ମଧୁସୂଦନ ସାହୁ, ଚିତ୍ତରଞ୍ଜନ ପୃଷ୍ଟି, ନରହରି ବାରିକ ଓ ନିଧି ମଲିକଙ୍କ ସମେତ ୪୨ ହାଟ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିକ୍ରମ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ସମ୍ବର୍ଦ୍ଧିତ ହୋଇଥିବା ବ୍ୟବସାୟୀମାନେ।

ଅମୃତିଆ ନାରାୟଣ ଉଚ୍ଚ ବିଦ୍ୟାପୀଠ ବାର୍ଷିକ କ୍ରୀଡ଼ା

ପାଣିକୋଇଲି,୧୩।୧(ବିକାଶ ମଲ୍ଲିକ): କୋରେଇ ବ୍ଲକ ଅମୃତିଆ ନାରାୟଣ ଉଚ୍ଚ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୨ ବର୍ଗରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ନରେନ୍ଦ୍ର ମହାରଣା ଖେଳ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ସୂର୍ଯ୍ୟମଣି ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ଜାନକୀଲତା ମଲିକ, ସମ୍ମାନିତ ଅତିଥି ସିଆରସିସି କୃଷ୍ଣଚନ୍ଦ୍ର ସ୍ୱାଇଁ, ପରିଚାଳନା କମିଟି ସଭାପତି କାଳନ୍ଦୀ ଚରଣ ଶତପଥୀ, ବିଦ୍ୟାଳୟ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନୃସିଂହ ଚରଣ ମିଶ୍ର, ଅରୁଣ ଜେନା ଓ କମିଟି ସଦସ୍ୟ ପ୍ରଦୀପ ମହାପାତ୍ର ପ୍ରମୁଖ ଯୋଗେଦଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ନାରଣଚନ୍ଦ୍ର ଶତପଥୀ, ଅନିତା ଓଝା, ସୁକାନ୍ତି ହେମ୍ବ୍ରମ, ମିତାଲି ମଧୁସ୍ମିତା, ପରିଚାଳନା କମିଟି ସଭ୍ୟ ଅନିରୁଦ୍ଧ ଖଣ୍ଡାଇ, ରାଜକିଶୋର ଦାସ, ଜଳଧର ଓଝା, ଚକ୍ରଧର ବିଶ୍ୱାଳ, କାର୍ତ୍ତିକ ଚନ୍ଦ୍ର ପ୍ରହରାଜ ସହଯୋଗ କରିଥିଲେ।

ଅନ୍ତିମ ଦିନରେ ଗଡ଼ିଲା ରଥ

ଝୁଙ୍ଖୁରୀ,୧୩।୧(ସରୋଜ ନାୟକ): ଦଶରଥପୁର ବ୍ଲକ୍‌ରେ ଶନିବାର ଅନ୍ତିମ ଦିନରେ ଅର୍ପଣ ରଥ ବିଭିନ୍ନ ପଞ୍ଚାୟତ ପରିକ୍ରମା କରିଛି। ଚମ୍ପେଇପାଳ ପଞ୍ଚାୟତରେ ସରପଞ୍ଚ ହିମାଂଶୁ ନାୟକ ଓ ସମିତିସଭ୍ୟ ବିଜୟ ନାୟକଙ୍କ ନେତୃତ୍ୱରେ ରଥ ଝୁଙ୍ଖୁରୀ ବଜାର ହନୁମାନ ଛକରୁ ବାହାରି ଓଡ଼େଇ ଗ୍ରାମ ପରିକ୍ରମା କର ପଞ୍ଚାୟତ ଅଫିସ୍ ନିକଟରେ ପହଞ୍ଚିଥିଲା। ଗ୍ରାମ ପରିକ୍ରମା ସମୟରେ ବହୁସଂଖ୍ୟକ ମହିଳା ରଥକୁ ବନ୍ଦାପନା କରିବା ସହ ଗୁଆ, ଅରୁଆ ଚାଉଳ ଅର୍ପଣ କରିଥିଲେ। ସେହିପରି ଜାଫରପୁର ପଞ୍ଚାୟତରେ ସରପଞ୍ଚ ସୁରେନ୍ଦ୍ର ବେହୁରିଆ, ସମିତିସଭ୍ୟ ଶୈରେନ୍ଦ୍ର ସାମଲ ଓ ସାମାଜିକ କର୍ମୀ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ରଥ ଦକ୍ଷିଣବନ୍ଧ ଛକରୁ ବାହାରି ଚାଉଳିଆ ହାଟଛକ, ନାରୀଗାଁ ଆଦି ଗ୍ରାମ ପରିକ୍ରମା କରିଥିଲା। ପାଲଟପୁର ସରପଞ୍ଚ ଲିପିକା ମଲ୍ଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡ଼ା ଓ ଯୁବନେତା ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ୩ ଦିନଧରି ବୁଲୁଥିବା ଅର୍ପଣ ରଥ ଶେଷ ଦିନରେ ଖୁବ୍ ଯାକଜମକ ସହକାରେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।

ଏସ୍‌ୟୁଜେ ସ୍ମରଣିକା କମିଟି ବୈଠକ

ଧର୍ମଶାଳା,୧୩।୧(ବଟକୃଷ୍ଣ ପରିଡ଼ା): ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟସ ଓଡ଼ିଶା (ଏସୟୁଜେ)ର ଫେବୃଆରୀ ଦ୍ୱିତୀୟ ସପ୍ତାହରେ ବାର୍ଷିକ ଉତ୍ସବ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଏକ (ଓଡ଼ିଆ, ହିନ୍ଦୀ ଓ ଇଂରାଜୀ) ଭାଷାର ସ୍ମରଣିକା ପ୍ରକାଶ ପାଇବ। ତେଣୁ ମୁଖପତ୍ରକୁ ଉଚ୍ଚକୋଟୀର ପ୍ରସ୍ତୁତ କରିବା ନିମନ୍ତେ ଶନିବାର ସ୍ମରଣିକା କମିଟିର ଏକ ବୈଠକ ଯାଜପୁର ଜିଲା ଜାରକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ

ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଏରସମା,(ଦୀପ୍ତିରଞ୍ଜନ ଖଣ୍ଡୁଆଳ): ଏରସମା ଥାନା ଅନ୍ତର୍ଗତ ଜନକାଦେଇପୁର ପଞ୍ଚାୟତସ୍ଥିତ ଦୁର୍ଗାପୁର ଗ୍ରାମରେ ପାଣିରେ ବୁଡି ଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରଦୀପ ବେହେରା (୩୮)। ଶୁକ୍ରବାର ରାତିରେ ମୃତ ପ୍ରଦୀପ ତାଙ୍କ ଘର ନିକଟସ୍ଥ ଚିଙ୍ଗୁଡ଼ି ଘେରି ଜଗିବାକୁ ଯାଇଥିଲେ। ଶନିବାର ସକାଳେ ପ୍ରଦୀପଙ୍କୁ ପାଣିରେ ଭାସୁଥିବା ଦେଖି ଲୋକେ ତାଙ୍କୁ ନେଇ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଦୀପଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏରସମା ଥାନାରେ ମାମଲା (ନଂ.୩/୨୪) ରୁଜୁ କରାଯାଇଛି।

ସଂକ୍ଷେପରେ

ରାସ୍ତା ପାର୍ଶ୍ୱରୁ ମୃତଦେହ ଠାବ

ନାଉଗାଁ,୧୩।୧ (ସୁଧା ବେହୁରା)

ନାଉଗାଁରୁ ଅସ୍ତରଙ୍ଗକୁ ଶୁକ୍ରବାର ଯାତ୍ରା ଦେଖିବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଶନିବାର ତାଳଦା ଗ୍ରାମର ରାସ୍ତା ପାର୍ଶ୍ୱରୁ ମିଳିଛି। ସେ ହେଲେ ନାଉଗାଁ ଥାନା ଅନ୍ତର୍ଗତ ଗାରୋଇ ଗ୍ରାମର କୁମର ବିଶ୍ୱାଳ(୫୪)। ସେ ଅସ୍ତରଙ୍ଗର ତାଳଦା ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବା ସଦସ୍ୟ ବହୁ ଖୋଜାଖୋଜି କରିବା ପରେ ତାଳଦା ଗ୍ରାମର ଏକ ରାସ୍ତା ପାର୍ଶ୍ୱରେ କୁମରଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ଅସ୍ତରଙ୍ଗ ଥାନାରେ କୁମରଙ୍କ ଭାଇ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୯/୨୪) ରୁଜୁ କରିଛି। ଏଥିସହ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଳମ୍ବିତ ରାତିରେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିବା ଚର୍ଚ୍ଚା ହେଉଛି। ତାଙ୍କ ପରିବାରରେ ୨ ପୁଅ ଓ ସ୍ତ୍ରୀ ଥିବାବେଳେ ଗାରୋଇ ଛକରେ ଏକ ଚା'ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ନାଉଗାଁ ଓ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ମଧ୍ୟରେ ଦେବୀ ନଦୀ ପ୍ରବାହିତ। ଉକ୍ତ ଦୁଇ ବ୍ଲକକୁ ସଂଯୋଗ କରିବା ପାଇଁ ଦେବୀ ନଦୀର ଶୁଆକଣ ଓ ତାଳଦାଠାରେ ୨ଟି ସେତୁ ନିର୍ମାଣ କରାଯାଇଛି। ଫଳରେ ଯାତାୟାତ କରିବା ସହଜ ହୋଇଯାଇଛି।

ବିଭିନ୍ନ ସ୍ଥାନରେ ଧାନମଣ୍ଡି ଉଦ୍‌ଘାଟିତ

ଏରସମା,୧୩।୧ (ଦୀପ୍ତିରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକର ବିଭିନ୍ନ ସ୍ଥାନରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଜପା ସେବା ସମବାୟ ସମିତିରେ ସଭାପତି ବିଘ୍ନରାଜ ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ସରପଞ୍ଚ ବିଦ୍ୟୁଲତା ରାଉତ, ସମିତି ସଭ୍ୟ ସୁନୀଲ ଗୋଛାୟତ, ସମ୍ପାଦକ ସୂର୍ଯ୍ୟକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ମଣ୍ଡିର ଶୃଙ୍ଖଳା ଓ ନିୟମ ଉପରେ ବକ୍ତବ୍ୟ ଦେଇଥିଲେ। ସେହିପରି ଭିତର ଅନ୍ଧାରୀ ସେବା ସମବାୟ ସମିତିରେ ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ସିସିବି ମ୍ୟାନେଜର ଦୀନବନ୍ଧୁ ନାୟକ, ସମିତି ସଭାପତି ତାପସ ଲେଙ୍କା, ଦେବୀ ପ୍ରସାଦ ପ୍ରଧାନ, ଧୀରେନ୍ଦ୍ର ପାଲ,ଶୁଭ ନାରାୟଣ ସାଇଁ, ସମ୍ପାଦକ ପ୍ରସନ୍ନ କୁମାର ମିଶ୍ରଙ୍କ ସହ ଚାଷୀ ହିରଣ୍ୟ ପ୍ରଧାନ, ଧୀରେନ୍ଦ୍ର ସାମଲ, ଆଦିକନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ ପାଳିତ

ପାରାଦୀପ ୧୩।୧(ଶରତ ରାଉତ)

ପିଏଏଲ୍ ପରିସରରେ ଥିବା ଡିଏଭି ସ୍କୁଲ ପରିସରରେ ଶନିବାର ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ସ୍କୁଲ ଅଭିଭାବକ ଓ ଅନ୍ୟମାନେ ସାମିଲ ହୋଇଥିଲେ। ଶିବିରରେ ରେଡ୍‌କ୍ରସ ପକ୍ଷରୁ ୧୦୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପିପିଏଲ୍ ମୁଖ୍ୟ ପାନାନୀ ସ୍ୱାମୀ ଭେଲୁସ୍ୱାମୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀ ବରିଷ୍ଠ ଅଧିକାରୀ ସୁମିତ ସେଠୀ, ସଂଗ୍ରାମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

୧୫ରୁ ଜଗତ୍‌ସିଂହପୁର ପୁସ୍ତକ ମେଳା ରୌପ୍ୟଜୟନ୍ତୀ

ଜଗତ୍‌ସିଂହପୁର, ୧୩।୧ (ପ୍ରମୋଦ କୁମାର ନାୟକ)

ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଚଳିତବର୍ଷ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଜଗତ୍‌ସିଂହପୁର ପୁସ୍ତକ ମେଳାର ରୌପ୍ୟଜୟନ୍ତୀ ଉତ୍ସବ ଆସନ୍ତା ୧୫ରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ହେବାକୁ ଥିବା ଏହି ମେଳାରେ ୩୨ଟି ପ୍ରକାଶନ ଓ ବହି ବିକ୍ରେତା ସଂସ୍ଥା ଷ୍ଟଲ ବୁକିଂ କରିଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ରମାନେ ଯେପରି ବହୁ ସଂଖ୍ୟାରେ ପହଞ୍ଚି ବହି କିଣିପାରିବେ ସେନେଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ଚିଠି କରାଯାଇଛି। ତେବେ ଏଥର ମୁଖ୍ୟ ଆକର୍ଷଣ ରହିବ ଷ୍ଟଡି ଜୋନ। ଏହି ଜୋନରେ ଯିଏ ଚାହିଁବେ ବସି ଆରାମରେ ବହି ପଢ଼ିପାରିବେ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କୁହାଯାଇଛି। ଆୟୋଜିତ ସମ୍ମିଳନୀରେ କୁହାଯାଇଥିଲା ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯାମୀ ମିଶ୍ରଙ୍କ ଦ୍ୱାରା ମେଳା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ଏମ୍‌ପି, ବିଧାୟକ, ପାରାଦୀପ ବିଧାୟକ ଓ ଜଗତ୍‌ସିଂହପୁର ପୌରାଧକ୍ଷା ଯୋଗ ଦେବେ। ସକାଳେ ମା' ଶାରଳାଙ୍କ ଜ୍ୟୋତି ସ୍ଥାପନ ଓ ସନ୍ଧ୍ୟାରେ ମା' ଶାରଳାଙ୍କ ଘଟ ନୃତ୍ୟ ସହ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୧୬ରେ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି, ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ଓ କଥାକାର ରୋଟାରଆନ ଯଜ୍ଞାଶକ୍ଷ ମହାପାତ୍ର ଯୋଗଦେବେ। ୨୦ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ, ରମାଦେବୀ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ଡ ଗୋପାଳକୃଷ୍ଣ ଆଚାର୍ଯ୍ୟ ଓ ସଂଳାପ ଲେଖକ ଡ. ରଜନୀ ରଞ୍ଜନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୨୧ରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ, ବାଲିକୁଦା–ଏରସମା ବିଧାୟକ, ତିର୍ତ୍ତୋଲ ବିଧାୟକ, ଜିଲା ପରିଷଦ ସଭାପତି ଓ ପାରାଦୀପ ପୌରାଧକ୍ଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ଅପରାହ୍ନ ୧ରୁ ୩ଟା ପର୍ଯ୍ୟନ୍ତ ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପରାହ୍ନ ୪ଟାରୁ ସାଂସ୍କୃତିକ ଅନୁଷ୍ଠାନଗୁଡିକ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୩ରୁ ୪ଟା ମଧ୍ୟରେ କୁଇଜ ପ୍ରତିଯୋଗିତା ହେବ। ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ ପୌରୋହିତ୍ୟ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ପତ୍ର ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ, ସମ୍ପାଦକ ଶାରଦା ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ସୁଧୀର ମହାନ୍ତି, ନରେଶ ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ରଙ୍କ ସମେତ କାର୍ଯ୍ୟକାରିଣୀ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

- ଏଥର ଷ୍ଟଡି ଜୋନ୍‌ରେ ବହି ପଢ଼ିବା ସୁଯୋଗ
- ୩୨ଟି ପ୍ରକାଶନ ସଂସ୍ଥା ଓ ବିକ୍ରେତା ଯୋଗଦେବେ

ମଣ୍ଡିରେ ଧାନ ଦେଇ ଉଚିତ ପ୍ରାପ୍ୟ ନିଅ

୨ ଧାନମଣ୍ଡିର ଶୁଭ ଉଦ୍‌ଘାଟନ

ରଘୁନାଥପୁର,୧୩।୧(ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ରେଡୁଆ ଓ ରାଢ଼ଙ୍ଗ କୃଷି ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷର ନୂତନ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଉଭୟ ସମିତି ଦାୟିତ୍ୱରେ ଥିବା ସମ୍ପାଦକ ଭଗବାନ ପ୍ରସାଦ ସ୍ୱାଇଁ ଏହି କାର୍ଯ୍ୟକୁ ପରିଚାଳନା କରିଥିଲେ। ରେଡୁଆ ସମିତିରେ ସଭାପତି ପ୍ରଦୀପ୍ତ କିଶୋର ମହାନ୍ତିଙ୍କ ତତ୍ତ୍ୱାବଧାନରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ତରବରିଆ ଭାବେ ଅମଳ ହୋଇଥିବା ଧାନକୁ କମ ମୂଲ୍ୟରେ ବେପାରୀ ହାତକୁ ଟେକି ନ ଦେଇ ମଣ୍ଡିରେ ଶୁଖିଲା ଓ ପରିଷ୍କାର ଧାନ ଦେଇ ଉଚିତ ପ୍ରାପ୍ୟ ନେବା ପାଇଁ ଉପାଧ୍ୟକ୍ଷ ତ୍ରିପାଠୀ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲାପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ, ସ୍ଥାନୀୟ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ, ସିସିବି ଶାଖା ପରିଚାଳକ ଅଜୟ କୁମାର ପରିଡା, ସମିତି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ରାଢ଼ଙ୍ଗ ସମିତିରେ ସରପଞ୍ଚ ସୁଶୀଳ ବାରିକ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମିତିସଭ୍ୟା ପ୍ରାନ୍ତ ରଶ୍ମି ପାଲ, ସିସିବି ଶାଖା ପରିଚାଳକ ପରିଡା, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ସମିତି ସଭାପତି ଦିଲୀପ କୁମାର ନାୟକ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, କ୍ରୟ କମିଟି ସଦସ୍ୟ ଶରତ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରେଡୁଆରେ ୪୭୫ ଓ ରାଢ଼ଙ୍ଗରେ ୪୭୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାର ସମ୍ପାଦକ ସ୍ୱାଇ ପ୍ରକାଶ କରଛନ୍ତି।

ରେଡୁଆରେ ଧାନମଣ୍ଡିର ଉଦ୍‌ଘାଟନ କରାଯାଉଛି।

ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ

ତିର୍ତ୍ତୋଲରେ ଅର୍ପଣ ରଥ ପାଇଁ ଗୁଆ, ଚାଉଳ ଦାନ କରାଯାଉଛି।

ରଘୁନାଥପୁର/ତିର୍ତ୍ତୋଲ/କୁଜଙ୍ଗ,୧୩/୧ (ରାଜେନ୍ଦ୍ର ନାରାୟଣ ସିଂହ/ ଗୌରାଙ୍ଗ ଚରଣ ସ୍ୱାଇଁ/ ମନୋଜ ପ୍ରଧାନ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉତ୍ସବ ଉପଲକ୍ଷେ ଜଗତ୍‌ସିଂହପୁର ଜିଲାର ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ ବ୍ଲକରେ ଜୟ ଜଗନ୍ନାଥ ରଥ ପରିକ୍ରମା କରିଛି। ଏହି ଅବସରରେ ଜୟ ଜଗନ୍ନାଥ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇ ଉଠିଥିଲା। ରଘୁନାଥପୁରର ରାଢ଼ଙ୍ଗ ପଞ୍ଚାୟତ ସରପଞ୍ଚ ସୁଶୀଳ କୁମାର ବାରିକଙ୍କ ନେତୃତ୍ୱରେ ରଥ ଗ୍ରାମ୍ୟ ପରିକ୍ରମା କରିଥିଲା। ଏଥିରେ ସମିତି ସଭ୍ୟା ପ୍ରାନ୍ତରଶ୍ମି ପାଳ, ପ୍ରଶାନ୍ତ ଜେନା, ଦିଲୀପ ସ୍ୱାଇଁ, ଟାଇଡ଼ ସେଠୀ ସହଯୋଗ କରିଥିଲେ। ସେହିପରି ତାରପୁର ସରପଞ୍ଚ ସୁଷମା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ରଥ ଗାଁ ପରିକ୍ରମା କରିଥିଲା। ସରୋଜ କୁମାର ଦାଶ, ଅନ୍ତର୍ଯାମୀ ରାଉତ, ଚନ୍ଦ୍ରଶେଖର ସିଂହ, ପ୍ରଭାକର ମଲ୍ଲିକ ଓ ବିଜେଡି ନେତା ରମାକାନ୍ତ ଭୋଇ ସାମିଲ ହୋଇଥିଲେ। ବିଡିଓ ନମିତା ବାରିକ, ଜିପିଓ ସ୍ମାରକ ମହାନ୍ତି ଓ କ୍ୟାଶିଅର ଭବେଶ କୁମାର ବେହେରା ଏହି କାର୍ଯ୍ୟ ତଦାରଖ କରିଥିଲେ। ସେହିପରି ରଥ ତିର୍ତ୍ତୋଲ ବ୍ଲକର ବିରିତୋଳ, କନକପୁର ଓ ତେନ୍ତୁଳିପଦା ପଞ୍ଚାୟତ ପରିକ୍ରମା କରିବା ଅବସରରେ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଛି। ବିରିତୋଳ ପଞ୍ଚାୟତରେ ସଲମପୁର ଗ୍ରାମରେ ଗୋପୀନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଅର୍ପଣ ରଥ ପରିକ୍ରମା କରାଯାଇଥିଲା। ପଞ୍ଚାୟତର ସରପଞ୍ଚ ରମାମଣୀ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଜିଲା ବିଜେଡି ଉପସଭାପତି ଅଶ୍ୱିନୀ କୁମାର ଦାସ, ଜିଲା ପରିଷଦ ସଭ୍ୟ ସୁନୀଲ କୁମାର ବେହେରା, ପଞ୍ଚାୟତ ଅଧିକାରୀ ତୋଫାନ ଦାସ, ଅଶୋକ କୁମାର ଦାସ, ସୁନାକର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। କନକପୁର ପଞ୍ଚାୟତରେ ସରପଞ୍ଚ ରେବତୀ ମହାନ୍ତି ଓ ତେନ୍ତୁଳିପଦା ପଞ୍ଚାୟତରେ ସରପଞ୍ଚ ସୁନୀତା ପରିଜାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କୁଜଙ୍ଗ ପଞ୍ଚାୟତରେ ସରପଞ୍ଚ ବନ୍ଦିତା ଦାସଙ୍କ ନେତୃତ୍ୱରେ ଜଗନ୍ନାଥ ଅର୍ପଣ ରଥ ବଳରାମପୁର, ଜଗନ୍ନାଥପୁର, ଭଣ୍ଡୁଆ, ନବାଡ଼ିଆ ଗ୍ରାମ ପରିକ୍ରମା କରିଛି। ଏହି ଅବସରରେ ବିଭିନ୍ନ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଗ୍ରାମବାସୀ ଗାଁ ଦାଣ୍ଡରେ ଚିତାରେ ଝୋଟି ପକାଇ ଅରୁଆ ଚାଉଳ, ଗୁଆ, ନଡ଼ିଆ, ଧୂପ ଦୀପ ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ୩ ନଂ ଜୋନ୍‌ର ଜିଲାପରିଷଦ ସଭ୍ୟା ପୁଷ୍ପଲତା ବେହେରା, ବିଡିଓ ଦୀପକ କୁମାର ସ୍ୱାଇଁ, ସମିତି ସଭ୍ୟା ସସ୍ମିତା ନାୟକ, କୁଜଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ, ନିତ୍ୟାନନ୍ଦ ମହାନ୍ତି, କବି ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇଥିଲେ।

ପେନ୍‌ସନ ପାଣ୍ଠିରୁ କଲେଜ ପ୍ରକୋଷ୍ଠ ଗଢ଼ିଲେ ପୂର୍ବତନ ଅଧ୍ୟକ୍ଷ

ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ

ନାଉଗାଁ,୧୩।୧(ସୁଧା ବେହୁରା): ନାଉଗାଁ ବ୍ଲକ ଅନ୍ତର୍ଗତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଶନିବାର ଲବଙ୍ଗଲତା କୃଷ୍ଣଚନ୍ଦ୍ର ସ୍ୱାଇଁମେମୋରିଆଲ୍‌ଟ୍ରଷ୍ଟ ପକ୍ଷରୁ ଛାତ୍ର ସାଧାରଣ ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ସ୍ୱାଇଁ ଏହି ମହାବିଦ୍ୟାଳୟରେ ୧୯୯୮ରୁ ୨୦୦୦ ପର୍ଯ୍ୟନ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେ ଅଧ୍ୟକ୍ଷ ଥିବା ସମୟରେ ଛାତ୍ରମାନଙ୍କ ପାଇଁ ପ୍ରକୋଷ୍ଠ ନ ଥିବାରୁ ବହୁ ସମସ୍ୟା ହେଉଥିଲା। ଏହାକୁ ହୃଦ୍‌ବୋଧ କରି କୃଷ୍ଣଚନ୍ଦ୍ର ପେନ୍‌ସନ ପାଣ୍ଠିରୁ ଅନୁଦାନ ପ୍ରଦାନ କରି ଉକ୍ତ ପ୍ରକୋଷ୍ଠ ନିର୍ମାଣ କରିଛନ୍ତି। ଏନେଇ ଆୟୋଜିତ ଉତ୍ସବରେ ଜଗତ୍‌ସିଂହପୁର ବିଧାୟକ ତଥା ବିଧାନସଭାର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଟ୍ରଷ୍ଟ ଅଧ୍ୟକ୍ଷା ଲବଙ୍ଗଲତା ବିଶୋଇ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ମହାବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ମନୋଜ ପ୍ରଧାନ, ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ DHARITRI Oriya daily

ଆବଶ୍ୟକ କରୁଛି

ଜିଲା ପ୍ରତିନିଧି

ପୁରୀ ଜିଲା ପାଇଁ ଖବରଦାତା ବା ପ୍ରତିନିଧି ଆବଶ୍ୟକ। ପ୍ରାର୍ଥୀଙ୍କ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

ଇ-ମେଲ: recruitment@dharitri.com

ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କ ପାଇଁ ବ୍ୟାପକ ତାଲିମ ଓ ନିଯୁକ୍ତିର ବ୍ୟବସ୍ଥା
(Skill Development Training for SC Unemployed Youths)

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ ଓଡ଼ିଶା ଅନୁସୂଚିତ ଜାତିଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC), ଭୁବନେଶ୍ୱର, ଯୋଗ୍ୟ ଓ ଇଚ୍ଛୁକ ଅନୁସୁଚିତ ଜାତି ବର୍ଗର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରମୁଖ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ତାଲିମ୍ ଦିଆଯାଇ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଆବଶ୍ୟକ ଯୋଗ୍ୟତା:
(କ) ଆବେଦନକାରୀ ଅନୁସୁଚିତ ଜାତି ବର୍ଗର ହୋଇଥିବେ ଏବଂ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।
(ଖ) ଆବେଦନକାରୀଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
(ଗ) ଆବେଦନକାରୀଙ୍କ ବାର୍ଷିକ ପାରିବାରିକ ଆୟ ୨ ଲକ୍ଷ ୫୦ହଜାର ଟଙ୍କାରୁ ଅଧିକ ହୋଇନ ଥିବ ।
(ଘ) ଆବେଦନକାରୀଙ

ଭାଟସାହିରେ ବଧୂହତ୍ୟା ଅଭିଯୋଗ

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଭାଟସାହିରେ ଯମୁନା ବେହେରା(୩୦) ନାମ୍ନୀ ଜଣେ ବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ତେବେ ପୋଲିସ ୧୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପୋଲିସ ସୂଚନା ଅନୁସାରେ ଭାଟସାହିର ଯମୁନା ବେହେରା ଶୁକ୍ରବାର ବିଳମ୍ବିତ ରାତିରେ ଗଳାରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ । ଶାଶୁଘର ଲୋକେ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷେ ଝିଅର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି ଯମୁନା ବାପ ଘରର ସଦସ୍ୟ । ଯମୁନାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇ କେଶକୁ ଚାପି ଦେବାକୁ ଉଦ୍ୟମ ଚାଲିଛି ବୋଲି ଅଭିଯୋଗ ଉଠିଛି।

ରାମଲାଲାଙ୍କୁ ସମର୍ପଣ କରାଯିବ ମୟୂରକଣ୍ଠିଆ ଧନୁତୀର

ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

ଆସନ୍ତା ୨୨ ତାରିଖରେ ଅଯୋଦ୍ଧାରେ ରାମ ମନ୍ଦିର ସହ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ ଖୁଦବେହେରା ପାଟଣାର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ସୁଦର୍ଶନ ସାହୁଙ୍କ ଦ୍ୱାରା ପ୍ରଦତ୍ତ ଏକ ମୟୂର କଣ୍ଠିଆ ଧନୁ ଓ ତୀର ରାମଲାଲାଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଛି ।

ସୂଚନାଯୋଗ୍ୟ, ଭୁବନେଶ୍ୱର ଜାଗମରା ତୁଳସୀ ବିହାରସ୍ଥିତ ଐତିହ୍ୟ ଗବେଷକ ଓ ଗୋପୀନାଥ କଂସା ପିତଳ ସଂଗ୍ରହାଳୟର ମୁଖ୍ୟ ପରିଚାଳକ ତଥା ସଂଗ୍ରାହକ ସାହୁ ଉକ୍ତ ଧନୁ ଓ ତୀରକୁ ନିଜସ୍ୱ ଡ଼ିଜାଇନ,ନକ୍ସାରେ ସ୍ୱତନ୍ତ୍ର ଭାବେ ଗଞ୍ଜାମ ଜିଲା ଜଗମୋହନ ଅଞ୍ଚଳର ପ୍ରଦୀପ କୁମାର ମହାରଣାଙ୍କ ଦ୍ୱାରା ପ୍ରସ୍ତୁତ କରାଇଥିଲେ । ୨୫ ଇଞ୍ଚର ଏହି ଧନୁ ଓ ତୀରକୁ ପ୍ରସ୍ତୁତ କରିବା ପାଇଁ ସାହୁଙ୍କୁ ୩ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିବା ବେଳେ ଧନୁର ଉଭୟ ପାର୍ଶ୍ୱ ମୟୂର କଣ୍ଠ ଆକୃତିର ହୋଇଛି । ଧନୁର ଗୁଣଟି ତମ୍ବା ତାର ଦ୍ୱାରା ସଂଯୋଗ ହୋଇଛି, ଯାହାକି ତେନ୍ତୁଳିଆ ବିଛା ପରି ପରିଲକ୍ଷିତ ହୋଇଛି । ଏହାଛଡା ତୀରଟି ବଗ ପକ୍ଷୀ ଆକୃତିର ଦେଖାଯିବା ସହ ଧନୁର ଶୀର୍ଷଭାଗ ଓଲଟ ଶୁଆ ସଦୃଶ ହୋଇଛି । ଏହି ଧନୁ ଓ ତୀରକୁ ରାମଲାଲାଙ୍କୁ ସମର୍ପଣ କରିବା ପାଇଁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତି ରାୟ ଏଥିପାଇଁ ଅନୁମତି ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସାହୁ ଓ ତାଙ୍କ ପରିବାର ଗୁରୁବାର ପୁରୀର ପାପୁଡିଆ ମଠାଧୀଶ ରାମକୃଷ୍ଣ ଦାସ ମହାରାଜ ଓ କଟକୀ ମଠାଧୀଶ ଡ.ବିଜୟ ରାମାନୁଜଙ୍କୁ ସାକ୍ଷାତ କରି ଉକ୍ତ ଧନୁ ଓ ତୀରକୁ ଅର୍ପଣ କରିଛନ୍ତି ।

ସୁଦର୍ଶନ ସାହୁ।

ସୂଚନାଯୋଗ୍ୟ, ସାହୁଙ୍କ ବାପା ସ୍ୱର୍ଗତ ଗୋପୀନାଥ ସାହୁ ଜଣେ କୁଶଳୀ କଂସା ପିତଳ କାରିଗର ଥିଲେ । ସେ କଣ୍ଟିଲୋ ଅଞ୍ଚଳରେ ଦୀର୍ଘବର୍ଷରୁ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇ ଆସୁଥିବା ରାମଲୀଳାରେ ରାମ ଓ ହନୁମାନ ଭୂମିକାରେ ଅଭିନୟ କରି ବହୁ ପ୍ରଶଂସିତ ହୋଇଥିଲେ । ଏଣୁ ବାପାଙ୍କ ସ୍ମୃତିରେ ଓଡ଼ିଶାର କଳା,ସଂସ୍କୃତି ଓ ପରମ୍ପରାର ଛାପକୁ ଆଧାର କରି ସାହୁ ଏହି ଧନୁ ଓ ତୀର ପ୍ରସ୍ତୁତ କରିଥିବା କହିଛନ୍ତି ।

ଇଭିଏମ୍ ମାଧ୍ୟମରେ ମତଦାନ ପାଇଁ ସଚେତନତା

ଇଭିଏମ୍ ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

ନୂଆଗାଁ ୧୩।୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଶନିବାର ଇଭିଏମ୍ ମାଧ୍ୟମରେ ମତଦାନ ପାଇଁ ସଚେତନତା ରଥର ଶୁଭାରମ୍ଭ ହୋଇଛି । ନିର୍ବାଚନ ପାଖେଇ ଆସୁଥିବାରୁ ଭୋଟରମାନେ କିଭଳି ଭାବେ ମତଦାନ କରିବେ ସେ ନେଇ ନିର୍ବାଚନ କମିଶନ ପକ୍ଷରୁ ପ୍ରସ୍ତୁତ ଜାରି ରହିଛି । ଭୋଟରମାନେ ମତଦାନକୁ ସୁରକ୍ଷିତ ଓ ଠିକ୍ ଭାବେ ଦେବା ପାଇଁ ସରକାର ଇଭିଏମ୍‌ର ବ୍ୟବହାର ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତେବେ ଭୋଟରମାନେ ଇଭିଏମ୍ ମାଧ୍ୟମରେ କିଭଳି ମତଦାନ କରିବେ ସେ ବିଷୟରେ ଜଣାଇବା ପାଇଁ ପ୍ରଶାସନ ତରଫରୁ ସଚେତନତା ରଥ ଶୁଭାରମ୍ଭ ହୋଇଛି । ଏହି ରଥ ଗାଁ ଗାଁ ବୁଲି ଇଭିଏମ୍ ବ୍ୟବହାର ପାଇଁ ଜନ ସଚେତନତା ସୃଷ୍ଟି କରିବ । ଏହି ରଥ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ନୂଆଗାଁ ବ୍ଲକର ବିଭିନ୍ନ ଗାଁକୁ ଯାଇ ଭୋଟରମାନଙ୍କୁ ସଚେତନ କରାଇବ ବୋଲି ନୂଆଗାଁ ଏବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ କହିଛନ୍ତି । ଇଭିଏମ୍‌ରେ କିଭଳି ଭୋଟ ଦିଆଯିବ ସେନେଇ ଆସନ୍ତା ୧୬ ତାରିଖ ମଙ୍ଗଳବାରଠାରୁ ଉଭିଏମ୍‌ରେ ଭୋଟ ଦେବା ଶିକ୍ଷା ଭୋଟରମାନଙ୍କୁ ଦିଆଯିବ ବୋଲି ଜିପିଓ ସାଧୁଚରଣ ସାହୁ କହିଛନ୍ତି।

ଭଣ୍ଡାର ପାହାଡ଼ ଛାଡୁ ନାହାନ୍ତି ହାତୀପଲ

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ପଞ୍ଚରିଡା ରେଞ୍ଜର ଭଣ୍ଡାର ପାହାଡ଼କୁ ଛାଡୁ ନାହାନ୍ତି ହାତୀପଲ । ୩ଦିନ ହେଲା ହାତୀପଲ ଜଙ୍ଗଲର ଏପାଖକୁ ସେପାଖ ହେଉଛନ୍ତି । ଶୁକ୍ରବାର ସନ୍ଧ୍ୟାରେ ଶରଣକୁଳ କାର୍ଯ୍ୟାଳୟ ନିକଟସ୍ଥ ଝାଡେଶ୍ୱରୀ ଦେବୀ ପୀଠରେ ହାତୀପଲକୁ ଦେଖିବାକୁ ମିଳଥିଲା । ହାତିପଲ ରାତିରେ ନରେନ୍ଦ୍ରପୁର ବାରିପଟକୁ ଆସି କେତେଜଣ ଲୋକଙ୍କ କଦଳୀ ବଗିଚା ଓ ବାଡ ନଷ୍ଟ କରିଛନ୍ତି । କୁମୁଟି ପୋଖରୀ ପାଖରେ ବୁଲିଥିଲେ । ରାତିରେ ଶରଣକୁଳରେ ବିଦ୍ୟୁତ୍ ନ ଥିବାରୁ କଟରାଝରୀ, ବରଡହି, ନରେନ୍ଦ୍ରପୁର ବାସିନ୍ଦା ହାତି ଭୟରେ ଭୟଭୀତ ହୋଇ ଉଜାଗର ରହି ହାତୀ ଘଉଡାଇଥିଲେ । ଶରଣକୁଳରେ ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରୁ ଲାଇନ କଟି ଶନିବାର ପୂର୍ବାହ୍ନ ୯ଟାରେ ଲାଇନ ଆସିଥିଲା । ହାତୀପଲରେ ଦନ୍ତାହାତୀ, ୨ ଶାବକ ସମେତ ୧୩ଟି ହାତି ଅଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ହାତୀପଲ ହରିହରପୁର ପଂଚାୟତର ପଥରଗଡ ଡୁବୁରୀରେ ଥିଲେ । ପୂର୍ବରୁ ହାତୀପଲ ଫାସିପଲ୍ଲୀ ନୂଆଗାଁ ଜଙ୍ଗଲରେ ରହିଥିଲେ । ଶନିବାର ।ହାତୀପଲ ପଥରଗଡକୁ ଚାଲି ଯାଇଛନ୍ତି ।

ପଞ୍ଚରିଡା ରେଞ୍ଜର ଭଣ୍ଡାର ପାହାଡ଼ରେ ହାତୀ ପଲ୍ଲ ।

ଛାମୁଣ୍ଡିଆରେ ବୁଲିଲା ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ

ଗ୍ରାମବାସୀ ଅର୍ପଣ ରଥକୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଛନ୍ତି।

ଗଣିଆ,୧୩।୧(ସନ୍ତୋଷ କୁମାର ପ୍ରଧାନ)

ଆସନ୍ତା ୧୭ ତାରିଖରୁ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଚାଲିଛି । ଏଥି ନେଇ ଗାଁଠାରୁ ସହର ସବୁ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ଆରମ୍ଭ ହୋଇଯାଇଛି । ରବିବାର ସକାଳୁ ଗଣିଆ ବ୍ଲକ କାର୍ଯ୍ୟାଳୟରେ ଶ୍ରୀ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ଝୁନା ଜେନା ଓ ବିଡିଓ ଡମ୍ବରୁଧର ମଲିକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ସୋମବାର ପର୍ଯ୍ୟନ୍ତ ଛାମୁଣ୍ଡିଆ ପଞ୍ଚାୟତର ସମସ୍ତ ଗ୍ରାମ ଏହି ରଥ ପରିକ୍ରମା କରିବ । ଶୁକ୍ରବାର ମହୁକଣ ଗ୍ରାମରୁ ଏହି ରଥ ଯାତ୍ରାରମ୍ଭ କରିଥିଲା । ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ସମିତିସଭ୍ୟା ସସ୍ମିତା ଦଳେଇ, ନାଏବ ସରପଞ୍ଚ ସରସ୍ୱତୀ ରାଉତ, ପିଇଓ ମଳୟ ରଞ୍ଜନ ପଟ୍ଟନାୟକ, ଗ୍ରାମ ରୋଜଗାର ସେବକ ଶ୍ରୀକାନ୍ତ ସାହୁ, ଏମ୍‌ବିକେ ସୁଚିସ୍ମିତା ମହାପାତ୍ରଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟା,ସଭ୍ୟ ଉପସ୍ଥିତ ଥିଲେ । ଏହି ରଥ ଗ୍ରାମ ପରିକ୍ରମା କରିବା ବେଳେ ପ୍ରତ୍ୟେକ ପରିବାରରୁ ମୁଠାଏ ଅରୁଆ ଚାଉଳ ଓ ଗୋଟିଏ ଗଳି ଗୁଆ ସଂଗ୍ରହ କରାଯାଇଥିଲା । ଆସନ୍ତା ୧୫ ତାରିଖ ସୁଦ୍ଧା ସେହି ଗୁଆ ଓ ଚାଉଳକୁ ଶ୍ରୀକ୍ଷେତ୍ର ପଠାଯିବ ।

ଧରିତ୍ରୀ DHARITRI Oriya daily

ଆବଶ୍ୟକ କରୁଛି

ଜିଲା ପ୍ରତିନିଧି

ପୁରୀ ଜିଲା ପାଇଁ ଖବରଦାତା ବା ପ୍ରତିନିଧି ଆବଶ୍ୟକ। ପ୍ରାର୍ଥୀଙ୍କ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।

ଇ-ମେଲ: recruitment@dharitri.com

ରାମଜୀଉଙ୍କ ନିକଟକୁ ଅଯୋଧ୍ୟାରୁ ଆସିଲା ନିମନ୍ତ୍ରଣ

ଅଯୋଧ୍ୟାରୁ ଆସିଥିବା ନିମନ୍ତ୍ରଣପତ୍ରକୁ ପ୍ରଦର୍ଶନ କରାଯାଉଛି।

ଖଣ୍ଡପଡ଼ା,୧୩।୧ (ଅଜୟ କୁମାର ମହାରଣା)

ଆସନ୍ତା୨୨ ତାରିଖରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ଅଯୋଦ୍ଧାରୁ ନିମନ୍ତ୍ରଣ ନେଇ ନୟାଗଡ଼ର ଆରଆରଏସ୍‌ର ଏକ ପ୍ରତିନିଧି ଦଳ ଆସିଛନ୍ତି । ଶନିବାର ସନ୍ଧ୍ୟାରେ ସେମାନେ ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗୋକୁଳାନନ୍ଦ ପୀଠ ଜଗନ୍ନାଥ ମନ୍ଦିର ରାମଜୀଉଙ୍କ ମନ୍ଦିରରେ ପ୍ରବେଶ କରି ନିମନ୍ତ୍ରଣ କରିଥିଲେ । ଏହି ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ଆରଆରଏସ୍ ସଦସ୍ୟମାନେ ନିମନ୍ତ୍ରଣ ହସ୍ତାନ୍ତର କରି ଶ୍ରୀ ରାମଜନ୍ମଭୂମିରେ ପଦାର୍ପଣ ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ନିବେଦନ କରିଥିଲେ ।

ଛାତ୍ରୀଙ୍କ ନୃତ୍ୟରେ ବନ୍ଧାପଡ଼ିଲେ ଦର୍ଶକ

ଓଡ଼ଗାଁ,୧୩।୧(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ମହୋତ୍ସବର ତୃତୀୟ ସନ୍ଧ୍ୟା

ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଘଟିଲେ ମହୋତ୍ସବର ଆୟୋଜନ ହୁଏ। ଓଡ଼ଗାଁ ଅଞ୍ଚଳବାସୀ,ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନର ସହଯୋଗରେ ଓଡ଼ଗାଁ ମହୋତ୍ସବ ସରଳ ଓ ଶୃଙ୍ଖଳିତ ହୋଇପାରୁଛି। ଅନ୍ୟପକ୍ଷେ ମହୋତ୍ସବ ମାଧ୍ୟମରେ ପ୍ରତିଭାର ପରିଚୟ ମିଳିପାରୁଛି ବୋଲି ଉପଜିଲାପାଳ ଶକ୍ତିକାନ୍ତ ରାୟ କହିଛନ୍ତି । ଅରବିନ୍ଦ ସ୍କୁଲ ନିକଟ ମହୋତ୍ସବ ପଡ଼ିଆରେ ଚାଲିଥିବା ଓଡ଼ଗାଁ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ତୃତୀୟ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇ ଉପଜିଲାପାଳ ରାୟ ଏପରି ମତବ୍ୟକ୍ତ କରିଛନ୍ତି।

ଅପରାହ୍ନ ୫ଟାରେ ଆରମ୍ଭ ହେଉଥିବା ଉତ୍ସବର ପ୍ରଥମ ପର୍ଯ୍ୟାୟରେ ସ୍ଥାନୀୟ ୨୬ ବିଦ୍ୟାଳୟ ଓ ଅନୁଷ୍ଠାନ ଛାତ୍ରୀଛାତ୍ର ନିଜର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ବିଶେଷ କରି ତୃତୀୟ ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ ବିଚିତ୍ରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଦଣ୍ଡୋର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ, ମଶାବାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ଓ ଉଦ୍ଧବ ସରକାରୀ ଉଚ୍ଚ ବିଦ୍ୟାଳୟ ରଙ୍ଗଣୀପାଟଣା ତୃତୀୟ ସ୍ଥାନ ଅଧିକାର କରିଛି । ସେହିପରି ସିନିୟର ଗ୍ରୁପରେ ଅଷ୍ଟପଦୀ ନୃତ୍ୟ ମନ୍ଦିର ପ୍ରଥମ ଓ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ସମବାୟ ନିର୍ଦ୍ଦେଶକ ବିଭୁପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ରୂପେ ନୟାଗଡ଼ ଉପଜିଲାପାଳ ରାୟ, ସମ୍ମାନିତ ଅତିଥି ରୂପେ ତହସିଲଦାର ମାନସ ରଞ୍ଜନ ଭୋଇ, ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ,ଅବସରପ୍ରାପ୍ତ ଉପବନ ସଂରକ୍ଷକ ସୁରେଶ ଚନ୍ଦ୍ର ହୋତା,ଓଡ଼ଗାଁ ସାମ୍ବାଦିକ ସଂଘ ସଭାପତି ଅଶୋକ କୁମାର ମହାପାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପଣ୍ଡା ଓ ଜଗନ୍ନାଥ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ତହସିଲଦାର ମାନସ ରଞ୍ଜନ ଭୋଇ ଓଡ଼ଗାଁ ମହୋତ୍ସବ ବେଶ ଶୃଙ୍ଖଳିତ ଓ ଏହା କୌଣସି ରାଜ୍ୟସ୍ତରୀୟ ମହୋତ୍ସବ କମ୍ ନୁହେଁ ବୋଲି ମତ ରଖିଥିଲେ। ଏହା ସହ ଭଦ୍ରକର ସଞ୍ଚାର ଡ୍ୟାନ୍ସ ଗ୍ରୁପର ଗଣେଶ ବନ୍ଦନା ଓ କଟକର ସାଗର ସଙ୍ଗମ ମେଲୋଡିକୁ ଦର୍ଶକ ବେଶ ପସନ୍ଦ କରିଥିଲେ। ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ,ନିତ୍ୟାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭାବଗ୍ରାହୀ ମହାପାତ୍ର,ରଞ୍ଜନ କୁମାର ଦାସ,ପଞ୍ଚାନନ ପଣ୍ଡା ମଞ୍ଚ ଦାୟିତ୍ୱରେ ଥିଲେ ।

ଅନୁସୂଚିତ ଜାତି ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥୀନୀଙ୍କ ପାଇଁ ବ୍ୟାପକ ତାଲିମ ଓ ନିଯୁକ୍ତିର ବ୍ୟବସ୍ଥା
(Skill Development Training for SC Unemployed Youths)

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ତରଫରୁ ଓଡ଼ିଶା ଅନୁସୂଚିତ ଜାତିଓ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ (OSFDC), ଭୁବନେଶ୍ୱର, ଯୋଗ୍ୟ ଓ ଇଚ୍ଛୁକ ଅନୁସୂଚିତ ଜାତି ବର୍ଗର ଯୁବକ ଓ ଯୁବତୀ ମାନଙ୍କୁ ବିଭିନ୍ନ ପ୍ରମୁଖ ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ତାଲିମ୍ ଦିଆଯାଇ ନିଯୁକ୍ତି ଯୋଗାଇ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଆବଶ୍ୟକ ଯୋଗ୍ୟତା:
(କ) ଆବେଦନକାରୀ ଅନୁସୂଚିତ ଜାତି ବର୍ଗର ହୋଇଥିବେ ଏବଂ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ।
(ଖ) ଆବେଦନକାରୀଙ୍କ ବୟସ ୧୮ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
(ଗ) ଆବେଦନକାରୀଙ୍କ ବାର୍ଷିକ ପାରିବାରିକ ଆୟ ୨ ଲକ୍ଷ ୫୦ହଜାର ଟଙ୍କାରୁ ଅଧିକ ହୋଇନ ଥିବ ।
(ଘ) ଆବେଦନକାରୀଙ୍କର ସାଧାରଣ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ କିମ୍ବା ତଦୁର୍ଦ୍ଧ ହୋଇଥିବା ଆବଶ୍ୟକ।

ପାଠ୍ୟକ୍ରମ ଦେୟ:
ଏହି ତାଲିମ୍ ନେବା ପାଇଁ ଆଗ୍ରହୀ ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ପ୍ରାର୍ଥୀ ବା ପ୍ରାର୍ଥୀନୀଙ୍କୁ ମାଗଣାରେ ରହିବା ଖାଇବା, ୟୁନିଫର୍ମ ଓ ତାଲିମ୍ ଉପକରଣ ଆଦି ଯୋଗାଇ ଦିଆଯିବ । ପ୍ରାର୍ଥୀ ବା ପ୍ରାର୍ଥନୀଙ୍କୁ ପ୍ରଥମେ ନିଜ ଜିଲ୍ଲାରେ ତାଲିମ୍ ଦେବାର ବ୍ୟବସ୍ଥା କରାଯିବ, ଏହି ସୁବିଧା ଉପଲବ୍ଧ ନ ଥିଲେ ସେମାନଙ୍କୁ ନିକଟତମ ଜିଲ୍ଲାରେ ତାଲିମ୍ ଦିଆଯିବାର ବ୍ୟବସ୍ଥା କରାଯିବ।

ତାଲିମ୍ ପାଠ୍ୟକ୍ରମ:
CNC Turning,
Food & Beverage Service Associate,
General Duty Assistant,
Industrial Electrician,
Machine Operator - Plastic Processing,
Multi Skill Technician (Electrical),
Self Employed Tailor,
Sewing Machine Operator
Condensed Course in tool & DIE making
CNC Milling

କିପରି ଆବେଦନ କରିବେ:
ଇଚ୍ଛୁକ ପ୍ରାର୍ଥୀ ବା ପ୍ରାର୍ଥୀନୀ ଆମ ୱେବସାଇଟ www.stscprayas.com ଜରିଆରେ ଅନଲାଇନ୍ ଆବେଦନ କରିପାରିବେ କିମ୍ବା ଉକ୍ତ ଫର୍ମକୁ ଡାଉନଲୋଡ କରି ନିକଟସ୍ଥ DWO କାର୍ଯ୍ୟାଳୟ କିମ୍ବା The Odisha Scheduled Caste & Scheduled Tribe Development Finance Co-operative Corporation Limited (OSFDC), Lewis Road, Bhubaneswar – 751014 କାର୍ଯ୍ୟାଳୟରେ ଦାଖଲ କରିପାରିବେ ।

ଅଧିକ ବିବରଣୀ ପାଇଁ ଆମକୁ ଯୋଗାଯୋଗ କରିବାପାଇଁ
0674-2432107 (OSFDC) /0674-2390780 (Directorate of SCs)ଙ୍କୁ ଯୋଗାଯୋଗ କରନ୍ତୁ ।
*ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଗ୍ରହଣ ଯୋଗ୍ୟ ହେବନାହିଁ । କୌଣସି କାରଣ ନ ଦର୍ଶାଇ, ଯେ କୌଣସି ବା ସମସ୍ତ ଦରଖାସ୍ତ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କର ଅଛି ।

ଯୋଗାଯୋଗ
The Odisha Scheduled Caste & Scheduled Tribe Development Finance Co-operative Corporation Limited (OSFDC), Lewis Road, Bhubaneswar – 751014,
Email-osfdc.odisha@gmail.com

ମୋବାଇଲରେ କଏଦ ପରିକ୍ରମା ମାର୍ଗ ଅନୁଭୂତି

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଆସନ୍ତା ୧୭ତାରିଖରେ ହେବ। ତାହା ପୂର୍ବରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନବବଧୂ ପରି ସଜେଇ ହେଲାଣି। ବିଶେଷକରି ଶ୍ରୀମନ୍ଦିର ପରିକ୍ରମା ମାର୍ଗକୁ ସୁନ୍ଦର ସୁନ୍ଦର ଫୁଲରେ ସଜା ଯାଇଛି, ଯାହା ପରିକ୍ରମା ପ୍ରକଳ୍ପର ସୌନ୍ଦର୍ଯ୍ୟକୁ ଦୁଇଗୁଣିତ କରିଛି। ବିଶେଷ କରି ଇନର ମାର୍ଗରେ ଛୋଟ ଛୋଟ ସ୍ତମ୍ଭମାନ ନିର୍ମାଣ କରାଯାଇଛି। ଭକ୍ତ ସ୍ତମ୍ଭ ଉପରେ ବିଭିନ୍ନ ପ୍ରକାର ଭଳିକି ଭଳି ଫୁଲକୁଣ୍ଡ ସଜାଯାଇଛି। ଏହାକୁ ଦେଖି ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଫଟୋ ଉଠାଉଥିବା ଦେଖିବାକୁ ମିଳୁଛି। ଏପରିକି ଅନେକ ଭକ୍ତ ପରିକ୍ରମା ମାର୍ଗ ନିକଟରେ ବିଭିନ୍ନ ଭଜନରେ ନୃତ୍ୟ ପରିବେଷଣ କରିବା ସହ ସୁଖଦ ଅନୁଭୂତି ନେଇ ଫେରୁଛନ୍ତି। ସେହିପରି ଅନେକ ଭକ୍ତ ପୁରୀ ଆସି ପୁରୀର ଅନୁଭୂତିକୁ ନିଜ ମୋବାଇଲରେ କଏଦ କରିବା ସହ ଶ୍ରୀମନ୍ଦିର ନିକଟରେ ସେଲ୍ଫି ନେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି।

ସୁଖଦ ଅନୁଭୂତି ଦେଇଛି ବୃନ୍ଦାବତୀ ଭକ୍ତ ନିବାସ

ମହାପ୍ରଭୁଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତମାନେ ପୁରୀକୁ ଆସିଥାନ୍ତି। ଧନୀ ହେଉ କି ଗରିବ ସମସ୍ତ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରି କୃତାର୍ଥ ହୋଇଥାନ୍ତି। ତେବେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ କିଛିଦିନ ପୁରୀରେ ରହି ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରିବାକୁ ଚାହାଁନ୍ତି। ଅନେକ ଧର୍ମଶାଳାରେ ରାତି ଯାପନ କରିଥାନ୍ତି। ହେଲେ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଅନେକ ମଠ ଓ ଧର୍ମଶାଳା ଉଚ୍ଛେଦ କରାଯାଇଥିଲା। ଅନେକ ଲୋକ ଅଧିକ ଟଙ୍କା ଦେଇ ହୋଟେଲରେ ରହିପାରୁ ନ ଥିଲେ। ତେଣୁ ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ଧର୍ମଶାଳା ଓ ଭକ୍ତନିବାସ ନିର୍ମାଣ କରାଯାଇଛି। ଫଳରେ ଭକ୍ତ ଓ ଭଗବାନଙ୍କ ମଝିରେ ଅର୍ଥ ସମସ୍ୟା ଏବେ ଆଉ ବାଧକ ହେଉନି। ଏହି ମହତ୍ ଲକ୍ଷ୍ୟ ନେଇ ପୁରୀରେ ଏକାଧିକ ପ୍ରକଳ୍ପ ଗଢ଼ିଉଠିଛି। ପାଖାପାଖି ବର୍ଷେ ହେବ ବୃନ୍ଦାବତୀ ନିବାସରେ ତୀର୍ଥ ଯାତ୍ରୀ ରହିଲେଣି। ଗରୋଡ଼ ହୋଟେଲ ଓ ଲଜ୍ ବରାଦ୍ଦୁ ଏଠାକାର ବଡ଼ କମ୍ ରହିଛି। କେବଳ ଏତିକି ନୁହେଁ, ପୁରୀରେ ଶ୍ରଦ୍ଧାଳୁଙ୍କ ପାଇଁ ଅତ୍ୟାଧୁନିକ ସେବା ସୁବିଧା ସହ ଭକ୍ତନିବାସ ମଧ୍ୟ ନିର୍ମାଣ ହୋଇଛି। ନାଳାଚଳ ଭକ୍ତନିବାସ, ନିଳାଦ୍ରୀ ଭକ୍ତ ନିବାସ, ପୁରୁଷୋତ୍ତମ ଭକ୍ତନିବାସ ଏବଂ ଶ୍ରୀସୁଦ୍ଧିତା ଭକ୍ତ ନିବାସ ଆଦି ରହିଛି। ନରେନ୍ଦ୍ର କୋଣାରେ ଭକ୍ତମାନଙ୍କ ସୁବିଧା ପାଇଁ ବୃନ୍ଦାବତୀ ଭକ୍ତନିବାସ ନିର୍ମାଣ କରାଯାଇଛି। ଏଠାରେ ଶତାଧିକ ପିଜା ମାତ୍ର ୨୮୦ ଟଙ୍କା ଦେଇ ଭକ୍ତଟିଏ ଗୋଟିଏ ଦିନ ରହଣିର ସୁବିଧା ପାଇପାରୁଛି। ୭୨ସଲା ବିଶିଷ୍ଟ ଏହି କୋଠାରେ ମୋଟ ୧୧୮ଟି କକ୍ଷ ରହିଛି। ୧,୨୫୦ଟି ଶଯ୍ୟା ରହିଛି। କକ୍ଷର ଆକାର ଅନୁସାରେ ୬, ୮, ୧୦ ଏବଂ ୧୨ ଶଯ୍ୟା ପଡ଼ିଛି। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନ୍‌ରେ ରୁମ୍ ବୁକିଂ ବ୍ୟବସ୍ଥା ଥିବାରୁ ପ୍ରତ୍ୟେକ ବର୍ଗର ଲୋକ ଏହାଦ୍ୱାରା ଉପକୃତ ହୋଇପାରୁଛନ୍ତି। ଅପରପକ୍ଷରେ କାର୍ତ୍ତିକ ମାସରେ ବ୍ରତ କରିବାକୁ ଆସୁଥିବା ହବିଷ୍ୟାଳିମାନେ ଏହିଠାରେ ରହି ହବିଷ୍ୟ କରିଥାନ୍ତି। ସେହିଭଳି ରଥଯାତ୍ରା ସମୟରେ ପୁରୀକୁ ସେବା ଯୋଗାଇବାକୁ ଆସୁଥିବା ପୋଲିସକ ରହଣି ପାଇଁ ଏହି ନିବାସରେ ତୀର୍ଥଯାତ୍ରୀଙ୍କ ରହଣି ବାଉଣ କରାଯାଇଛି। ବୃନ୍ଦାବତୀ ନିବାସ ନିର୍ମାଣରେ ପାଖାପାଖି ୪୦କୋଟି ଟଙ୍କା ବ୍ୟୟ ହୋଇଛି। ୨୪ ଘଣ୍ଟିଆ ଲିଫ୍ଟ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହୋଇଛି। ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ପାଇଁ ଭଲ କ୍ଷମତାସମ୍ପନ୍ନ ଡିଜି ସେଟ୍ ରହିଛି। ଅଗ୍ନି ନିର୍ବାପନ ବ୍ୟବସ୍ଥାକୁ ବିଶେଷ ଧ୍ୟାନ ଦିଆଯାଇଛି। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଜାନୁଆରୀ ୧୦ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏଠାରେ ପୋଲିସ କର୍ମଚାରୀଙ୍କ ରହଣି ବ୍ୟବସ୍ଥା ହୋଇଛି।

ଶ୍ରୀକ୍ଷେତ୍ର ଅନୁଭୂତି

ଇତିହାସରେ ସ୍ୱର୍ଣ୍ଣାକ୍ଷର ହୋଇ ରହିବ

"ପରିକ୍ରମା ମାର୍ଗ ଓ ପ୍ରାଚୀର ନିର୍ମାଣ କାର୍ଯ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ହୋଇଛି ବୋଲି ଇତିହାସରେ ସ୍ୱର୍ଣ୍ଣାକ୍ଷର ହୋଇରହିବ। ସେ କଳା, ସଂସ୍କୃତି, ପରମ୍ପରାକୁ ବଜାୟ ରଖିଛନ୍ତି ଓ ଚିତ୍ରଶିଳ୍ପୀଙ୍କୁ ଅନୁପ୍ରାଣିତ କରାର ଦେବା ଦ୍ୱାରା ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ବେଶ୍ ଖୁସି ହୋଇପାରୁଛନ୍ତି। ପରିକ୍ରମା ମାର୍ଗରେ ଭଜନ, କୀର୍ତ୍ତନ, ଇଶାଣ କରିପାରିବା ସହ ବୁଲୁ ଶ୍ରୀମନ୍ଦିରର ସୁନ୍ଦରତାକୁ ଉଲ୍ଲମାନେ ଉପଭୋଗ କରିପାରିବେ ବୋଲି ମୁଁ ଆଶା କରୁଛି। ଏହି ପ୍ରତିଷ୍ଠାରେ ଅନେକ ବେଦବୁଲା ଗୁରୁ ବ୍ରାହ୍ମଣ ସାଧୁସନ୍ତ ଏକ ସମୟରେ ଏକତ୍ରିତ ହେବେ। ଏହା ଆମ ଶ୍ରୀକ୍ଷେତ୍ର ପାଇଁ ଏକ ଶୁଭସଙ୍କେତ ତଥା ଶୁଭପ୍ରତ ହେବ ବୋଲି ମୁଁ ଆଶାୟୀ।"

- **ଦୁର୍ଗାମାଧବ ଜଳ, ଅଧକ୍ଷ, ଓଡ଼ିଶା ଗାରୁ ଓ କାରୁକଳା ମହାବିଦ୍ୟାଳୟ, ପୁରୀ**

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

"ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ତୃତୀୟ ବେଢ଼ା ତିଆରି କରି ମୁଖ୍ୟମନ୍ତ୍ରୀ ଏକ ନୂତନ ଇତିହାସ ସୃଷ୍ଟି କରିଛନ୍ତି, ଯାହା ପୁରା ଶ୍ରୀମନ୍ଦିର ସହିତ ସହରର ମଧ୍ୟ ସୌନ୍ଦର୍ଯ୍ୟ ବଢ଼ାଇ ଦେଉଛି। ଭକ୍ତମାନଙ୍କ ଆଗମନ ଏବଂ ଶୃଙ୍ଖଳିତ ଦର୍ଶନକୁ ନଜରରେ, ମୁଖ୍ୟମନ୍ତ୍ରୀ ଯେଉଁସବୁ କାମ କରିଛନ୍ତି ସେଥିପାଇଁ ମୁଁ ବହୁତ ଖୁସି। ଆଉ ମୋ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛି।"

- **କାର୍ତ୍ତି ବଳବନ୍ତପତି, ସେବାୟତ**

ଅର୍ଥନୈତିକ ପ୍ରଗତି ପଥରେ ଐତିହ୍ୟ କରିଡର

"ଐତିହ୍ୟ କରିଡର ନିର୍ମାଣ ପରେ ପୁରାକୁ ଆଶାତୀତ ଭାବେ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ପୁରାରେ ଆରମ୍ଭ ହେଲାଣି ବିଶ୍ୱପ୍ରସିଦ୍ଧ ରେଲୱେଷ୍ଟେଶନ ଓ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର। ଆସନ୍ତୁ ଶରଧାକାଲିର ସୌନ୍ଦର୍ଯ୍ୟବଢ଼ନ, ସୁଭିତା ମନ୍ଦିରରେ ଲେଜର ଶୋ', ଆମିଷମୁକ୍ତ ବନ୍ଦବାଣ, ସ୍ୱତନ୍ତ୍ର ପୋଲିସ ବାମାଲିୟନ ମାଧ୍ୟମରେ ମୋବାଇଲମୁକ୍ତ ଶ୍ରୀମନ୍ଦିର, ସୁଦୃଶ୍ୟ ଭଜନମଣ୍ଡପ ଓ ଶ୍ରୀମନ୍ଦିର ଏଫ୍‌ଏମ୍ ରେଡିଓ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସରକାରଙ୍କ ଏହି ପ୍ରୟାସରେ ପୁରାର ଆଶାତୀତ ଅର୍ଥନୈତିକ ପ୍ରଗତି ହେବ। ସରକାରଙ୍କ ଏହି ଯୋଜନାର ସଫଳତା ପଛରେ ପୁରାର ସ୍ଥାୟୀ ବାସିନ୍ଦାଙ୍କ ତ୍ୟାଗ ଓ ସହନଶୀଳତାକୁ ଏ ଜାତି ଚିରଜୀବନ ସ୍ମରଣ ରହିବ।"

- **କବି ମିଶ୍ର, କଥାକାର ଓ ଗୀତିକାର**

ପରିକ୍ରମା ପ୍ରକଳ୍ପ ସ୍ୱାଗତଯୋଗ୍ୟ

"ପିଲାବେଳେ ଅନେକ ଥର ଘର ଲୋକଙ୍କ ସହ ପୁରୀ ବୁଲିବାକୁ ଆସିବା ସହ ମହାପ୍ରଭୁଙ୍କ ଦର୍ଶନ କରିଛି। ତେବେ ଏବେ ଯେତେବେଳେ ସମୟ ହୁଏ ମହାପ୍ରଭୁଙ୍କ ଦର୍ଶନ ପାଇଁ ସାଙ୍ଗ ସାଥିଙ୍କ ସହ ପୁରୀ ବୁଲିବାକୁ ଚାଲିଆସେ। ଦିନକୁ ଦିନ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଉଚ୍ଚ କୋଟିର ହେଉଛି, ଫଳରେ ଦର୍ଶନ କରିବାକୁ ଯେତେବା ସମୟ ଲାଗେନି। ଆଗରୁ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡୁଥିଲା। ଏବେ ସେ ସମସ୍ୟା ଦୂର ହୋଇଛି। ପରିକ୍ରମା ମାର୍ଗ ଲୋକାର୍ପଣ ପରେ ଆହୁରି ମଧ୍ୟ ଭକ୍ତମାନେ ସୁବିଧା ପାଇବେ। ସରକାରଙ୍କ ତରଫରୁ ଯେଉଁ ପରିକ୍ରମା ପ୍ରକଳ୍ପ ବ୍ୟବସ୍ଥା ପ୍ରଚଳନ କରାଯାଉଛି, ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ।"

- **ବୁଲୁ ପଟ୍ଟନାୟକ, କଣାସ**

ମହାପ୍ରଭୁଙ୍କ କାର୍ଯ୍ୟ କରି ଆନନ୍ଦିତ

"ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ହେଉଥିବା କାର୍ଯ୍ୟରେ ସାମିଲ ହୋଇ ବହୁତ ଖୁସି ଅନୁଭବ କରେଛି। ଭାଗ୍ୟରେ ଥିଲେ ମହାପ୍ରଭୁଙ୍କ କାର୍ଯ୍ୟ କରିବାର ସୁଯୋଗ ମିଳିଥାଏ। ମହାପ୍ରଭୁଙ୍କ କୃପାରୁ ବିନ୍ଦୁକାର ସେବକ ପରିବାରେ ଜନ୍ମ ହୋଇଛି। ତେବେ ଚିତ୍ରକର ସହ ପଥର କାର୍ଯ୍ୟ ମଧ୍ୟ କରେ। ପରିକ୍ରମା ମାର୍ଗରେ ହେଉଥିବା ପଥର କାର୍ଯ୍ୟ କରିବାର ସୁଯୋଗ ପାଇଥିଲି। ଖଣ୍ଡୋଲାଭଟ ପଥରରେ ସମସ୍ତ କାର୍ଯ୍ୟ କରାଯାଇଛି। ନିର୍ଦ୍ଦିଷ୍ଟ ସମୟରେ କାର୍ଯ୍ୟ ସରିବା ନେଇ ଆଶାଙ୍କା ଦେଖାଦେଇଥିଲା। ତେବେ ମହାପ୍ରଭୁଙ୍କ କୃପାରୁ କାର୍ଯ୍ୟ ଠିକ୍ ସମୟରେ ସରିଛି। ମୋ ଅଧୀନରେ ୨୦ଜଣ କାରିଗର ପଥର କାର୍ଯ୍ୟ କରୁଥିଲେ। ତେବେ ମହାପ୍ରଭୁଙ୍କ କାର୍ଯ୍ୟ କରି ବେଶ୍ ଖୁସି ଅନୁଭବ ହେଉଛି। ଗୁଣ୍ଡଚି ମୁଣ୍ଡା ପରି ମହାପ୍ରଭୁଙ୍କ କାର୍ଯ୍ୟରେ ସାମିଲ ହୋଇ ବେଶ ଆନନ୍ଦ ଲାଗୁଛି।"

- **ବିକ୍ରମ ମହାରଣା, ପଥର ଶିଳ୍ପୀ**

୪ ଦ୍ୱାରରେ ବେଦ ପାଠ

ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା ଝିଅପୁଛି। ପ୍ରକଳ୍ପର ଲୋକାର୍ପଣ ୧୭ ତାରିଖରେ ହେବାକୁ ଥିବାବେଳେ ଶୁକ୍ରବାର ରାଜପତି ମହାରାଜା ରାଜନଅରରେ ବ୍ରାହ୍ମଣ ବରଣ କରିଛନ୍ତି। ଏହାପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଲୋକାର୍ପଣର ଆଦ୍ୟପର୍ବ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖଠାରୁ ବିଧିବଦ୍ଧ ଭାବେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ତେବେ ଯଜ୍ଞ ମଣ୍ଡପଠାରୁ ଆରମ୍ଭ କରି ଶ୍ରୀମନ୍ଦିର ଚାରିପାଖରେ ଥିବା ବେଦପାଠ ପାରାୟଣ ମଣ୍ଡପ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇସାରିଛି। ମଣ୍ଡପଗୁଡ଼ିକ ବିଭିନ୍ନ ଫୁଲ ସଜାକୁ ପାରମ୍ପରିକ ଝୋଟି ଦ୍ୱାରରେ ବେଦ ପାଠ

ଶ୍ରୀମନ୍ଦିର ଚାରିପାଖରେ ପରିକ୍ରମା ଝିଅପୁଛି। ପ୍ରକଳ୍ପର ଲୋକାର୍ପଣ ୧୭ ତାରିଖରେ ହେବାକୁ ଥିବାବେଳେ ଶୁକ୍ରବାର ରାଜପତି ମହାରାଜା ରାଜନଅରରେ ବ୍ରାହ୍ମଣ ବରଣ କରିଛନ୍ତି। ଏହାପରେ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଲୋକାର୍ପଣର ଆଦ୍ୟପର୍ବ ଆରମ୍ଭ ହୋଇଛି। ଆସନ୍ତା ୧୫ ତାରିଖଠାରୁ ବିଧିବଦ୍ଧ ଭାବେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବ। ତେବେ ଯଜ୍ଞ ମଣ୍ଡପଠାରୁ ଆରମ୍ଭ କରି ଶ୍ରୀମନ୍ଦିର ଚାରିପାଖରେ ଥିବା ବେଦପାଠ ପାରାୟଣ ମଣ୍ଡପ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇସାରିଛି। ମଣ୍ଡପଗୁଡ଼ିକ ବିଭିନ୍ନ ଫୁଲ ସଜାକୁ ପାରମ୍ପରିକ ଝୋଟି ଦ୍ୱାରରେ ବେଦ ପାଠ ଆରମ୍ଭ ହେବା ପରେ ଶ୍ରୀମନ୍ଦିର ଚାରିଦ୍ୱାରରେ ବ୍ରାହ୍ମଣମାନଙ୍କ ଦ୍ୱାରା ବେଦପାଠ କରାଯିବ। ଏଥିପାଇଁ ବେଦ ପାରାୟଣ ମଣ୍ଡପ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ରହିଛି। ଶ୍ରୀମନ୍ଦିର ପୂର୍ବଦ୍ୱାର ବା ସିଂହଦ୍ୱାର ନିକଟରେ ଋଗ୍‌ବେଦ, ଦକ୍ଷିଣଦ୍ୱାର ବା ଘୋଡ଼ାଦ୍ୱାର ନିକଟରେ ଯଜୁର୍ବେଦ, ପଶ୍ଚିମ ଦ୍ୱାର ବା ବ୍ୟାଘ୍ର ଦ୍ୱାର ନିକଟରେ ସାମବେଦ ଏବଂ ଉତ୍ତରଦ୍ୱାର ବା ହସ୍ତୀ ଦ୍ୱାର ନିକଟରେ ଅଥର୍ବବେଦ ପାଠ କରାଯିବ। ଏଥିପାଇଁ ପ୍ରଶାସନ ପକ୍ଷରୁ ମଣ୍ଡପ ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି।

ଫଳକରେ ଚାରିଦ୍ୱାର ନାମକରଣ

ସନାତନ ଧର୍ମର ତାତ୍ତ୍ୱିକ ଧାମ ମଧ୍ୟରେ ଶ୍ରୀକ୍ଷେତ୍ର ପୁରୀ ହେଉଛି ପ୍ରମୁଖ ଧାମ। ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତଙ୍କ ଶ୍ରୀକ୍ଷେତ୍ରରେ ସମାଗମ ହୋଇଥାଏ। ତେଣୁ ଭକ୍ତଙ୍କ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପରିକ୍ରମା ମାର୍ଗ ନିର୍ମାଣ କରାଯାଇଛି। ଭକ୍ତମାନେ ସୁବିଧାରେ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ କରି ପାରିବେ। ଶ୍ରୀମନ୍ଦିରକୁ ପ୍ରବେଶ କରିବା ପାଇଁ ଶ୍ରୀମନ୍ଦିର ଚାରିପାଖରେ ଚାରିଗୋଟି ଦ୍ୱାର ରହିଛି, ଯାହା ଚାରୋଟି ଦିଗ ତଥା ଚାରୋଟି ମାର୍ଗକୁ ବୁଝାଇଥାଏ। ଧାର୍ମିକ ଭାବନା ଅନୁଯାୟୀ ଶ୍ରୀମନ୍ଦିର ଚାରିଦ୍ୱାର ଧର୍ମ, କାମ, ମୋକ୍ଷ ଓ ଅର୍ଥର ପ୍ରତୀକ ଅଟେ। ତେଣୁ ଭକ୍ତମାନେ ସେମାନଙ୍କ ଇଚ୍ଛା ଅନୁଯାୟୀ ଭିନ୍ନ ଭିନ୍ନ ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିଥାନ୍ତି। ଅନେକ ସମୟରେ ବାହାରୁ ଆସୁଥିବା ଭକ୍ତମାନେ ଦ୍ୱାର ନାମ ସମ୍ପର୍କରେ ଜାଣିପାରି ନ ଥାନ୍ତି। ତେଣୁ ଭକ୍ତମାନଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଭକ୍ତମାନେ ଯେପରି ଦ୍ୱାର କୁ ଜାଣିପାରିବେ ସେଥିପାଇଁ ଶ୍ରୀମନ୍ଦିର ଚାରିଦ୍ୱାର ନିକଟରେ ଚାରିଗୋଟି ସ୍ତମ୍ଭ କରାଯାଇଛି। ସ୍ତମ୍ଭଗୁଡ଼ିକର ଉଚ୍ଚତା ପ୍ରାୟ ୫ଫୁ ୬ ଫୁଟ ହୋଇଥିବାବେଳେ ସେଥିରେ ସୁନ୍ଦର ରଙ୍ଗର ଫ୍ଲେକରେ ଦ୍ୱାର ଗୁଡ଼ିକର ନାମ ଲେଖାଯାଇଛି। ଦ୍ୱାରର ନାମଗୁଡ଼ିକ ବିଭିନ୍ନ ଭାଷାରେ ଅଙ୍କିତ କରାଯାଇଛି। ଫଳରେ ସମସ୍ତ ଭାଷାଭାଷୀ ଭକ୍ତମାନେ ପଢ଼ି ଦ୍ୱାର ସମ୍ପର୍କରେ ଅବଗତ ହୋଇପାରିବେ। ସେହିପରି ଲେଖା ଉପରକୁ ଚିତ୍ର ବା ଦ୍ୱାରର ସାଙ୍କେତିକ ଚିତ୍ର ଅଙ୍କନ କରାଯାଇଛି। ଯାହାଦ୍ୱାରା ପଢ଼ି ପାରୁ ନ ଥିବା ଭକ୍ତମାନେ ଚିତ୍ର ଦେଖି ଦ୍ୱାର ସମ୍ପର୍କରେ ଜାଣିପାରିବେ। ପ୍ରଶାସନର ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

ପାରମ୍ପରିକ ସମରକଳାରେ କମ୍ପିଲା ବଡ଼ଦାଣ୍ଡ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବ, ଯାହାକୁ ନେଇ ଭକ୍ତଙ୍କଠାରୁ ଆରମ୍ଭ କରି ସେବାୟତ, ପ୍ରଶାସନ ବେଶ୍ ଉତ୍ସୁଣ୍ଡର ସହ ଅପେକ୍ଷା କରିଛନ୍ତି। ତେବେ ପୁରାର ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱ ଦରବାରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ଅବସରରେ ଏକ ନିଆରା ପଦକ୍ଷେପ ନିଆଯାଇଛି। ପ୍ରଶାସନ ପକ୍ଷରୁ ପୁରାର ଆଠପାହି ଆଖଡ଼ାରୁ ପ୍ରାୟତେକ ଦିନ ସନ୍ଧ୍ୟାରେ ପାରମ୍ପରିକ ସମରକଳା ସାଜିପାରାର ଶୋଭାଯାତ୍ରା ପରିବେଷଣ କରାଯାଇଛି। ସିଂହଦ୍ୱାରଠାରୁ ଆରମ୍ଭ କରି ଜଗନ୍ନାଥ ବଲ୍ଲଭ ପର୍ଯ୍ୟନ୍ତ ଏହି ଶୋଭାଯାତ୍ରା ବହୁପାଣରେ ନାନାବିଧ ପ୍ରକାର ନୃତ୍ୟ ଓ ସମରକଳା ପ୍ରଦର୍ଶନ କରାଯାଇଛି। ଏହି ନୃତ୍ୟ ଓ ସମର କଳା ମାଧ୍ୟମରେ ପୁରାକୁ ଆସୁଥିବା ଭକ୍ତଙ୍କୁ ସ୍ୱାଗତ କରାଯିବା ସହ ଆମର ଲୋକ କଳାକୁ ପ୍ରଦର୍ଶନ କରିବା ଲକ୍ଷ୍ୟ ରହିଛି। ଶନିବାର ପ୍ରଥମ ଦିନରେ ଜାଳିଜା ଦେବୀସାହି ଓ ମାଟି ମଣ୍ଡପସାହି ଉତ୍ତର କାଳୀ ଆଖଡ଼ାରୁ ଏହି ଯାତ୍ରା ବାହାରିଥିଲା। ଶନିବାର ସନ୍ଧ୍ୟାରେ ପୁରାର ଆଠପାହି ଆଖଡ଼ା ମଧ୍ୟରୁ ଜାଳିଜା ଦେବୀ ସାହି ଓ ମାଟି ମଣ୍ଡପସାହି ପକ୍ଷରୁ ସେମାନଙ୍କ ସାଂସ୍କୃତିକ ଓ ସମରକଳା ପ୍ରଦର୍ଶନ କରାଯାଇଛି। ପୁରାର ଆଖଡ଼ା ଓ ଜାତୀ ଘରର ସଂସ୍କୃତି ବହୁ ପ୍ରାଚୀନ। ଏହି ଆଖଡ଼ା ଓ ଜାତୀ ଘରର ପ୍ରଶିକ୍ଷିତ ସଦସ୍ୟମାନେ ଶ୍ରୀମନ୍ଦିରକୁ ବାହ୍ୟ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ନିୟୋଜିତ ଥିଲେ। ବିଭିନ୍ନ ସମରକଳାରେ ପ୍ରଶିକ୍ଷିତ ଓ ସମ୍ପନ୍ନ ଏହି ଜାତୀ ଘର ସେମାନ ଭାବେ କାର୍ଯ୍ୟ କରୁଥିଲେ। ସେହି ପାରମ୍ପରିକ କଳା ଓ ଐତିହ୍ୟକୁ ବଞ୍ଚାଇ ରଖିବାକୁ ସରକାର ଓ ପ୍ରଶାସନ ସହଯୋଗ ମଧ୍ୟ କରୁଛନ୍ତି। ତାହାର ପୁନରୁଦ୍ଧାର ଓ ବିଭିନ୍ନ ଆବଶ୍ୟକ ଉପକରଣ ଦ୍ୱାରା ଜାତୀ ଘରଗୁଡ଼ିକ ତାହାର ଐତିହ୍ୟକୁ ସମ୍ବୃଦ୍ଧ କରିପାରିଛି। ସମାରୋହରେ ନାଗା, ଦୁର୍ଗା, କାଳୀ, ପଞ୍ଚମୁଖୀ ହନୁମାନ, ନରସିଂହ, ରାଧେଶ ମେଢ଼ ସହ ଯୋଡ଼ାନାଚ, ବାଘନାଚ, ଓଡିଶୀ, ଘଣ୍ଟ, ସଂକୀର୍ତ୍ତନ ଇତ୍ୟାଦି ସାମିଲ ହୋଇଥିଲା। ଉଭୟ ସାହି ସେମାନଙ୍କ ନିଜ ସାହି ପରିକ୍ରମା କରି ସିଂହଦ୍ୱାରରେ ପହଞ୍ଚିଥିଲେ।

ରଥ ଭୋଇ ସେବକ

ଶ୍ରୀମନ୍ଦିର ସ୍ୱତ୍ୱଲିପିର ୧୭ ନମ୍ବର ସେବାରେ ଭୋଇମାନଙ୍କ ସେବାରେ ରଥ ଭୋଇମାନଙ୍କ ବିବରଣୀ ଉଲ୍ଲେଖ ରହିଛି। ରଥ ଭୋଇମାନେ ଶୁଦ୍ଧ ସେବକ। ତେବେ ଅକ୍ଷୟ ତୃତୀୟ

ଅଶ୍ଳୀଳ ଭିଡିଓ ଭାଇରାଲ: ଯୁବକ ଗିରଫ

ବିଞ୍ଚାରପୁର,୧୩।୧(ରାମକୃଷ୍ଣ ଦାସ): ବିଞ୍ଚାରପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଘର ଅଙ୍ଗାଳୋ ଅଞ୍ଚଳରେ ବୋଲି ଜଣାପଡ଼ିଛି। ୩ ଦିନ ପୂର୍ବରୁ ଯୁବତୀଙ୍କ ଫଟୋ ଓ ଭିଡିଓକୁ ସମ୍ପୃକ୍ତ ଯୁବକ ଭାଇରାଲ କରିଥିଲେ। ପରେ ଯୁବତୀଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। ଆଇଆଇସି ଅଶ୍ରୁମାଳା ଦାସ ନଂ.୧୧/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।

ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

ବିପଦସଂକୁଳ ଅବସ୍ଥାରେ ଚାଲିଛି ପାଠପଢ଼ା

ରୋଷେଇ ଘରେ ଚାଲିଛି ପାଠପଢ଼ା ।

ଜେନାପୁର,୧୩।୧(ଅଶୋକ ଦାସ):

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଗୋବିନ୍ଦପୁର ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ହୋଇପାରୁନାହିଁ। ଫଳରେ ଶିଶୁମାନେ ପାଠପଢ଼ିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗର୍ଭବତୀମାନେ ମଧ୍ୟ ହଇରାଣ ହରକତ ହେଉଛନ୍ତି।

୨୦୦୭ରେ ଏଠାରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଅନୁମୋଦିତ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟାକାରିତାରେ ବିଳମ୍ବ ହେଉଛି। ଫଳରେ ୨୨ଜଣ ଶିଶୁ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ଏକ ରୋଷେଇ ଘରେ ବସି ପାଠ ପଢୁଛନ୍ତି। ଏହି ଘର ମଧ୍ୟ ବହୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ରୋଷେଇ କରାଯିବା ସହ ପିଲାଙ୍କୁ ପାଠ ପଢ଼ାଯାଉଛି। ଏହି ରୋଷେଇ ଘରଟି ଖାଲୁଆ ଜାଗାରେ ହୋଇଥିବାରୁ ସାମାନ୍ୟ ବର୍ଷାରେ ଏଠାରେ ପାଣି ଜମିରହୁଛି। ପିଲାଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା କରାଯାଇନାହିଁ। ସାପ, ବିଛା ଶ୍ରେଣୀ ଗୃହକୁ ପଶି ଯାଉଛନ୍ତି। ଖାଲି ସେତିକି ନୁହେଁ, ଗର୍ଭବତୀଙ୍କ ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ। ଏ ନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ସରସ୍ୱତୀ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଘର ନ ଥିବାରୁ ପିଲାଙ୍କୁ ପଢ଼ାଇବାରେ ଅସୁବିଧା ହେଉଛି। ଗର୍ଭବତୀଙ୍କ ବସିବା ପାଇଁ କୌଣସି ସୁବିଧା ମଧ୍ୟ ନାହିଁ। ଅନ୍ୟପକ୍ଷରେ ଗୋବିନ୍ଦପୁର ଓ ରଘୁନାଥପୁର ଗ୍ରାମରେ ରାଜନୈତିକ ଛକାପଞ୍ଜା ସହ ପ୍ରଶାସନିକ ଅବହେଳା ଯୋଗୁ ଏହା ସଫଳ ହୋଇପାରୁନାହିଁ ବୋଲି କୁହାଯାଉଛି। ତେଣୁ ତୁରନ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଙ୍ଗନୱାଡି କେନ୍ଦ୍ରର ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ସିଡିପିଓ ସୁଶ୍ରୀ ପୂର୍ଣ୍ଣିମା ବୈଠାରୁଙ୍କୁ ପଚାରିବାରୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଦେଖିବାକୁ ଅପେକ୍ଷା କେବେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି।

ଓଚିନ୍ଦା ହରିହାଟ ମେଳା, ଗୋପୀନାଥ ମନ୍ଦିର ପ୍ରତିଷ୍ଠା ୧୫ରୁ

ପାଣିକୋଇଲି,୧୩।୧(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଓ ଗୋପୀନାଥ ମନ୍ଦିର ପ୍ରତିଷ୍ଠା ଆସନ୍ତା ୧୫ ତାରିଖ ମକର ସଂକ୍ରାନ୍ତିରୁ ଆରମ୍ଭ ହେବ। ୧୦ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ବୃତ୍ତାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏବେଠୁ ଗାଁ ଉତ୍ସବମୁଖର ହୋଇଉଠିଛି। ଗୋପୀନାଥ ମନ୍ଦିରର ରାଧାକୃଷ୍ଣ ମୂର୍ତ୍ତି ଗ୍ରାମରେ ପହଞ୍ଚିବାପରେ ଆମିଷ ନିଷେଧ କରାଯାଇଛି। ୧୫ରୁ ହରିହାଟ ଯଜ୍ଞ, ଭାଗବତ ପାଠ, ନାମ ସଙ୍କୀର୍ତ୍ତନ ପରେ ୧୮ ତାରିଖରେ ଗୋପୀନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହେବ। ୧୯ରେ ପୂର୍ଣ୍ଣ୍ୟତୋୟା ବୈତରଣୀରୁ କଳସଯାତ୍ରା, ବେଦପାଠ, ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା ଆଦି ଅନୁଷ୍ଠିତ ହେବ। ୨୦ ତାରିଖରେ ମନ୍ଦିର ନ୍ୟାସ, ଚକ୍ର ଓ ଧ୍ୱଜା ସ୍ଥାପନ, ଗୀତାଯଜ୍ଞ କରାଯିବ। ୨୧ ତାରିଖରେ ସାହାଣମେଳା ଦର୍ଶନ କରାଯିବ। ୧୯ ଓ ୨୦ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରେ ୩ଦିନ ଯାତ୍ରା ପରିବେଷଣ କରାଯିବ ବୋଲି ସୂଚନା ମିଳିଛି।

ମ୍ୟୁନିସିପାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଯାଜପୁର ଟାଉନ,୧୩।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ବାହାବଳପୁରଠାରେ ଥିବା ମ୍ୟୁନିସିପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟର ୫୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟରୁ ଶିକ୍ଷାଲାଭ କରି ବହୁ ଛାତ୍ରୀଛାତ୍ର ଉଚ୍ଚ ପଦବୀରେ ରହି ପାରଦର୍ଶିତା ଲାଭ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତାଭାବେ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ଏ ମାଟିର ଗୌରବ ଓ ସମୃଦ୍ଧିକୁ ବଜାୟ ରଖିବା ପାଇଁ ପ୍ରତ୍ୟେକ ଛାତ୍ରୀଛାତ୍ର ପ୍ରତିବଦ୍ଧତା ହୁଅନ୍ତୁ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଯୁବ ସାମାଜିକ କର୍ମୀ ସବ୍ୟସାଚୀ ମହାପାତ୍ର, ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବିଇଓ ଡ. ସ୍ମୃତିରେଖା ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୋପାଳ କୃଷ୍ଣ ରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପତ୍ର ପ୍ରଦାନ କରିଥିବାବେଳେ ପ୍ରତାପ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ତିମିର ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

ମ୍ୟୁନିସିପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ଫୁଟ୍‌ବଲ ଟୁର୍ନାମେଣ୍ଟ: ରାଇସ୍ ମିଲ୍ ଚାମ୍ପିୟନ

ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

ପାଣିକୋଇଲି,୧୨।୧(ବିକାଶ ମଲ୍ଲିକ):

କୋରେଇ ବ୍ଲକ୍ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମରେ ଚାଲିଥିବା ତ୍ରିଦିବସୀୟ ୧୭ତମ ମା'ହିଙ୍ଗୁଳା ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯାଜପୁର ରୋଡ୍ ରାଇସ୍‌ମିଲ୍ ଚାମ୍ପିୟନ ହୋଇଛି। ମ୍ୟାଚ୍‌ରେ ମୋଟ୍ ୧୬ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ଭାଲୁକୁହୁଡି ବନାମ ରାଇସ୍‌ମିଲ୍ ମଧ୍ୟରେ ହୋଇଥିଲା। ମ୍ୟାଚ ଶେଷ ପର୍ଯ୍ୟନ୍ତ କଡ଼ା ମୁକାବିଲା ଚାଲିଥିଲା। ଫଳରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ପେନାଲଟିକ ଖେଳରେ ଭାଲୁକୁହୁଡିକୁ ୪.୩ ଗୋଲରେ ପରାଜୟ କରି ରାଇସମିଲ ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌କୁ ରେଫରି ଓ ଲାଇନ୍ସମ୍ୟାନ ଭାବେ ଅକ୍ଷୟ ମୁର୍ମୁ, ଗୋପାଳ ମୁର୍ମୁ ଓ ରଜତ ବେହେରା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଭାଜପା ଯୁବନେତା ବିଶ୍ୱଜିତ ନାୟକ ଯୋଗଦେଇ ଫାଇନାଲ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ଖବରଦାତା ସୁବାସ ଧଳ, ଆଶୀର୍ବାଦ ରାଇସ୍‌ମିଲ୍ ମ୍ୟାନେଜର ଶରତ ଚନ୍ଦ୍ର ଦାଶ, ଡା. ସୁରେଶ ପଣ୍ଡା, ଶିକ୍ଷାବିତ୍ ସୟଦ ଅଲ୍ଲି ଖାଁ ଓ କରୁଣାକର ମାଝି ପ୍ରମୁଖ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ଅର୍ଥରାଶି ଏବଂ ସିଲ କପ ଦେଇ ପୁରସ୍କୃତ କରିଥିଲେ। ଆୟୋଜକ କମିଟି ପକ୍ଷରୁ ସନ୍ତୋଷ ମଲିକ, ଆଶିଷ ଭାରତୀ, ବଳରାମ ମଲିକ, ଅମୂଲ୍ୟ ମଲିକ, କରୁଣାକର ମଲିକ, ରାଜେନ୍ଦ୍ର ଭାରତୀ ଓ ମନୋଜ ଭାରତୀ ପ୍ରମୁଖ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଦଶରଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଝୁଣ୍ଟୁରୀ,୧୩।୧(ସରୋଜ ନାୟକ):

ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ଦଶରଥପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଯାପନୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. କାହ୍ନୁଚରଣ ମିଶ୍ରଙ୍କ ସଭାପତିତ୍ୱରେ ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ସମ୍ମାନିତ ଅତିଥି ବିଜେଡି ଜିଲା ସଭାପତି ସରୋଜ ମହାପାତ୍ର, ଜିଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଜୟ ରାଉତରାୟ, ଦଶରଥପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କ୍ରାନ୍ତିକୁମାରୀ ସଂଘମିତ୍ରା ଜେନା, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ଓ ପୂର୍ବତନ ସମିତିସଭ୍ୟ ମହେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ବହୁ ନୂତନ ପ୍ରତିଭା ଆଗକୁ ଆସିଛନ୍ତି ବୋଲି କହିଥିଲେ। ଦଶରଥପୁର ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଦେବଦତ୍ତ ବେହେରା ବେଦପାଠ ଉଚ୍ଚାରଣ କରିଥିବାବେଳେ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧ୍ୟାପକ କୈଳାସ ଚନ୍ଦ୍ର ସେନାପତି ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ମେଲୋଡି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରାଯାଇଥିଲା।

ସୁନ୍ଦୁରିଆ ପ୍ରିମିୟର ଲିଗ୍: ଫାଇନାଲରେ ଧର୍ମଶାଳା ଇଲେଭେନ

ଧର୍ମଶାଳା,୧୩।୧(ବଟକୃଷ୍ଣ ପରିଡ଼ା):

ଧର୍ମଶାଳା ବ୍ଲକ ସୁନ୍ଦୁରିଆ ପଞ୍ଚାୟତରେ ନ୍ୟୁ ଲାଇଫ୍ କ୍ଲବ ପକ୍ଷରୁ ଚାଲିଥିବା ସୁନ୍ଦୁରିଆ ପ୍ରିମିୟର କ୍ରିକେଟ ଲିଗର ଶନିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବରୀକୁ ହରାଇ ଧର୍ମଶାଳା ଇଲେଭେନ ଫାଇନାଲରେ ପ୍ରବେଶ କରିଛି।

ପ୍ରଥମେ ବରୀ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରେ ସମସ୍ତ ଉଇକେଟ ହରାଇ ୧୮୦ ରନ କରିଥିଲା। ଦଳ ପକ୍ଷରୁ ଭବାନୀ ଶଙ୍କର ୭୨ ରନ ସଂଗ୍ରହ କରିଥିଲେ। ଜବାବରେ ଧର୍ମଶାଳା ୧୨ ଓଭରରେ ୪ ଉଇକେଟ ହରାଇ ୧୮୧ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରୋଶନ ରାୟ ୩୬ ବଲରେ ୧୧୭ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଖେଳକୁ ସୁନୀଲ ନାୟକ ଓ ମୃତ୍ୟୁଞ୍ଜୟ ବରାଳ ପରିଚାଳନା କରିଥିଲେ। ଆସନ୍ତା ୧୫ ତାରିଖ ସୋମବାର ଫାଇନଲ ମ୍ୟାଚ ଧର୍ମଶାଳା ଇଲେଭେନ ଓ ଜାରକା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଖାଦ୍ୟ ସୁରକ୍ଷା ଆୟୋଗ ସଭ୍ୟାଙ୍କ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ

ଯାଜପୁର ଟାଉନ,୧୩।୧ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):

ରାଜ୍ୟ ଖାଦ୍ୟ ସୁରକ୍ଷା ଆୟୋଗ ସଭ୍ୟା ସଂଯୁକ୍ତା ମହାନ୍ତି ଶନିବାର ଯାଜପୁର ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ମଧ୍ୟାହ୍ନଭୋଜନ ମାନ ଯାଞ୍ଚ କରିବା ସହ ଖାଦ୍ୟ ସୁରକ୍ଷା ଯୋଜନାର ସଫଳ ରୂପାୟନ ସମ୍ପର୍କରେ ତଦାରଖ କରିଛନ୍ତି। ଯାଜପୁର ପୌରାଞ୍ଚଳ ଅଧୀନରେ ଥିବା ବେପାରୀବରହମପୁର ଅଙ୍ଗନୱାଡି କେନ୍ଦ୍ର, ସଙ୍କମାଧବ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର, ଜୟଦୁର୍ଗା ଉ.ପ୍ରା ବିଦ୍ୟାଳୟ, ଗରିଆପୁର ଉନ୍ନିତ ପ୍ରାଥମିକ ବିଦ୍ୟାଳୟକୁ ଗସ୍ତକରି ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଉଥିବା ଭୋଜନର ତଦାରଖ କରିଛନ୍ତି। ଏହାବ୍ୟତୀତ ବିଭିନ୍ନ ସରକାରୀ ବିକ୍ରୟ କେନ୍ଦ୍ର ବୁଲି ଯାଞ୍ଚ କରିଛନ୍ତି।

୨ ପଞ୍ଚାୟତରେ ବୁଲିଲା ଅର୍ପଣ ରଥ

ବାଲିଚନ୍ଦ୍ରପୁର,୧୩।୧(ଗିରିଜା ପ୍ରସାଦ ସାହୁ):

ପତରାଜପୁର ପଞ୍ଚାୟତରେ ଅର୍ପଣ ରଥ ।

ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳୀପୁର ଓ ପତରାଜପୁର ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ନଳୀପୁର ତାରିଣୀ ମନ୍ଦିରରୁ ରଥ ବାହାରି ବିଭିନ୍ନ ଜଗନ୍ନାଥ ମନ୍ଦିର, ମହାପୁରୁଷ, ଗ୍ରାମଦେବତୀ, ମଠ ମନ୍ଦିର ପ୍ରମୁଖରେ ପହଞ୍ଚିବା ପରେ ରଥକୁ ସ୍ୱାଗତ କରାଯାଇଥିଲା। ଗ୍ରାମବାସୀ ଅକ୍ଷତ ଓ ଗୁଆ ସମର୍ପଣ କରିଥିଲେ। ଗାଁ ଦାଣ୍ଡରେ ମହିଳାମାନେ ମୁରୁଜ ପକାଇ ବିଭିନ୍ନ ପ୍ରକାର ଚିତ୍ରାଙ୍କନ କରିଥିବାବେଳେ ସଙ୍କୀର୍ତ୍ତନ, ହୁଳହୁଳି, ହରିବୋଲ ଓ ଜୟ ଜଗଜନ୍ନାଥ ଧ୍ୱନିରେ ଗ୍ରାମ ପ୍ରକମ୍ପିତ ହୋଇଥିଲା। ଅନେକ ମୁସଲମାନ ଧର୍ମାବଲମ୍ବୀ ଏଥିରେ ସାମିଲ ହୋଇଥିବା ଦେଖାଯାଇଥିଲା। ଟିମ୍ ବଡ଼ଚଣା ଅଧ୍ୟକ୍ଷ ଆଦିତ୍ୟ ଶତପଥୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। ଆମ୍ଭା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ମନୋରଞ୍ଜନ ମଲ୍ଲିକ, ରଶ୍ମିରଞ୍ଜନ ବଳ, ନୀଳମଣି ମଲ୍ଲିକ, ଅକ୍ଷୟ ମଲ୍ଲିକ, ସେକ୍ ନାସିର ମିଆଁଉଦ୍ଦିନ୍ ଖାଁ, ପିଇଓ ଧନଞ୍ଜୟ ସ୍ୱାଇଁ, ଜିଆରଏସ୍ ନିକୁଞ୍ଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବାଉଜଙ୍ଗ ହନୁମାନ ମନ୍ଦିର ପାଖରେ ପରିକ୍ରମା ରଥ କାର୍ଯ୍ୟସମାପନ ହୋଇଥିଲା।

ସେହିପରି ପତରାଜପୁର ପଞ୍ଚାୟତରେ ଅକ୍ଷତ ଓ ଗୁଆ ଗ୍ରହଣ କରାଯାଇଛି। ସିଂହସାହି ମା'ବେଲେଶ୍ୱରୀ ଗ୍ରାମଦେବତୀ ପୀଠରୁ ରଥ ବାହାରି ବିଭିନ୍ନ ଗ୍ରାମର ଘରକୁ ଘର ପରିକ୍ରମା କରିଥିଲା। ଗ୍ରାମବାସୀ ଶ୍ରଦ୍ଧାର ସହିତ ଅକ୍ଷତ ଓ ଗୁଆ ସମର୍ପଣ କରିଥିଲେ। ଟିମ୍ ବଡ଼ଚଣା ଅଧ୍ୟକ୍ଷ ଆଦିତ୍ୟ ଶତପଥୀ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ରଥକୁ ସ୍ୱାଗତ କରିଥିଲେ। ଆମ୍ଭା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ପ୍ରାକ୍ତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ଶାରଦା ପ୍ରସନ୍ନ ମହାନ୍ତି, ସରପଞ୍ଚ ତନୁଶ୍ରୀ ଦାସ, ଆଡ୍‌ଭୋକେଟ ପ୍ରତାପ ଚନ୍ଦ୍ର ନାୟକ, ପ୍ରାକ୍ତନ ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ମହାନ୍ତି, ନାଏବ ସରପଞ୍ଚ ଭରତ ପରମାଣିକ, ସେକ୍ ମୋଇନ ଅହେମ୍ମଦ, ଗୋଲାମ କିବିରିଆ ଖାଁ ଓ ରଞ୍ଜିତ ସାମଲ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ସନ୍ଧ୍ୟାରେ ପତରାଜପୁର ଗ୍ରାମଦେବତୀଙ୍କ ନିକଟରେ ରଥ ପରିକ୍ରମା ସମାପନ କରାଯାଇଥିଲା। ସେଠାରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ସୁକିନ୍ଦା,୧୩।୧(ସତ୍ୟଜିତ ଦାଶ):

ସୁକିନ୍ଦା ଥାନା ଅନ୍ତର୍ଗତ ସଂସାଇଲୋ ଗ୍ରାମନିକଟ ଟାଟା କଲୋନୀ ଛକରେ ଶନିବାର ରାତି ପ୍ରାୟ ୭ଟାରେ ଏକ ପରିବା ବୋଝେଇ ପିକଅପ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ଏହି ଥାନା ଅନ୍ତର୍ଗତ ବନ୍ଧଗାଁ ଗ୍ରାମର ନରସିଂହ ମହାନ୍ତଙ୍କ ବଡ଼ ପୁଅ ଗୌତମ ମହାନ୍ତ (୫୧)ବୋଲି ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ପିକଅପ୍ ଚାଳକଙ୍କୁ ପୋଲିସ କାବୁ କରିବା ସହ ଉଭୟ ଗାଡ଼ିକୁ ଜବତ କରିଛି। ଏନେଇ ଥାନାରେ ଏକ ମାମଲା ନଂ.୧୫/୨୪ ରୁଜୁ ହୋଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯିବ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ ମଲ୍ଲିକ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରତିଦିନ ୫୩ ନମ୍ବର ଜାତୀୟ ରାଜପଥର ଡୁବୁରୀଠାରୁ ମଙ୍ଗଳପୁର ମଧ୍ୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଅନ୍ଧାରିଆ, ଅଧପନ୍ତରିଆ ଏବଂ ଭୁଲ ରାସ୍ତା ନିର୍ମାଣ ପାଇଁ ଏଭଳି ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

ଯୁବ ରେଡ୍‌କ୍ରସ୍ ତାଲିମ ଶିବିର ଉଦ୍‌ଯା

ସଂକ୍ଷେପରେ

ଆବେଦନକରି ନ ପାରି ଆଶାୟୀ ହନ୍ତସନ୍ତ

ରାଜକନିକା,୧୩।୧(ସଞ୍ଜୟ କୁମାର ଦାଶ):

୨୦୨୩ ଡିସେମ୍ବର ୨୯ରେ ଓଡ଼ିଶା ଷ୍ଟାଫ୍ ସିଲେକଶନ ଦ୍ୱାରା ରେଭିନ୍ୟୁ ଇନ୍ସପେକ୍ଟର, ଆସିଷ୍ଟାଣ୍ଟ ରେଭିନ୍ୟୁ ଇନ୍ସପେକ୍ଟର, ଆଇସିଡିଏସ୍ ସୁପରଭାଇଜର, ଆର୍‌ଆଇ, ଏଆର୍‌ଆଇ, ଅମିନ, ଷ୍ଟାଟିଷ୍ଟିକାଲ ଫିଲ୍ଡ ସର୍ଭେୟର ଆଦି ପାଇଁ ବିଜ୍ଞପ୍ତି ଜାରି ହୋଇ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀ ଆବେଦନ କରିବାକୁ ପ୍ରାବଧାନ ଥିଲା। ହେଲେ ଅନ୍‌ଲାଇନରେ ସେହି ପୋର୍ଟାଲ୍ ଖୋଲୁ ନ ଥିବାରୁ ଆଶାୟୀ ଅଭିଯୋଗ କରିଛନ୍ତି। ଆବେଦନର ଶେଷ ତାରିଖ ୨୫ ଜାନୁଆରୀ ରହିଥିବା ବେଳେ, ସରକାରୀ ଚାକିରି କରିବାକୁ ଆଶା ରଖିଥିବା ବହୁ ଆଶାୟୀ ଆବେଦନ କରିପାରୁନାହାନ୍ତି। ଉକ୍ତ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଆଶାୟୀ ଅନୁରୋଧ କରିଛନ୍ତି।

ମଳୟ ଦାସ ଜିଲା କଂଗ୍ରେସ ଓବିସି ଅଧ୍ୟକ୍ଷ

ପଟ୍ଟାମୁଣ୍ଡାଇ,୧୩।୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ବରିଷ୍ଠ ନେତା ମଳୟ ଦାସଙ୍କୁ ଜିଲା କଂଗ୍ରେସ ଓବିସି ବିଭାଗ ଅଧ୍ୟକ୍ଷ ଭାବେ ଅଖିଳ ଭାରତ କଂଗ୍ରେସ ଓବିସି ବିଭାଗ ଅଧ୍ୟକ୍ଷ ଅଜୟ ସିଂହ ଯାଦବ ନିଯୁକ୍ତି ଦେଇଛନ୍ତି। ଜଣେ ଦୃଢ଼ ସଙ୍ଗଠକ ଓ ଅନୁଭୂତି ସମ୍ପନ୍ନ ଅଭିଜ୍ଞ ନେତା ଦାସଙ୍କୁ ଏହି ନିଯୁକ୍ତି ଦିଆଯାଇଥିବାରୁ କଂଗ୍ରେସ ଓବିସି ବିଭାଗ ଅଧିକ ଶକ୍ତିଶାଳୀ ହେବ ବୋଲି ଆଶା କରାଯାଉଛି। ନୂତନ ଜିଲା କଂଗ୍ରେସ ଓବିସି ଅଧ୍ୟକ୍ଷ ଦାସଙ୍କୁ ଜିଲା କଂଗ୍ରେସ ସଭାପତି ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ସଭାପତି ନିର୍ମାଁଇ କର, ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ଉପସଭାପତି ଅବିନାଶ ଲେଙ୍କା ଓ ସନାତନ ବିଶ୍ୱାଳ, ତପନ ପାତ୍ର ପ୍ରମୁଖ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା, ପ୍ରତିମୂର୍ତ୍ତି ଅନାବରଣ

ଆଳି,୧୩।୧(ବନମାଳୀ ସେନାପତି)

ଆଳି ବ୍ଲକ ପଦନିପାଳ ନିବାସୀ ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ନିରଞ୍ଜନ ଜେନାଙ୍କ ସ୍ମୃତିଚାରଣ ସଭା ଓ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିରଞ୍ଜନ ଜେନା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସଭାରେ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ନିଗମାନନ୍ଦ ସାରସ୍ୱତ ସଂଘ ସମ୍ପାଦକ ନିରଞ୍ଜନ ମହାନ୍ତି, ଜିଲା ପରିଷଦ ଭୀଷ୍ମ ମହାନ୍ତି, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ପଣ୍ଡା, ନୀଳାଦ୍ରି ଭୂଷଣ ମହାପାତ୍ର, ଉଦ୍ୟାନ ବିଶେଷଜ୍ଞ ଧରଣୀଧର ପାତ୍ର, ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ହରେକୃଷ୍ଣ ପଣ୍ଡା, ଦିଲୀପ ମହାନ୍ତି, ଡା. ଇନ୍ଦ୍ରଭାନୁ ପ୍ରଧାନ, କଳ୍ପତରୁ ମିଶ୍ର, କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ଚନ୍ଦ୍ର ସ୍ୱାଇଁ, ଜିତେନ୍ଦ୍ର ବେହେରା, ସୁବାସ ବେହେରା, ଅମ୍ବିକା ପ୍ରସାଦ ସାମଲଙ୍କୁ ସ୍ମୃତି କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ନିଆଳସ୍ଥିତ ବାସଭବନ ନିକଟରେ ଜେନାଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା। ସ୍ମୃତି କମିଟିର ସମ୍ପାଦକ ଧନେଶ୍ୱର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଜ୍ଞାନ ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

'ରାସାୟନିକ ପଦାର୍ଥ ବ୍ୟବହାର ପ୍ରତି ସତର୍କ ରୁହ'

କର୍ମଶାଳାରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ମତ୍ସ୍ୟ, ଦୁଗ୍ଧ, ଉଦ୍ୟାନ କୃଷି ଚାଷୀଙ୍କ କର୍ମଶାଳା

ଡେରାବିଶ, ୧୩।୧(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଚାନ୍ଦୋଳ କଲେଜ ଛକ ନିକଟରେ ଭୁବନେଶ୍ୱରସ୍ଥିତ ସିଆଇଏଫ୍‌ଏ ଆନୁକୂଲ୍ୟରେ କୃଷିରେ ଔଷଧ ଓ ରାସାୟନିକ ପଦାର୍ଥର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଜୀବାଣୁ ପ୍ରତିରୋଧକ ସମ୍ପର୍କରେ ଏକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ମତ୍ସ୍ୟ, ଦୁଗ୍ଧ ଚାଷୀ, କୁକୁଡ଼ା ଚାଷୀ, ଉଦ୍ୟାନ କୃଷି, ଉଦ୍ୟୋଗୀମାନଙ୍କୁ ନେଇ ଅନୁଷ୍ଠିତ କର୍ମଶାଳାରେ ସିଆଇଏଫ୍‌ଏର ମୁଖ୍ୟ ବୈଜ୍ଞାନିକ ଡ. ସୁଧାଂଶୁ ଶେଖର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଇନ୍‌କ୍ଲିନ୍ ଟ୍ରଷ୍ଟ ଇଣ୍ଟରନ୍ୟାଶନାଲ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଡା. ମନୋଜ କୁମାର ଦାସ, ଭୁବନେଶ୍ୱରସ୍ଥିତ କିମସ୍‌ର ପ୍ରଫେସର ଡା. ବାସନ୍ତୀ ପାଠୀ, ଓୟୁଏଟିର ଶଲ୍ୟ ବିଭାଗର ପ୍ରଫେସର ଡ. ଜୟକୃଷ୍ଣ ଦାସ, ଓଡ଼ିଶା ସରକାରଙ୍କର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡ. ବୀର କିଶୋର ପରିଡ଼ା, କେନ୍ଦ୍ରାପଡ଼ା ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ କୋକିଳ ମଞ୍ଜରୀ ନାୟକ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ବିବେକାନନ୍ଦ ସାହୁ, ଚାନ୍ଦୋଳ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରିୟାଙ୍କା ମଲିକ, ଡେରାବିଶ ସହକାରୀ ପ୍ରାଣୀ ଚିକିତ୍ସକ ସ୍ଥିତପ୍ରଜ୍ଞା ସାହୁ, ଡେରାବିଶ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ରୋଗ ସଂକ୍ରମଣର ମାଧ୍ୟମ, ରୋଗର ଚିକିତ୍ସା ପଦ୍ଧତି, ଆଣ୍ଟିବାୟେଟିକ୍‌ର ଉପଯୁକ୍ତ ତଥା ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜୀବାଣୁ ପ୍ରତିରୋଧକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶେଷକରି ରୋଗ ନିରୂପଣ ପାଇଁ ପରୀକ୍ଷା ଏବଂ ଔଷଧ ବ୍ୟବହାର ପାଇଁ ସର୍ବଦା ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଗବେଷଣାରତ ଛାତ୍ର ଦିଲୀପ କୁମାର ପରିଡ଼ା ଏବଂ ବି ପ୍ରିନ୍ସ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଉଦ୍ୟୋଗୀ କମଳାକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶେଷରେ ଗରଦପୁର ବ୍ଲକ ଭଗବାନପୁରସ୍ଥିତ ମା' ବୁଢ଼ି ଜାଗୁଳାଇ ମତ୍ସ୍ୟ ଯାଆଁଳ ହାଚେରୀର ପରିଚାଳକ ଝିନା ପରିଡ଼ା ଧନ୍ୟବାଦ ଦେଇଥିଲେ।

ମଳୟ ଦାସ ଜିଲା କଂଗ୍ରେସ ଓବିସି ଅଧ୍ୟକ୍ଷ

ପରୀକ୍ଷା ପାଇଁ ଗଲା ମୃତ କାଉଙ୍କ ମଳ

ରାଜନଗର, ୧୩।୧ (ଭାସ୍କର ରାଉତରାୟ)

ସଂସାରଫଳରେ କାଉ ମଡ଼କ ଘଟଣା



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗାଁରେ ୫୦ ଊର୍ଦ୍ଧ୍ୱ କାଉଙ୍କ ମୃତ୍ୟୁ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର କେନ୍ଦ୍ରାପଡ଼ା ଜିଲା ପ୍ରାଣୀ ଚିକିତ୍ସା ବିଭାଗର ଏକ ଟିମ୍ ସଂସାରଫଳ ଗାଁରେ ପହଞ୍ଚି ମୃତ କାଉ ଗୁଡ଼ିକୁ ଦେଖିବା ସହ ଗାଁରେ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ ଅନୁଯାୟୀ କାଉଗୁଡ଼ିକୁ ପୋତି ଦେଇଛନ୍ତି। ଦୁଇଟି ମୃତ କାଉ ସହିତ ସେମାନଙ୍କ ମଳ, ପାଖରେ ଥିବା ପୋଖରୀ ପାଣିର ନମୁନା ପରୀକ୍ଷା ପାଇଁ ନିଆଯାଇଛି। ଏହି ନମୁନାଗୁଡିକୁ ପରୀକ୍ଷା ପାଇଁ ରାଜ୍ୟ ପ୍ରାଣୀ ରୋଗ ନିରୂପଣ ସଂସ୍ଥା ଫୁଲନଖରାକୁ ପଠାଯାଇଛି ବୋଲି ଜିଲା ପ୍ରାଣୀ ଚିକିତ୍ସାଧିକାରୀ ରୋଗ ନିୟନ୍ତ୍ରଣ ଡା. ମୃତ୍ୟୁଞ୍ଜୟ ମହାନ୍ତି ସୂଚନା ଦେଇଛନ୍ତି। ରିପୋର୍ଟ ଆସିବା ପରେ କାଉ ମୃତ୍ୟୁର ପ୍ରମୁଖ କାରଣ ଜଣାପଡ଼ିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସଂସାରଫଳ ଗାଁର ଶିବ ମନ୍ଦିର ନିକଟ ଏବଂ ଆଖପାଖ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ କାଉ ଗତ ୨ଦିନ ମଧ୍ୟରେ ମୃତ୍ୟୁ ହୋଇଥିଲା। କାଉ ଗୁଡ଼କ ହଠାତ୍ ଗଛରୁ ଖସି ପଡୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଗୋଟିଏ ଗାଁରେ ଦୁଇ ଦିନ ଭିତରେ ୫୦ରୁ ଊର୍ଦ୍ଧ୍ୱ କାଉଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କର ବାତାବରଣ ଖେଳାଇଛି। ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଛି। ବର୍ତ୍ତମାନ ଧାନକଟା ସରିଥିବା ବେଳେ ବିଲରେ ଝଡ଼ି ପଡ଼ିଥିବା ଧାନ ଓ କୀଟପତଙ୍ଗ ଖାଇବା ପାଇଁ ବିଦେଶୀ ପକ୍ଷୀମାନେ ଜାତୀୟ ଉଦ୍ୟାନ ମଧ୍ୟରୁ ଗାଁ ଧାନ ବିଲରେ ବସୁଛନ୍ତି। ବିଦେଶାଗତ ପକ୍ଷୀଙ୍କ ଭିଡ଼ ସମୟରେ କାଉ ମଡ଼କ ଆତଙ୍କର ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି କାଉ ମୃତ୍ୟୁ ଘଟଣାକୁ ବନ ବିଭାଗ ଗୁରୁତର ସହ ନେବା ସହ ଏହା ଉପରେ ନଜର ରଖିଥିବା ଜଣାପଡ଼ିଛି।

ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ କିଶୋରୀ ମେଳା

ରାଜନଗର, ୧୩।୧ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଆନୁକୂଲ୍ୟରେ କିଶୋରୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକର ରାଜନଗର, ବାଲିକଣା, ସାନବଡ଼ଗୋପାଳପୁର ପ୍ରଭୃତି ୩ଟି ସେକ୍ଟରର ୧୦ଟି ପଞ୍ଚାୟତର ୫୭ଜଣ କିଶୋରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କିଶୋରୀମାନଙ୍କ ମଧ୍ୟରେ ସଙ୍ଗୀତ, କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରେ ରାଜନଗର ସେକ୍ଟରର ଜସ୍ମିନ ପ୍ରଧାନ, ସୌମ୍ୟା ନାୟକ, ଅର୍ପିତା ପରିଡା, ବାଲିକଣା ସେକ୍ଟରର ସ୍ଥିତପ୍ରଜ୍ଞା ମିଶ୍ର, ଅର୍ପିତା ଧଳ, ସ୍ୱୟଂପ୍ରଭା ସାହୁ, ସାନବଡ଼ଗୋପାଳପୁର ସେକ୍ଟରର ସରୋଜିନୀ ବଳ, ଗଙ୍ଗା ରାଉତ ପ୍ରମୁଖଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଉଦ୍‌ଘାଟନ କରିଥିଲେ। ସିଡିପିଓ ସନ୍ତୋଷିନୀ ଭୋଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ଯୋଗ ଦେଇଥିବା ବେଳେ କିଶୋରୀ ମେଳାର ବ୍ଲକ ସଂଯୋଜକ ଶଶଧର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଦର୍ଶୀକା ସ୍ୱାଗତିକା ତରାଇ, ମିନତି ମିଶ୍ର, ବିଜୟାଲକ୍ଷ୍ମୀ ସ୍ୱାଇଁ, ପ୍ରତିଭା ମହାନ୍ତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଅଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ରଥ, ସ୍ୱର୍ଣ୍ଣଲତା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ କିଶୋରୀମାନଙ୍କୁ ସୁପୋଷଣ ଓ ରକ୍ତହୀନତା ସମ୍ପର୍କରେ ସୂଚନା ପ୍ରଦାନ କରାଯିବା ସହ କିଶୋରୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ଜୀବନ ଶୈଳୀ ଉପରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଘାଟନ

ରାଜକନିକା,୧୩।୧(ସଞ୍ଜୟ କୁମାର ଦାଶ)

ଭାଷା ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

ରାଜକନିକା ବ୍ଲକ ଓଳାଭର ଡିଗ୍ରୀ କଲେଜ ଓ ଓଳାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ନୂଆ-ଓ ଓଡ଼ିଆ ଭାଷା ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ ଓଡ଼ିଆ କବିତା ଲିଖନ, ସୁନ୍ଦର ଓଡ଼ିଆ ହସ୍ତାକ୍ଷର, ଓଡ଼ିଆ ବ୍ୟାକରଣ ଓ ଓଡ଼ିଆ କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୬ରେ ଓଡ଼ିଆ ବକ୍ତୃତା ଏବଂ ଓଡ଼ିଆ ଭଜନ ଗାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ, ୧୭ରେ ଓଡ଼ିଆ ସିନେମା ପ୍ରଦର୍ଶନ ଓ ୨୨ରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହ ୨୪ରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବ। ଉଦ୍‌ଯାପନ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ନୂଆ-ଓ ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଫିସର ଅଧ୍ୟାପକ ବସନ୍ତ କୁମାର ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରି କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ରବୀନ୍ଦ୍ର କୁମାର ସେନାପତି, ଅଧ୍ୟାପକ ମୂରଲୀଧର କର, ଡ଼. ସୁଧୀର କୁମାର ବାରିକ, ଅଧ୍ୟାପକ ଚିନ୍ମୟ ରଞ୍ଜନ ସାହୁ ପ୍ରମୁଖ ନିଜ ନିଜର ଅଭିଭାଷଣ ରଖିଥିଲେ। ଅନ୍ୟତମ ନୋଡାଲ ଅଫିସର ପ୍ରତାପ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନନ୍ତ କୁମାର ସାହୁ, ମନୋଜ କୁମାର ସାହୁ ପରିଚାଳନା କରିଥିବା ବେଳେ, ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସ୍ୱର୍ଣ୍ଣ ପଦକ ବିଜୟୀ ସାହାଦତ୍‌ଙ୍କୁ ସମ୍ବର୍ଦ୍ଧନା

ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦ୍ରାପଡ଼ା, ୧୩।୧ (ଜଗନ୍ନାଥ ଧଳ)

ଅର୍ନ୍ତଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜୟୀ କେନ୍ଦ୍ରାପଡ଼ା ସହରର ୯ ବର୍ଷୀୟ ସାହାଦତ୍ ଖାନଙ୍କୁ ଶନିବାର ସହରର ଦୁହୁରିଆଠାରୁ ଶୋଭାଯାତ୍ରାରେ ପୁରୁଣା ବସ୍‌ଷ୍ଟାଣ୍ଡକୁ ଅଣାଯାଇ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନେପାଳର ପୋଖରା ରଙ୍ଗଶାଳା ଷ୍ଟାଡିୟମରେ ସ୍ପୋର୍ଟସ ଡେଭେଲପମେଣ୍ଟ ଆଣ୍ଡ ପ୍ରମୋସନ ଫାଉଣ୍ଡେଶନ ଅଫ ଇଣ୍ଡୋ ପକ୍ଷରୁ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଭାରତରୁ ୧୦୩ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଓଡ଼ିଶାରୁ ୬ ଜଣଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାର ସାହାଦତ୍ ଓ ବିଶ୍ୱନାଥ ପଣ୍ଡା ସାମିଲ ହୋଇଥିଲେ। ସାହାଦତ୍ ୫ ହଜାର ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ବିଶ୍ୱନାଥ ରୌପ୍ୟ ପଦକ ପାଇଛନ୍ତି। ଦୁଇ ଖେଳାଳି ଓ କୋଚ ସୌକତ ଖାନ୍‌ଙ୍କୁ ସହରର ଶିକ୍ଷାବିତ୍ ସାୟରା ପରୱିନ, ସିଆର୍‌ପିସି ଦେବାଶିଷ ସାହୁ, ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ପୌର ଉପାଧ୍ୟକ୍ଷା ଅକ୍ତରୀ ଖାତୁନ ପ୍ରମୁଖଙ୍କ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଭାଟପଡ଼ା ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ରାଜନଗର, ୧୩।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଭାଟପଡ଼ା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଶନିବାର ଧାନମଣ୍ଡିକୁ ସମିତିର ସଭାପତି କଳ୍ପତରୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମିତିର ନିର୍ଦ୍ଦେଶକ ଧର୍ମାନନ୍ଦ ପରିଡା, ଅକ୍ଷୟ କୁମାର ସ୍ୱାଇଁ, ନରହରି ଜେନା ପ୍ରମୁଖ ଯୋଗଦେଇଥିଲେ। ଧାନଚାଷୀ ବୁଦ୍ଧଦେବ ସ୍ୱାଇଁ, ଅନାମ ଚରଣ ସ୍ୱାଇଁ, ବସନ୍ତ ସ୍ୱାଇଁ ପ୍ରମୁଖ ମଣ୍ଡିରେ ଧାନ ଆଣି ରଖିଛନ୍ତି। ଏହାକୁ ସମିତିର ସମ୍ପାଦକ ନୀଳମଣି ପ୍ରଧାନ, ଆଶିଷ କୁମାର ସ୍ୱାଇଁ, ପ୍ରିୟ ରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

ବଳଦେବନଗରରେ ଯୋରରେ କୁମ୍ଭୀର, ଲୋକେ ଭୟଭୀତ

ପଟ୍ଟାମୁଣ୍ଡାଇ,୧୩।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବଳଦେବନଗର ଯୋରରେ ଶନିବାର ଏକ ବଉଳା କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକମାନଙ୍କ ଗହଳି ହୋଇଥିଲା। ଚଳିତ ବର୍ଷ କୁମ୍ଭୀର ଆକ୍ରମଣରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୫ଜଣ ଲୋକ ମୃତ, ଆହତ ହୋଇଛନ୍ତି। ଏଥିପାଇଁ କୁମ୍ଭୀର ଦେଖି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ରାଜନଗର ବନଖଣ୍ଡ ବିଭାଗ ପକ୍ଷରୁ ଦୁରନ୍ତ କୁମ୍ଭୀରକୁ ଧରି ଭିତରକନିକା ଅଭୟାରଣ୍ୟରେ ଛାଡ଼ିବା ପାଇଁ ସାଧାରଣରେ ଦାବି ହୋଇଛି।

ଯୋରରେ ଭାସୁଥିବା କୁମ୍ଭୀର।

ସ୍ୱରତୀର୍ଥର ବାର୍ଷିକ ଉତ୍ସବ, ଭଞ୍ଜୀ ସଙ୍ଗୀତ ସମାରୋହ

ପଟ୍ଟାମୁଣ୍ଡାଇ,୧୩।୧(କଳ୍ପତରୁ ନାୟକ)

ଦଶପଲ୍ଲା ରେଞ୍ଜରେ ବଢୁଛି ବାଘ ଶିକାର

- କଲରାପତରିଆ ବାଘକୁ ସୁରକ୍ଷା ଦେଇ ପାରୁନି ବନବିଭାଗ
- ସ୍ଥାନୀୟ ବାସିନ୍ଦା ରେଞ୍ଜର ରହିଥିବାରୁ ବଢୁଛି ଶିକାର

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜରେ କଲରାପତରିଆ ବାଘ ଶିକାର ବଢ଼ିବାରେ ଲାଗିଛି । ଦଶପଲ୍ଲା ବନବିଭାଗ ପକ୍ଷରୁ କଲରାପତରିଆ ବାଘକୁ ସୁରକ୍ଷା ଦିଆଯାଇ ପାରୁ ନ ଥିବାରୁ ଧିରେ ଧିରେ ଏମାନଙ୍କ ସଂଖ୍ୟା ହ୍ରାସ ପାଉଛି । ଅନ୍ୟପକ୍ଷେ ଦଶପଲ୍ଲା ରେଞ୍ଜର ସ୍ଥାନୀୟବାସିନ୍ଦା ହେଉଥିବାରୁ ପ୍ରିୟାପ୍ରୀତି ଛାଡି ପାରୁ ନାହାନ୍ତି । ଏଣୁ ଶିକାରୀଙ୍କ କବଜାରେ ଦଶପଲ୍ଲା ରେଜ ରହିଥିବା ଅଭିଯୋଗ ହୋଇଛି । ଦଶପଲ୍ଲା ବ୍ଲକ ବାଣିଗୋଛା ଅଞ୍ଚଳର ଜଣେ ବାସିନ୍ଦାକୁ ଦଶପଲ୍ଲା ପରି ରେଞ୍ଜରେ କିପରି ନିୟୋଜିତ କରାଯାଇଛି ତାହା ସନ୍ଦେହ ଘେରରେ ରହିଛି । ଜଣେ ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ସୂଚନା ଅନୁସାରେ ଦଶପଲ୍ଲା ରେଞ୍ଜରେ କଲରାପତରିଆ ବାଘ ବଂଶ ବଢୁଛି । ପାଖା ପାଖି ୪୦ରୁ ଊର୍ଦ୍ଧ୍ୱ ବାଘ ଅଛନ୍ତି । ତେବେ ସେମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନ ଥିବାରୁ ଶିକାର ବଢ଼ୁଛି । କଲରା ପତରିଆ ବାଘ ଶିକାର ହେଲେ କେହି ମୁହଁ ଖୋଲି ନ ଥାନ୍ତି । ଘଟଣାକୁ ଶୀତଳଭଣ୍ଡାରକୁ ଫୋପାଡି ତଦନ୍ତକୁ ବାଟବଣା କରନ୍ତି । ଫଳ ସ୍ୱରୂପ ଶିକାରୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଜଙ୍ଗଲରେ କଲରାପତରିଆ ବାଘ ଅଛନ୍ତି କି ନାଁ ପଚାରିଲେ ଠିକ ଉତ୍ତର ଦେବାକୁ ମନା କରାଯାଇଛି । ଏଣୁ ଅଧିକାଂଶ ବାଘ ଶିକାର ଲୁଚି ଯାଉଛି । ବାଣିଗୋଛାର ଜଣେ ବ୍ୟକ୍ତି ନାଁ ଗୋପନ ରଖି କହିଛନ୍ତି କଲରାପତରିଆ ବାଘକୁ ସ୍ଥାନୀୟ ଲୋକ ଅଧିକାଂଶ ସମୟ ଦେଖୁଛନ୍ତି । ହେଲେ ବାଘ ନାହିଁ ବୋଲି ବନବିଭାଗ ମନା କରୁଛି । କିନ୍ତୁ ଜଙ୍ଗଲରେ ଶିକାର ହେଲେ ଅନ୍ୟ ଜଙ୍ଗଲରୁ ଆଣି ପକାଇ ଦିଆଯାଉଛି କହି ସଫେଇ ଦିଆଯାଇ ତଦନ୍ତକୁ ବାଟବଣା କରାଯାଉଛି । ବାଘ ଶିକାର ରୋକିବାକୁ ହେଲେ ପ୍ରଥମେ ଦଶପଲ୍ଲା ରେଞ୍ଜରଙ୍କୁ ବଦଳି କରିବାକୁ ପଡିବ । ଜଣେ ଭଲ ରେଞ୍ଜରଙ୍କୁ ଦାୟିତ୍ୱ ଦେଇ ବାଘ ଶିକାର ନ କରିବାକୁ ସଚେତନତା ସୃଷ୍ଟି କରାଯିବା ଦରକାର । ଅନ୍ୟପକ୍ଷେ କଲରା ପତରିଆ ବାଘ ଅନେକ ଲୋକଙ୍କର ଗାଈ, ଛେଳି, ମେଣ୍ଢା ଆଦି ଗୃହ ପାଳିତ ପ୍ରାଣୀ ମାନଙ୍କୁ ଖାଉଥିଲେ ମଧ୍ୟ ବନବିଭାଗ ଅଭିଯୋଗ ଶୁଣୁ ନାହିଁ । ଏଣୁ କେତେଜଣ ଲୋକ ବାଘକୁ ବାଧ୍ୟ ହୋଇ ଶିକାର କରୁଛନ୍ତି। ବନବିଭାଗ ତା'ର ନୀତିରେ ପରିବର୍ତ୍ତନ କରିବା ଦରକାର ବୋଲି ସେ କହିଛନ୍ତି।

ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ସାମଗ୍ରୀ ।

୨ ବାଘ ଶିକାରୀଙ୍କୁ ଧରି ବାହାବା

ନୂଆ ବର୍ଷରେ ୨ ବାଘ ଶିକାରୀଙ୍କୁ ଧରି ଦଶପଲ୍ଲା ରେଞ୍ଜ ବନବିଭାଗ ପକ୍ଷରୁ ବାହାବା ନିଆଯାଉଛି । ପ୍ରାୟ ୯ମାସ ତଳେ ଘଟିଥିବା ଏହି ବାଘ ଶିକାର ଘଟଣାର ଟେର ପାଇ ନ ଥିଲା ବନବିଭାଗ । ବଜ୍ରକାପ୍ତା କାତି ଜବତ କରୁ କରୁ ବାଘ ଶିକାର ପଦାକୁ ଆସିଲା ପରେ ବନବିଭାଗର ବିଫଳତା ଧରା ପଡିଯିବା ଭୟରେ ସଫଳତାକୁ ପ୍ରଚାର କରାଯାଉଛି । ଦଶପଲ୍ଲା ବନବିଭାଗ ପକ୍ଷରୁ ୧୬ଟି ବାଘ ନଖ ଓ ୧ କିଲୋ ଓଜନର ୨୯୦ ପିସି ବଜ୍ରକାତି କାତି ଜବତ କରାଯାଇଛି । ଏହି ଘଟଣାରେ ଦଶପଲ୍ଲା ରେଞ୍ଜ ବାଣିଗୋଛା ସେକ୍ସନ କୁରୁମି ଗାଁର ପ୍ରହ୍ଲାଦ କଅଁର(୪୫) ଓ ଭୋଳେଶ୍ୱର କଅଁର(୪୯)ଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ୨ଜଣ ଦଶପଲ୍ଲା ଜେଲକୁ ଯାଇଛନ୍ତି ।

ଚାପରେ ଚେପା: ଦଶପଲ୍ଲା ରେଞ୍ଜରେ ୯ ମାସ ତଳେ ହୋଇଥିବା ବାଘ ଶିକାର ଘଟଣାରେ ନଖ ମିଳିଥିବାବେଳେ ବାଘ ଚମଡ଼ାର ଟେର ମିଳୁନି। ବାଘ ଚମଡ଼ା ବିକ୍ରି ନ ହୋଇଥିଲେ ମଧ୍ୟ ଚମଡ଼ା ଜବତ କରିବାରେ ବିଭାଗ ସଫଳତା ପାଇ ନାହିଁ । ଯେଉଁ ଦୁଇ ଜଣ ଅଭିଯୁକ୍ତ ଗିରଫ ହୋଇ ନାହାନ୍ତି ସେମାନେ ବନବିଭାଗର ସହାୟତାରେ ଖସି ଯାଇଥିବା ଜଣାପଡିଛି। ୨ଜଣଙ୍କୁ ଗିରଫ ଦେଖାଇ ଘଟଣାକୁ ରଫାଦଫା କରିବାକୁ ଚାପ ପଡୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ଚର୍ଚ୍ଚା ହେଉଛି। ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀ କୁହନ୍ତି, କଲରାପତରିଆ ବାଘକୁ ବନବିଭାଗ ପକ୍ଷରୁ ସୁରକ୍ଷା ଦିଆଯାଉଛି । ଅଭିଯୋଗ ମିଳିଲେ ଶିକାରୀଙ୍କୁ ଗିରଫ କରାଯାଉଛି । ୪ଜଣ ବ୍ୟକ୍ତି ମିଳିତ ହୋଇ ବାଘ ଶିକାର କରିଥିଲେ । ୨ ଜଣ ଗିରଫ ହୋଇଛନ୍ତି। ଆଉ ୨ ଜଣଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଜାରି ରହିଛି । ଶିକାରୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଓ ଚାପରେ ଚେପା ଖବର ସତ ନୁହେଁ ବୋଲି ସେ କହିଛନ୍ତି।

ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଶନିବାର ନୟାଗଡ଼ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି । ଏହି ଉତ୍ସବକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି। ଜିଲା କ୍ରୀଡ଼ା ଅଧିକାରିଣୀ ସୁଜାତା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଓ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଷ୍ଟାଡିୟମରେ କ୍ରିକେଟ ଓ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ରବିବାର ଏହାର ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ନୟାଗଡ଼ ଜିଲାର କ୍ରିକେଟରେ ୧୪୪ ଜଣ, ଖୋଖୋ ପୁରୁଷ ବିଭାଗରେ ୧୦୮ ଜଣ ଓ ଖୋଖୋ ମହିଳା ବିଭାଗରେ ୯୬ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ାର ସୁପରିଚାଳନା କରିବା ପାଇଁ ୫୦ ଜଣ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ,ଶିକ୍ଷକ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶାରୀରିକ ନିରୀକ୍ଷକ ତ୍ରିନାଥ ସାହୁ, ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସଂଗ୍ରାମ କେଶରୀ ଗୁମାନସିଂ, ଜିଲା ଆଥ୍‌ଲେଟିକ ସମ୍ପାଦକ ଆଶେସ କୁମାର ଦାଶ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଫୁଟବଲ କୋଚ୍ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ରବିନ୍ଦ୍ର କୁମାର ଦାଶ, ଅନୀଲ କୁମାର ଦାଶ, ସନ୍ୟାସୀ ପ୍ରଧାନ ସହଯୋଗ କରିଥିଲେ ।

ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ଶରଣକୁଳ/ନୟାଗଡ଼, ୧୩।୧
(ଦୀପକ କର/ ଲୋକନାଥ ମିଶ୍ର)

ଶରଣକୁଳ ଭିକାରୀପଡ଼ା ସ୍ଥିତ କେ.ଏସ୍.ବି.ପବ୍ଲିକ ସ୍କୁଲରେ ୩ ଦିନ ଧରି ଚାଲୁ ଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଏହି କ୍ରୀଡା ଉତ୍ସବର ଉଦଘାଟନୀ ଉତ୍ସବ ଲଡୁବାବାଙ୍କ ମନ୍ଦିର ସିଂହଦ୍ୱାରରେ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ସଭାପତି ବିଶିଷ୍ଟ କ୍ରୀଡ଼ାବିତ ମନୋରଞ୍ଜନ ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ,ବରିଷ୍ଠ ଶିକ୍ଷାବିତ୍ କିଶୋର ଚନ୍ଦ୍ର କର, ରାଜେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ମନ୍ଦିର ବଡ଼ପଣ୍ଡା ସୁନିଲ କୁମାର ବଡ଼ପଣ୍ଡା ଲଡୁବାବାଙ୍କ ଅଖଣ୍ଡ ଦୀପରୁ ଅଗ୍ନି ଆଣିବା ପରେ ସ୍କୁଲ ସଭାପତି ଦାଶ ମଶାଲ ପ୍ରଜ୍ୱଳନ କରି କ୍ରୀଡ଼ା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପରେ ଏକ ମଶାଲ ଶୋଭାଯାତ୍ରାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କ୍ରୀଡା ପ୍ରାଙ୍ଗଣରେ ପହଞ୍ଚିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ କ୍ରମେ କ୍ରୀଡା ପ୍ରତିଯୋଗିତାଗୁଡିକ ସୁଚାରୁରୂପେ ପରିଚାଳିତ ହୋଇଥିଲା । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୧୦୦ ମିଟର, ୨୦୦ ମିଟର, ୪୦୦ମିଟର ଦୌଡ,ଲମ୍ବଡିଆଁ,ଉଚ୍ଚଡିଆଁ , ଧୀର ସାଇକେଲ ଚାଳନା, ଜାଭଲିନ ଥ୍ରୋ, ଅଖା ଦୌଡ଼, ସର୍ଟପୁଟ,ଦୌଡ଼ିଡିଆ, ସ୍ପୁନବଲ,ମ୍ୟୁଜିକ ଚେୟାର ଭଳି ଭିନ୍ନ ଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା । ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ସଭାପତି ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶରଣକୁଳ ଜୋନ୍ ଜିଲା ପରିଷଦ ସଭ୍ୟ ଚିନ୍ମୟୀ ଦାଶ ମୁଖ୍ୟଅତିଥି, ଶରଣକୁଳ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋଦାବରୀ ବସନ୍ତିଆ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନଶିକ୍ଷକ ନୀଳମାଧବ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥଲେ । କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ଦଶପଲ୍ଲା କପ୍ ଫୁଟବଲ: ବିହାର ବିଜୟୀ

ଦଶପଲ୍ଲା,୧୩।୧(ପ୍ରକାଶ କୁମାର ପାଣି)

ସ୍ପୋର୍ଟିଭ ସ୍ପୋର୍ଟ୍ସ ସୋସାଇଟି ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ମୈଦାନରେ ଚାଲିଥିବା ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମା'କାମାକ୍ଷୀ ସ୍ପୋର୍ଟ୍ସ କ୍ଲବ, ବିହାର ବିଜୟ ହୋଇଛି । ପ୍ରଥମେ ବିହାର ଦଳ ଗୋଟିଏ ଗୋଲ ସ୍କୋର କରିଥିଲା । ସନ୍ କ୍ଲବ, ଭୁବେନେଶ୍ୱର ସେହି ଗୋଲ ପରିଶୋଧ କରିଥିଲା । ଫଳରେ ଖେଳ ଟାଏ ହୋଇଥିଲା। ଶେଷରେ ଟ୍ରାଇବ୍ରେକର ଜରିଆରେ ମା'କାମାକ୍ଷୀ ସ୍ପୋର୍ଟ୍ସ କ୍ଲବ, ବିହାର ୪ ଗୋଲ ଦେଇଥିବା ବେଳେ ସନ୍ କ୍ଲବ ୨ ଗୋଲ ଦେବାରେ ସକ୍ଷମ ହୋଇଥିଲା। ଏଥିରେ ବିହାର ଦଳ ବିଜୟ ଲାଭ କରିଥିଲା । ଆଜିର ଖେଳ ପରିଚାଳନା କରିଥିଲେ ଶ୍ୟାମସୁନ୍ଦର ସାହା । ଲାଇନ୍ସରେ ପ୍ରତାପ ମୁଦୁଲି, ରବିନ୍ଦ୍ରନାଥ ନାୟକ ଓ ଫୋର୍ଥ ଅଫିସିଆଲ ରେଫେରି ଭାବେ ପ୍ରସନ୍ନ କୁମାର ନାୟକ ସହଯୋଗ କରୁଥିଲେ। ଅତିଥି ଭାବେ ଦଶପଲ୍ଲା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ ଓ କବି କଳା ଚାନ୍ଦ ନାମରେ ପରିଚିତ ରଘୁନାଥ ସାହୁ ଯୋଗଦାନ କରିଥିଲେ । ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଏମ. ଜେ. ବି. ୟୁନାଇଟେଡ୍, ସରୋଜିନୀ ନଗର, ନୂଆଦିଲ୍ଲୀ ଓ ମା'କାମାକ୍ଷୀ ସ୍ପୋର୍ଟ୍ସ କ୍ଲବ, ବିହାର ମଧ୍ୟରେ ମୁକାବିଲା ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।

ଧ୍ୱଂସ ହେଉଛି ଚିନିକଳର ଜଙ୍ଗଲ

- ଲୁହା ପରେ ଗଛ ଉପରେ ନଜର
- ୧ ଲକ୍ଷ ଟଙ୍କାର ଶାଳ,ଶାଗୁଆନ କାଠ ଜବତ

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ଚିନିକଳ ପରିସରରେ ଥିବା ଶାଳ ଓ ଶାଗୁଆନ ଜଙ୍ଗଲ ପଦା ହେବା ଆରମ୍ଭ ହୋଇଛି । ଚୋର ମାନେ ଚିନିକଳରୁ ଲୁହା ଉପକରଣ ଚୋରି ଜାରି ରଖିଥିବାବେଳେ ଏବେ କାଠଚୋରଙ୍କ ନଜର ପୁଣି ଚିନକଳ ଉପରେ ପଡିଛି । ଚିନିକଳ ପରିସରରେ ଥିବା ଶାଳ ଓ ଶାଗୁଆନ ଗଛକୁ ଦିନ ଦିପ୍ରହରରେ କାଟି ନିଆଯାଉଛି । ଅବାଧରେ ଗଛ କଟା ଯୋଗୁ ଚିନିକଳ ପରିସରସ୍ଥ ଜଙ୍ଗଲ ପଦା ହେବା ଆରମ୍ଭ ହୋଇଛି। ଖବର ପାଇ ନୟାଗଡ଼ ବନବିଭାଗ ଖେଡପଡା ସେକ୍ସନ ପକ୍ଷରୁ ଗତ ୧୧ ତାରିଖରେ ୪୫ ଲଗ୍ ଶାଗୁଆନ, ଶାଳ ଲଗ୍ ୯ଟି ଜବତ ହୋଇଛି । ସେହିପରି ଗତ ୧୨ ତାରିଖରେ ୧୯ ଶାଗୁଆନ ଲଗ୍, ୧୧ ଶାଗୁଆନ ସାଇଜ, ୯ଟି ଶାଗୁଆନ ପଟା, ୩ ଶାଳ ଲଗ୍, ୬୩ଟି ଶାଳ ସାଇଜ ଜବତ ହୋଇଛି । କାଠ ଚୋରମାନେ ଗଛକୁ କାଟି ପାଣିପୋଇଲାର କେଉଁଠି ପଡ଼ିଆରେ ତ ଆଉ କେଉଁଠି ପୋଖରୀରେ ଲୁଚାଇ ରଖିଥିଲେ । ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଖେଡପଡା ସେକ୍ସନ ଫରେଷ୍ଟର ଜ୍ୟୋତିମୟୀ ସାମନ୍ତରାୟ, ନୟାଗଡ଼ ଫରେଷ୍ଟର ଶୁଭେନ୍ଦୁ ପ୍ରସାଦ ନାୟକ, ପଞ୍ଚରିଡା ସେକ୍ସନ ଫରେଷ୍ଟର ସୁମନ୍ତ ପରିଡ଼ା, ଇନଫୋର୍ସ ମେଣ୍ଟ ଟିମ୍‌ର ଫରେଷ୍ଟର ମୁରଲୀଧର ରାଉତ ପ୍ରମୁଖ ସାମିଲ ଥିଲେ ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୧୩।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ରୟତ ଢୋଲମରା ଗ୍ରାମସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ରୟତ ଢୋଲମରା ପଞ୍ଚାୟତର ସରପଞ୍ଚ ମୁକୁତା ପରିଡା,ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟ ମାନସ ରଞ୍ଜନ ଦାସ, ସାମାଜିକ କର୍ମୀ ଅନନ୍ତ ପାଣିଗ୍ରାହୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉତ୍ସବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ରାମଚନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିଥିବା ବେଳେ ସଭାପତି ଜମ୍ବେଶ୍ୱର ପଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖବରଦାତା ସଦାଶିବ ପାତ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଉତ୍ସବର ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ୨୦୨୩ରେ ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ତୃତୀୟ ଶ୍ରେଣୀର ଛାତ୍ରୀ ହରପ୍ରିୟା ଜେନା ଓ ପଞ୍ଚମ ଶ୍ରେଣୀର ଛାତ୍ର ଓମ୍ ସାଇ କୃଷ୍ଣ ସାହୁଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅନୁଷ୍ଠାନର ଶିକ୍ଷୟିତ୍ରୀ ସାଗରିକା ମହାନ୍ତି, ଶୁଭ ଶ୍ରୀ ସାହୁ, କୁନ୍ତଳା ସାହୁ, ଶିକ୍ଷକ ସିଦ୍ଧାର୍ଥ ଶେଖର ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଡ୍ର

ନୟାଗଡ଼,୧୩।୧(ଲୋକନାଥ ମିଶ୍ର)

୪ ବିଧାୟକଙ୍କ ଟିମ୍‌ଙ୍କ ମଧ୍ୟରେ ମୁକାବିଲା

ନୟାଗଡ଼ ଖେଳପଡ଼ିଆରେ ସର୍ବଭାରତୀୟ ଟୁର୍ନାମେଣ୍ଟର ଶନିବାର ଥିଲା ବିଶ୍ରାମ ଦିନ। ରବିବାର ଫାଇନାଲ ମ୍ୟାଚ ହେବ। ବିଶ୍ରାମ ଅବସରରେ ଶନିବାର ଜିଲାର ୪ ବିଧାୟକଙ୍କ ଟିମ୍ ମଧ୍ୟରେ ହୋଇଥିବା ପ୍ରଦର୍ଶନୀ ମ୍ୟାଚ ଡ୍ର ରହିଛି । ଏଣୁ ନୟାଗଡ଼ ଓ ରଣପୁର ବିଧାୟକ ଏକାଦଶ ଟିମ୍‌କୁ ଯୁଗ୍ମ ବିଜେତା ଘୋଷଣା କରାଯାଇଛି । ଶନିବାର ଦୁଇଟି ମ୍ୟାଚ ହୋଇଥିଲା । ପ୍ରଥମ ମ୍ୟାଚରେ ନୟାଗଡ଼ ବିଧାୟକ ଏକାଦଶ ଟିମ୍ ୩-୦ ଗୋଲରେ ଦଶପଲ୍ଲା ବିଧାୟକଙ୍କ ଟିମ୍‌କୁ ପରାସ୍ତ କରିଥିଲା । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ପ୍ରଧାନଙ୍କ ଅଧିନାୟକତ୍ୱରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସେହିପରି ଖଣ୍ଡପଡ଼ା ବିଧାୟକଙ୍କ ଅନୁପସ୍ଥିତିରେ ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ ଓ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନଙ୍କ ଅଧିନାୟକତ୍ୱରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ୨ୟ ମ୍ୟାଚରେ ରଣପୁର ବିଧାୟକ ଏକାଦଶ ଟିମ୍ ୧-୦ ଗୋଲରେ ବିଜୟୀ ହୋଇଥିଲା । ଫାଇନାଲ ଖେଳ ନୟାଗଡ଼ ଓ ରଣପୁର ବିଧାୟକଙ୍କ ଟିମ୍ ମଧ୍ୟରେ ହୋଇଥିଲା । ମ୍ୟାଚ ଡ୍ର ରହିଥିଲା। ଶେଷଦେବ ବେହେରା ଖେଳ ପରିଚାଳନା କରୁଥିବାବେଳେ ତାଙ୍କୁ ଲାଇନ୍ସରେ ଶଶିକାନ୍ତ ଦାଶିଆ ଓ ଦେବରାଜ ସ୍ୱାଇଁ ସହଯୋଗ କରୁଥିଲେ । ଶେଖ ଅବଦୁଲ ଖାଲିକ, ଆଶୁତୋଷ ମିଶ୍ର ଓ ରାମକୃଷ୍ଣ ରଥ ଧାରା ବିବରଣୀ ପ୍ରଦାନ କରୁଥିଲେ ।

କଣ୍ଟିଲୋ ଟିମ୍ ବିଜୟୀ

ଖଣ୍ଡପଡ଼ା,୧୩।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ଦ୍ୱିତୀୟ ରବିନ୍ଦ୍ର କୁମାର ପ୍ରଧାନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହୋଇଛି । ଲାଲୁ ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଆୟୋଜିତ

ନିର୍ବାଚନକୁ ଅବାଧ, ଅପରାଧମୁକ୍ତ କର: ଡିଜିପି

ସାଧାରଣ ନିର୍ବାଚନ ପାଇଁ ପୋଲିସ ମୁଖ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

କଟକ,୧୩।୧ (କାର୍ତ୍ତିକ ସାହୁ)

ଆଗକୁ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣଠାରୁ ଆରମ୍ଭ କରି ଅବାଧ ନିର୍ବାଚନ ପରିଚାଳନା ଓଡ଼ିଶା ପୋଲିସ ପାଇଁ ବଡ଼ ଆହ୍ୱାନ। ଏହି ପରିପ୍ରେକ୍ଷୀରେ କଟକସ୍ଥିତ ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ଅଧ୍ୟକ୍ଷତା କରି ନିର୍ବାଚନକୁ ଅବାଧ, ଅପରାଧମୁକ୍ତ, ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତର ନିର୍ବାଚନ ଆୟୋଗଙ୍କ ସମସ୍ତ ନିୟମାବଳୀ ଠିକ୍ ଭାବେ ପାଳନ କରିବାକୁ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଛନ୍ତି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବ୍ଲକ୍ ଓ ଯାନବାହନ ଯାଞ୍ଚ କରାଯିବାକୁ ନିର୍ଦ୍ଦେଶ ଦେବା ସହ ସାଧାରଣ ଲୋକଙ୍କ ଆସ୍ଥାଭାଜନ ହେବାକୁ ଡିଜିପି ପୋଲିସ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଡିଜିପି ସମୀକ୍ଷା କରିଥିଲେ। ସାମାଜିକ ଗଣମାଧ୍ୟମରେ ନିର୍ବାଚନ ଅପରାଧ ସମ୍ପର୍କିତ ମାମଲା, ମାଓବାଦୀ ପ୍ରଭାବିତ ଜିଲାଗୁଡିକରେ ନିର୍ବାଚନ ସମ୍ପର୍କିତ ହିଂସା, ଅବକାରୀ ଧରପଗଡ଼ ଓ ବେଆଇନ ମଦ ସମ୍ପର୍କିତ ଅପରାଧ ମ୍ୟାପିଂ, ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟକାରିତା, ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରିତା, ଅବକାରୀ ମାମଲା, ଏନ୍‌ଡିପିଏସ୍ ମାମଲା, ବେଆଇନ ମାରଣାସ୍ତ୍ର, ବେଆଇନ ମଦ କାରବାର, ରାଜ୍ୟର ସୀମା ତନଖି ଫାଟକଗୁଡ଼ିକରେ କଡ଼ାକଡ଼ି ଯାଞ୍ଚ, ମତଦାନ କେନ୍ଦ୍ରଗୁଡ଼ିକର ଉପଯୁକ୍ତ ସମୀକ୍ଷା, ପୋଷ୍ଟାଲ ବାଲଟର ପ୍ରସ୍ତୁତି, ମତଦାନ କେନ୍ଦ୍ରଗୁଡ଼ିକରେ ସେକ୍ଟର ପୋଲିସ ଅଧିକାରୀଙ୍କ ନିୟୋଜନ ଆଦି ଉପରେ ଆଲୋଚନା କରାଯାଇଥିଲା। ସେହିପରି ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇଥିବା ରାଜ୍ୟର ସମସ୍ତ ଆରକ୍ଷୀ ଅଧୀକ୍ଷକ, ସମସ୍ତ ରେଞ୍ଜ୍‌ର ଆଇଜି, ଡିଆଇଜିଙ୍କ ସହ ଡିଜିପି ଷଡ଼ଙ୍ଗୀ ମଧ୍ୟ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସମୀକ୍ଷା କରିଥିଲେ। ଏବଂ କୋଷ୍ଟାଲ ସିକ୍ୟୁରିଟି) ଦୟାଲ ଗଙ୍ଗୱାର, ଆଇଜିପି (ପ୍ରୋଭିଜନିଙ୍ଗ) ଯତୀନ୍ଦ୍ର କୟଲ, ଆଇଜିପି (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ୍. ସାଇନି, ଆଇଜିପି ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏର୍‌ଆର୍‌ପିସି) ଲଳିତ ଦାସ, ନିର୍ଦ୍ଦେଶକ (ଏସ୍‌ସିଆର୍‌ବି) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ଆର.ପି. କୋଚେ, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଆର୍. କେ. ଶର୍ମା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଅପରେଶନ) ଏସ୍. ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଲୱେ (ପର୍ସୋନେଲ) ଏସ୍. ପ୍ରବୀଣ କୁମାର, ଆଇଜିପି (କମ୍ୟୁନିକେଶନ) ସତୀଶ ଗଜଭିୟେ, ଆଇଜିପି (ଗୋଇନ୍ଦା) ଅନୁପ କୁମାର ସାହୁ, ଡିଆଇଜିପି (ଏସ୍‌ଆଇଡବ୍ଲ୍ୟୁ) ଉମାଶଙ୍କର ଦାଶ, କଟକ ଡିସିପି ପିନାକ ମିଶ୍ର, ଏଆଇଜିପି (ହେଡକ୍ୱାର୍ଟସ) ବି. ଯୁଗଳ କିଶୋର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ବୈଠକରେ ଡିଜିପି ଅରୁଣ କୁମାର ଷଡ଼ଙ୍ଗୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ।

ଆଦିତ୍ୟଙ୍କ ପ୍ରକଳ୍ପ ସର୍ବଭାରତୀୟ ସ୍ତରରେ ପୁରସ୍କୃତ

କୋଟପାଡ଼, ୧୩।୧
(କେ. ରାଜଶେଖର ରାଓ)

କଲିକତାଠାରେ ପୂର୍ବ ଭାରତ ବିଜ୍ଞାନ ପ୍ରଯୁକ୍ତି ଓ ଇଞ୍ଜିନିୟର ନ୍ୟାଶନାଲ କାଉନସିଲ ଅଫ୍ ସାଇନ୍ସ ମ୍ୟୁଜିୟମ-୨୦୨୪ ପକ୍ଷରୁ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଉପରେ ଏକ ମେଳା ଗତ ୯ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଥିରେ କୋଟପାଡ଼ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ଆଦିତ୍ୟ ବିଶ୍ୱାସ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ତାଙ୍କ ପ୍ରକଳ୍ପ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାରକରି ଓଡ଼ିଶା ପାଇଁ ଗୌରବ ଆଣିଛି। ତାଙ୍କ ଏହି ସଫଳତା ଖବର ମଧ୍ୟ କୋରାପୁଟ ଜିଲାରେ ଖୁସିର ଲହରି ଖେଳାଇ ଦେଇଛି। ଏଥିପାଇଁ ଆଦିତ୍ୟଙ୍କୁ ସ୍ୱାଗତ ବାନାର୍ଜୀ ମେମୋରିଆଲ ଟ୍ରଫି ସହ ମାନପତ୍ର ପ୍ରଦାନକରି ପୁରସ୍କୃତ କରାଯାଇଛି। ନ୍ୟାଶନାଲ କାଉନସିଲ ଅଫ୍ ସାଇନ୍ସ ମ୍ୟୁଜିୟମ ପକ୍ଷରୁ ତାଙ୍କୁ ପ୍ରତିମାସରେ ୫୦୦ ଟଙ୍କା ଲେଖାଏ ଛାତ୍ର ବୃତ୍ତି ୨ବର୍ଷ ଯାଏ ମିଳିବ। ଏଥିସହ ବିଦ୍ୟାଳୟକୁ ୫୦୦୦ ଟଙ୍କାର ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଟ୍ରଫି ଏବଂ ମାନପତ୍ର, ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବ୍ରହ୍ମଦତ୍ତ ମିଶ୍ରଙ୍କୁ ଶ୍ରେଷ୍ଠ ବ୍ୟକ୍ତିଗତ ମାର୍ଗଦର୍ଶକ ଶିକ୍ଷକ ପୁରସ୍କାର ସହ ୨ହଜାର ଟଙ୍କାର ଅର୍ଥରାଶି ଏବଂ ମାନପତ୍ର ପୁରସ୍କାର ମିଳିଛି। ଉକ୍ତ କାର୍ଯ୍ୟକ୍ରମକୁ ବିର୍ଲା ଶିଳ୍ପ ଓ ବୈଷୟିକ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ଆଦିତ୍ୟଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ସାହୁ, ମୋ ସ୍କୁଲ ଅଭିଯାନ ପରିଚାଳନା କମିଟି ଅଧ୍ୟକ୍ଷ ଡ. ଗଣେଶ ଚନ୍ଦ୍ର ପଣ୍ଡା ଏବଂ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଆଦିତ୍ୟଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ମାଲକାନଗିରି ଜିଲା ଚିକିତ୍ସାଳୟକୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ପୁରସ୍କାର

ମାଲକାନଗିରି, ୧୩।୧(ଦୁର୍ଯୋଧନ ପାତ୍ର)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ତଥା ଏନ୍‌କ୍ୟୁଏଏସ୍ ନିମନ୍ତେ ପୁରସ୍କୃତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟକୁ ରାଜ୍ୟ ସରକାର ଉନ୍ନତମାନର କରିଥିବାବେଳେ ଏହା ଏକ ଅତ୍ୟାଧୁନିକ ଚିକିତ୍ସାଳୟ ଭାବେ ପରିଗଣିତ ହୁଏ। ରାଜ୍ୟ ସରକାର ଏହି ଚିକିତ୍ସାଳୟରେ ବିଭିନ୍ନ ସୁବିଧା ଉପଲବ୍ଧ କରାଇବା ସହ ଏହାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାରେ ପ୍ରୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ୭ ମହଲା ବିଶିଷ୍ଟ ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟନ କରିବା ପରେ ଏହା ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା। ଯେଉଁଥିପାଇଁ ଏହାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଶଂସା କରିବା ସହ ଭାରତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନକ ପ୍ରମାଣପତ୍ର ପ୍ରଦାନ ସହ ପୁରସ୍କୃତ କରାଯାଇଛି।

କୋଡ଼ିରେ ପିଟି ଯୁବକଙ୍କୁ ହତ୍ୟା

ହିଞ୍ଜିଳିକାଟୁ, ୧୩।୧
(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଗଣ୍ଡଳା ଗ୍ରାମରେ ଶନିବାର ବଚସାରୁ କୋଡ଼ିରେ ପିଟି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଗଣ୍ଡଳାର ବିଜୟ ପାଣିଗ୍ରାହୀ(୩୩)। ପୋଲିସ ଅଭିଯୁକ୍ତ ସେହି ଗାଁର ରାମକୃଷ୍ଣ ସାହୁ(୫୪)ଙ୍କୁ ଗିରଫ କରିଛି। ଫରେନ୍‌ସିକ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ରାତିରେ ବିଜୟ ଓ ରାମକୃଷ୍ଣ ଗାଁର ଏକ ଘରେ ଥିଲେ। ଭୋର୍‌ରେ ସେମାନଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଉତ୍ତ୍ୟକ୍ତ ହୋଇ ରାମକୃଷ୍ଣ ଏକ କୋଡ଼ିରେ ବିଜୟଙ୍କ ମୁଣ୍ଡକୁ ପିଟିଥିଲେ। ବିଜୟ ରକ୍ତ ଛୁଟୁଛୁଟୁ ଅବସ୍ଥାରେ ବାହାରକୁ ଆସିଥିଲେ ମଧ୍ୟ ତାଙ୍କର ମତ୍ୟୁ ଘଟିଥିଲା। ହିଞ୍ଜିଳି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା। ଆସିକା ଏସ୍‌ଡିପିଓ ଉମା ଶଙ୍କର ସିଂ, ଥାନା ଆଇଆଇସି ଶ୍ରୀନିବାସ ସେଠୀ ପହଞ୍ଚି ତଦନ୍ତ କରିଛନ୍ତି। ଧାର ଟଙ୍କାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବିଜୟଙ୍କ ବାପା ସାହେବ ପାଣିଗ୍ରାହୀଙ୍କ ଅଭିଯୋଗ ପ୍ରକାରେ ନଂ.୩୯/୨୪ରେ ମାମଲା ରୁଜୁ ହୋଇଛି।

ପ୍ରେମୀ ଯୁଗଳଙ୍କ ଆତ୍ମହତ୍ୟା

ଦଶମନ୍ତପୁର,
୧୩।୧(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତର ଯୋଡ଼ିପାଇ ଗ୍ରାମରେ ପ୍ରେମୀ ଯୁଗଳ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ମହେନ୍ଦ୍ର ହିକକା (୨୫) ଏବଂ ଯୁବନ୍ତୀ ମୁସ୍କା (୨୨)।

ମହେନ୍ଦ୍ର ଓ ସେହି ଗ୍ରାମର ଯୁବନ୍ତୀ ପରସ୍ପରକୁ ଭଲ ପାଉଥିଲେ। ଶୁକ୍ରବାର ରାତିରେ ମହେନ୍ଦ୍ର ଯୁବନ୍ତୀଙ୍କୁ ଧରି ନିଜ ଘରକୁ ଯାଇଥିଲେ। ପରିବାର ଲୋକେ ଉଭୟଙ୍କୁ ଘରେ ପୂରାଇ ଦେଇ ନ ଥିଲେ। ଯୁବନ୍ତୀ ନିଜ ଘରକୁ ଫେରିଯାଇଥିଲେ। ଶୋଇବା କୋଠରିକୁ ଆସି ସେଠାରେ ଫୋନ୍ ଯୋଗେ ମହେନ୍ଦ୍ରଙ୍କ ସହ କଥା ହୋଇଥିଲେ। ପରିବାର ଲୋକଙ୍କୁ ହ୍ୱାଟ୍ସଆପ୍‌ରେ 'ଆମେ ମରିବାକୁ ଯାଉଛୁ' ବୋଲି ମ୍ୟାସେଜ ଦେଇ ଭୋର ୪ଟାରେ ଘରୁ ବାହାରିଥିଲେ। ଶନିବାର ସକାଳେ ସେମାନଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ମହେନ୍ଦ୍ରଙ୍କ ବାପା ମଧୁ ଦଶମନ୍ତପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି।

ସାର୍ବଜନୀନ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି

1) ମହିନ୍ଦ୍ରା ବ୍ଲାଜୋ37 ଏଫ୍‌ବିଟି ଗୁଡ୍‌ସ
ଗାଡ଼ି ନଂ.- OD14P2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 720258.90

2) ମଡେଲ ନଂ. ମହିନ୍ଦ୍ରା ବ୍ଲାଜୋ31 ଏଫ୍‌ବିଟି ଟିପ୍ପର୍
ଗାଡ଼ି ନଂ.- OD14R2424
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 768154.14

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001
ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତିରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୧ ତା:୧୦।୦୧।୨୦୨୪

ବିଜ୍ଞାପନ

No. CAD-3698: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସତ୍ୟସାଇ ଏନ୍‌କ୍ଲେଭ, ଆଉଗିଣିଆ ହାଉସିଂ ପ୍ରକଳ୍ପ, ଭୁବନେଶ୍ୱରରେ ଘର ନଂ. ଏଚ୍.ଆଇ.ଜି.-୨-୪୪୨ (HIG-II-442)ଟିକୁ ଶ୍ରୀ ସଞ୍ଜୟ ମହାପାତ୍ର, ପିତା: ପ୍ରଫୁଲ୍ଲ କୁମାର ମହାପାତ୍ର, ସା: କୁଣ୍ଡେଲ ବେଣ୍ଟ ସାହି, ପୋ./ଥାନା/ଜିଲ୍ଲା: ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜୟ ମହାପାତ୍ର ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବ୍ରଜ ନାରାୟଣ ମିଶ୍ର, ପିତା: ଶ୍ରୀ ବଂଶୀଧର ମିଶ୍ର ଓ ଅନୁପମା ମିଶ୍ର, ସ୍ୱାମୀ: ଶ୍ରୀ ବ୍ରଜ ନାରାୟଣ ମିଶ୍ର, ସା: ଚାନ୍ଦପୁର, ପୋ.: ଔପଦା, ଥାନା: ପଙ୍ଗାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0605/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
OFFICE OF THE NOTIFIED AREA COUNCIL, PADAMPUR
At- Padampur, P.O.- Rajborasambar, Dist.- Bargarh, Pin-768036
Ph.No.06683-223436, E-mail: nac.padampur@gmail.com
No.89/NAC Dt.12.01.2024

National Competitive Bidding through e-procurement
Bid Identification No. NAC-PDP-10/2023-24

No.C-2360:- The Executive Officer, N.A.C., Padampur on behalf of NAC invites percentage bid through e-procurement in single cover system according to norm of e-Procurement system in online mode.

1	Nature of work	:	Civil work
2	No. of works	:	03 (Three Nos.)
3	Estimated cost	:	Rs.8,45,278/- to Rs.16,89,801/-
4	Class of contractor	:	'C' or 'D' Class
5	Date & time of availability of bid documents in the portal	:	1.00 P.M. on dt.16.01.2024 upto 05.00 P.M. on dt.22.01.2024
6	Last date & time for receipt of bids in the portal	:	22.01.2024 at 05.00 P.M.
7	Original bids document received	:	Before 05.00 P.M. on dt.24.01.2024
8	Bid opening date	:	Dt.25.01.2024 at 11.00 A.M.

The bidders have to participate in online bidding only. Further details can be seen from the website https://www.tendersodisha.gov.in.
Sd./- Executive Officer, N.A.C., Padampur
OIPR-13118/11/0034/2324

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, रामगढ़
रामगढ़ थाना के सामने, गांधी चौक, रामगढ़ कैन्ट, जिला– रामगढ़, झारखण्ड– 829122, ई-मेल– eercdramgarh-jhr@nic.in

एस०बी०डी० आधारित अल्पकालीन ई-निविदा सूचना

ई–निविदा प्रसंग संख्या :– RCD/RAMGARH/ 19 /2023-24 दिनांक :–12-01-2024

1.	कार्य का नाम	IRQP Work of Patratu to Saunda 'D' Road from KM 0.00 to 11.35 Under Road Divison, Ramgarh for the of Year 202 3-24
2.	प्राक्कलित राशि (रूपये में)	रुपये 6,17,06,862.00 (छः करोड़ सतरह लाख छः हजार आठ सौ बासठ) मात्र
3.	कार्य समाप्ति की अवधि	03(तीन) माह
4.	वेबसाईट पर निविदा प्रकाशित होने की तिथि एवं समय	17/01/2024 10:30 बजे पूर्वाह्न
5.	निविदा प्राप्ति की अंतिम तिथि एवं समय	27/01/2024 12:00 बजे दिन तक
6.	निविदा आमंत्रित करने वाले पदाधिकारी का नाम एवं पता	कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़
7.	प्रोक्योरमेंट पदाधिकारी का सम्पर्क नंबर	98351–25637
8.	ई–प्रोक्योरमेट सेल का हेल्प लाईन नंबर	0651–2401010

- निविदा की अन्य शर्ते वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- Cost of bidding document (Non-refundable fee) & Bid Security as indicated shall be payable online through http://jharkhandtenders.gov.in.

कार्यपालक अभियंता
PR 315985Road(23-24)#D प०नि०वि० पथ प्रमण्डल रामगढ़

ବାରିପଦା ପୌର ପରିଷଦ
ବାରିପଦା, ମୟୂରଭଞ୍ଜ - ୭୫୭୦୦୧
ପତ୍ର ସଂଖ୍ୟା: 175 ତା: 10.01.24

ନିଲାମ ଇସ୍ତାହାର

No. C–2355:– ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ବାରିପଦା ପୌରପରିଷଦ ଅଞ୍ଚଳ ମଧ୍ୟରେ ୫୪ ଗୋଟି ଗଛ ବିପଦସଂକୁଳ ଅବସ୍ଥାରେ ରହିଅଛି, ତାହାର ତାଲିକା ଏଥି ସହିତ ସଂଲଗ୍ନ କରାଗଲା । ଏହି ପ୍ରସଙ୍ଗରେ ବନଖଣ୍ଡ ବିଭାଗ ଅଧିକାରୀଙ୍କ ତରଫରୁ ନିଲାମ ପ୍ରକ୍ରିୟା ମାଧ୍ୟମରେ କଟାଯିବା ପାଇଁ ଅନୁମୋଦନ ହୋଇଅଛି । ଯେଉଁ ଇଚ୍ଛୁକ ବ୍ୟକ୍ତି ବା ସଂସ୍ଥାମାନେ ଉକ୍ତ ଗଛ ସମ୍ପୂର୍ଣ୍ଣ ଭାବେ ମୂଳ ସହିତ ଶାଖାଗୁଡ଼ିକ କାଟି ସଜାଇ ରଖିବା ପାଇଁ ଚାହୁଁଛନ୍ତି ସେମାନେ ଉକ୍ତ କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା ମାତ୍ର) ପଇଠ କରି ନିର୍ଦ୍ଧାରିତ ନିଲାମ ଇସ୍ତାହାର ଫର୍ମ କ୍ରୟ କରି ସେଥିରେ ପ୍ରତ୍ୟେକ ଗଛର ଦର ସନ୍ତୋଷଜନକ ଭାବେ ଉଲ୍ଲେଖ କରି ଜଭମୁଦ ଲଫାପା (sealed quotation) ତା24.01.2024ରିଖ ୪ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଅଫିସରେ ଦାଖଲ କରିପାରିବେ । ଦାଖଲ ହୋଇଥିବା ନିବିଦା ସେହିଦିନ ୪ ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ କମିଟି ସଦସ୍ୟ ଓ ନିବିଦାଦାତା କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିର

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରଞ୍ଜନ ପରିବାରବର୍ଗ

ସମୀକ୍ଷା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

'ଖାଦ୍ୟ ନୁହେଁ, ପ୍ରଥମେ ବସ୍ତ୍ର ଲୋଡ଼ା'

ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀ

ଯାଜପୁର, ୧୩।୧ (ହର୍ଷବର୍ଦ୍ଧନ ବେହେରା)

ଖାଦ୍ୟ ନୁହେଁ, ପ୍ରଥମେ ବସ୍ତ୍ର ଲୋଡ଼ା। ଯାଜପୁର ରୋଡ୍ ଯଯାତି କୋର୍ଟୟାର୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀର ଶନିବାର ଦ୍ୱିତୀୟ ଦିବସର ପେନାଲ ଆଲୋଚନାରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ପ୍ରଥମ ଅଧିବେଶନରେ ଷ୍ଟ୍ରାଟେଜିକ୍ ସ୍ପେଶାଲିଷ୍ଟ ତାରା ପୁଲେ, ୱାର୍ଡ କ୍ରାଫ୍ଟ କାଉନସିଲରର ପ୍ରେସିଡେଣ୍ଟ ଜୁଡ୍ ଭେନ୍ ଡେର୍ ମେରଓେ, ଅର୍ବାନ ଡିଜାଇନର ଆଡାମ୍ ସ୍କଟ୍ ଓ ୟୁସିସିଏନ୍‌ର ଅଧ୍ୟକ୍ଷ ବିୟୁଙ୍ଗ ହୁ ଜଙ୍ଗ୍ ଭାଗନେଇ ଶିଳ୍ପ ଗଠନରେ ସୃଜନଶୀଳତାର ପ୍ରମୁଖ ଭୂମିକା ଉପରେ ଆଲୋଚନା କରିଛନ୍ତି। ପ୍ୟାନେଲିଷ୍ଟମାନେ ସୃଜନଶୀଳତା ଏବଂ ସହରୀ ସ୍ଥାଣୁତା ମଧ୍ୟରେ ସାଂସ୍କୃତିକ ପରିଚୟ ଏବଂ ଭବିଷ୍ୟତର କଳ୍ପନା ଦିଗରେ ମତପ୍ରକାଶ କରିଛନ୍ତି।

ଦ୍ୱିତୀୟ ଅଧିବେଶନରେ ପଥର ଶିଳ୍ପୀ ମହେଶ୍ୱର ଓଝା, ଗୋଲ୍‌ଡେନ୍ ଗ୍ରାସ୍ ଶିଳ୍ପୀ ଝରଣା ସାହୁ ଓ ଦୀପ୍ତିରାଣୀ ବେହେରା, ହସ୍ତତନ୍ତର ଜାତୀୟ ପୁରସ୍କାର ପ୍ରାପ୍ତ ଶ୍ରୀକାନ୍ତ ଦାସ, ଗୋଲ୍‌ଡେନ୍ ଗ୍ରାସ୍‌ର ପ୍ରଫୁଲ୍ଲ କୁମାର ମହାରଣା ଓ କ୍ରାଫ୍ଟ କନସଲଣ୍ଟାଣ୍ଟ କାବ୍ୟା ସକ୍ସେନା ଭାଗନେଇଛନ୍ତି। ଏହି ଅବସରରେ ହସ୍ତତନ୍ତ ଶିଳ୍ପୀ ଶ୍ରୀକାନ୍ତ କହିଛନ୍ତି, ସନ୍ତାନ ଯେତେବେଳେ ଜନ୍ମ ହୁଏ, ତାହାକୁ ଖାଦ୍ୟ ବଦଳରେ ପ୍ରଥମେ ବସ୍ତ୍ର ଯୋଗାଇ ଦିଆଯାଏ। ସେହିପରି ଜଣେ ବ୍ୟକ୍ତି ଅଫିସ ଯିବା ଆଗରୁ ବସ୍ତ୍ର ଖୋଜିଥାଏ। ତେଣୁ ସମାଜରେ ଖାଦ୍ୟ ଅପେକ୍ଷା ବସ୍ତ୍ର ପ୍ରଥମେ ନିହାତି ଦରକାର। ଏହି କ୍ରମରେ ହସ୍ତତନ୍ତ କାରିଗରମାନଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ତଦନୁସାରେ ହସ୍ତତନ୍ତ କାରିଗରମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଗଲେ ସେମାନଙ୍କ ଆର୍ଥିକ ଅବସ୍ଥାରେ ସୁଧାର ହୋଇପାରିବ ବୋଲି ସେ କହିଛନ୍ତି। ତୃତୀୟ ଅଧିବେଶନରେ ନାଇସ୍ ଅନୁଷ୍ଠାନର ସିଇଓ କାଞ୍ଚନ କେଭି, ତମଲାର ସହ-ପ୍ରତିଷ୍ଠାତା ବିନୟ ପ୍ରଶାନ୍ତ, ଆଦିତ୍ୟ ବିର୍ଲା ଫ୍ୟାଶନ ଆଣ୍ଡ୍ ରିଟେଲ ଲିଃର ଚିଫ୍ ସପ୍ଲାଏ ଚେନ୍ ଅଫିସର ଆର. ସ୍ୱାମୀନାଥନ, କ୍ରାଫ୍ଟ ଭେନଚର ସିଇଓ କୁନାଳ ଆର୍. ସଚଦେବ ଓ ଇକ୍‌ତାରାର ଫାଉଣ୍ଡର ଅନିନ୍ଦିତା ଦାସ ଭାଗନେଇ କହିଛନ୍ତି ଯେ, ଯାହା ସାଂସ୍କୃତିକ ଓ ଐତିହ୍ୟକୁ ସଂରକ୍ଷଣ କରିବା ସହ ଅର୍ଥନୀତିକୁ ମଧ୍ୟ ଜାଳେଣି ଯୋଗାଇଥାଏ, ସେହି ଶିଳ୍ପର ଭବିଷ୍ୟତ ବହୁ ଉଜ୍ଜ୍ୱଳ। ୪ର୍ଥ ଅଧିବେଶନରେ ସୁଇଡେନ୍‌ର ଡିଏଜି ହାର୍ଗମେନ୍, ଥାଇଲାଣ୍ଡର ଆଜିରପା ପ୍ରତିଟ୍, ବିଶ୍ୱବ୍ୟାଙ୍କର ମାନସୀ ସଚଦେବ, କ୍ରିଏଟିଭ ନଲେଜ ଫାଉଣ୍ଡେଶନର ଜୋସେଫ ବାଗିନି ଓ ଜର୍ମାନୀର ଲିସା ନରୋକି ଭାଗନେଇ ହିତାଧିକାରୀଙ୍କ ଭୂମିକା ଏବଂ ୟୁନେସ୍କୋ କ୍ରିଏଟିଭ ସିଟି ନେଟ୍‌ୱର୍କ ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି। ୫ମ ଅଧିବେଶନରେ କ୍ରାଫ୍ଟ କ୍ଲାଇମେଟ୍‌ର ସୁରୁଚି ଖୁବଚନ୍ଦାନୀ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ମାର୍କେଟିଂ ଲିଡ୍ ତେଜସ୍ୱିନୀ ୟାଲୱାର, କାବ୍ୟା ସକ୍ସେନା ଓ ଗୁଜରାଟ ଆଦିବାସୀ ଏକାଡେମୀର ନିର୍ଦ୍ଦେଶକ ମଦନ ମୀନା ଉପସ୍ଥିତ ରହି ଭାରତୀୟ ଶିଳ୍ପ ଇକୋସିଷ୍ଟମ୍‌ର ସମ୍ଭାବନାକୁ ଆଲୋକିତ କରେ ବୋଲି ବକ୍ତବ୍ୟ ଦେଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ମାଟି ତଳୁ ବୃଦ୍ଧାଙ୍କ ମୃତଦେହ ଜବତ

ବଇଣ୍ଡା, ୧୩।୧ (ପରିକ୍ଷିତ ସାହୁ)

ଅନୁଗୋଳ ଜଲା କିଶୋରନଗର ଥାନା ଘୋଷର ଗ୍ରାମର ପଙ୍କଜିନୀ ପ୍ରଧାନ(୭୫)ଙ୍କ ମୃତଦେହ ଶନିବାର କିଶୋରନଗର ପୋଲିସ ମାଟିତଳୁ ଜବତ କରିଛି। ଏ ନେଇ ନମ୍ବର ୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

Admission Open
Post Diploma in C.S.S.D TECHNIQUES (Hospital Sterilization Technology) Eligibility : +3 Science | Duration : 1 Year
Advance Diploma in OPERATION THEATRE TECHNIQUES (OT Techniques) Eligibility : +2 (Any Stream) | Duration : 2 Years
RMTI, PALASUNI, RASULGARH BHUBANESWAR-25 Ph: 93382 12123

Hurry up... Hurry up... Hurry up...
B.Ed
Only @89,000/-
IMMEDIATELY CONTACT
B.Ed
COUNSELLING CENTER BHUBANESWAR
7606962458
8908210843
9124391142
8908210443

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସମୀକ୍ଷାର ଜନ୍ମଦିନ ଶୁଭେଚ୍ଛା

''ବାପ ପରି ଝିଅ ବସେ ଦୋଳି
ମା' ପରି ଝିଅ ବିକେ କୋଳି''
ମୋ ପରି ଝିଅ ତୁ। ସ୍ୱାମୀ, ପୁଅ ଓ ପରିବାର ସହିତ ସୁଖ, ଶାନ୍ତି ଓ ପ୍ରଗତି ତୋର ବର୍ତ୍ତମାନ ଓ ଭବିଷ୍ୟତରେ ପ୍ରତିଫଳିତ ହେବା ପାଇଁ ଜଗନ୍ନାଥଙ୍କୁ ଆମେ ସମସ୍ତେ ପ୍ରାର୍ଥନା କରୁଛୁ।
ଧ-୨୨୬୪

କାଠଯୋଡ଼ିରେ ବୁଲୁଛି କୁମ୍ଭୀର

ବାରଙ୍ଗ, ୧୩।୧ (ଲିଙ୍ଗରାଜ ରାଉତ): କାଠଯୋଡ଼ି ନଦୀରେ ୧୦ ଫୁଟର ଏକ କୁମ୍ଭୀର ଶନିବାର ସକାଳେ ଦେଖିବାକୁ ମିଳିଛି। ନଦୀର ନରାଜ ବ୍ୟାରେଜ୍ ପାଖକୁ ସ୍ଥାନୀୟ ଗାଁର କେତେଜଣ ଯୁବକ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ କୁମ୍ଭୀର କୂଳରୁ ନଦୀ ଭିତରକୁ ଯାଉଥିବା ଦେଖିବାକୁ ପାଇଥିଲେ। ଫଳରେ ଯୁବକମାନେ ନ ଗାଧୋଇ ଭୟରେ ସେଠାରୁ ପଳାଇ ଆସିଥିଲେ। ଏହି ଖବର ପ୍ରଘଟ ହେବାପରେ ନରାଜ ଗ୍ରାମର ଲୋକ କୁମ୍ଭୀରକୁ ଦେଖିବାକୁ ବ୍ୟାରେଜ ପାଖକୁ ଯାଇ ଭିଡିଓ କରିଥିଲେ। କୁମ୍ଭୀରଟି କେଉଁଆଡୁ ଆସିଛି ତାହା ଜଣାପଡ଼ି ନାହିଁ। ଖବରପାଇ ଡମପଡ଼ା ବନ ବିଭାଗ କର୍ମଚାରୀ ପହଞ୍ଚି କୁମ୍ଭୀରର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିବା ଜଣାପଡ଼ିଛି।

ଭିତରକନିକାରେ ବର୍ଷକରେ ବଢ଼ିଛନ୍ତି ୧୮ କୁମ୍ଭୀର

କେନ୍ଦ୍ରାପଡ଼ା, ୧୩।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଅଞ୍ଚଳରେ ବଉଳା କୁମ୍ଭୀର ଗଣନା ଶନିବାର ଶେଷ ହୋଇଛି। ୨୦୨୩ ଗଣନାରେ ୧୭୯୩ଟି କୁମ୍ଭୀର ଥିବା ବେଳେ ଚଳିତବର୍ଷ ଅଧିକ ୧୮ଟି ଗଣତି ପରିସରକୁ ଆସିଛି। ମୋଟ ୧୮୧୧ଟି କୁମ୍ଭୀର ମଧ୍ୟରୁ ୮ ଫୁଟ୍‌ରୁ ଅଧିକ ଲମ୍ବର ୩୪୮ଟି, ୬ରୁ ୬ ଫୁଟ୍ ମଧ୍ୟରେ ୧୬୭ଟି, ୩ରୁ ୬ ଫୁଟ୍ ମଧ୍ୟରେ ୩୨୭ଟି, ୨ରୁ ୩ ଫୁଟ୍ ମଧ୍ୟରେ ୩୮୭ଟି ଓ ୨ ଫୁଟ୍‌ରୁ କମ୍ ଲମ୍ବର

ଭିତରକନିକାରେ ବଉଳା କୁମ୍ଭୀର

୫୮୨ଟି କୁମ୍ଭୀର ରହିଥିବା ଚଳିତବର୍ଷ ଗଣନା ଫଳାଫଳରୁ ସୂଚନା ମିଳିଛି। ଏହି ଗଣନା ପାଇଁ ଗତ ୫ ତାରିଖରୁ ଶନିବାର ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନ ବନ୍ଦ ରହିଥିଲା। ରବିବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ଗଣନା କାର୍ଯ୍ୟରେ ୨୨ ଟିମ୍ ସାମିଲ ହୋଇଥିଲେ। ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସଂରକ୍ଷିତ ଅଞ୍ଚଳ, ମହାନଦୀ ଅବବାହିକା ଓ ଆଖପାଖ ନଦୀ ନାଳକୁ ୫୧ଟି ଭାଗରେ ବିଭକ୍ତ କରାଯାଇ କୁମ୍ଭୀର ଗଣନା ହୋଇଥିଲା। ଛୋଟ କୁମ୍ଭୀର ଗତବର୍ଷଠାରୁ ଚଳିତବର୍ଷ ଅଧିକ ରହିଛନ୍ତି।

Classified Everyday
0674-2580101, 2549949

BRIDE WANTED

Brahmin boy SBI PO/32+ B.Tech/Railway Engineer, Bhubaneswar. 9938199964. D-2227

GROOM WANTED

Government Teacher ବୟସ 32 ଏକୁଟିଆ ରହୁଥିବା Divorcee ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 9124021207. D-71383

Age-34, Government Job Divorcee ଏକୁଟିଆ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2230

Beautiful Khandayat Girls 1991, 5'2" Serving OAS/1994 5'2" Serving OJS "SUNASANSAR". 9937512659, 8249969649. D-75295

REAL ESTATE

SALE

2BHK and 3BHK flat on prime location at Chakeisihani @75 and 85lakhs. 7008711445, 6372801963. D-2250

Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable pricecall- 9439856856, 7008982279, 6371097442, 9040116788. D-2271

ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-75292

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

4800sqft. ଘରବାରି କୁରୁମପଡ଼ା ତାପଙ୍ଗ ରେଳ ଷ୍ଟେସନରୁ 3K.M. Rs.-270/-, 9437282937, 8260968367. D-2244

2600sqft. Gharabari yellow zone plot sale at Uttara Chhak, Infront of CIFA, Price 2300/- per sqft. Bank Finance available. 9438220432/ 8144658008. D-2249

3900sqrft. land with 5000sqft. construction 3 Storeyed building for sale near AMRI Hospital, Bhubaneswar. Price- 3Crore. no mediator please. Contact No.- 7377777979. D-2255

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA positively health benefits with expert therapist. 9938843929. D-75184

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

Relax, Refresh your Body, Mind at Saikrupa Spa with best therapies. 8984068077. D-2209

Positively health benefits SPA expert therapist at Nayapalli. Contact: 7846814019. D-75187

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 999 Bapujinagar. 8018429809. D-75189

3BR Apartment in Kharvela Nagar, Unit-3, Bhubaneswar. Senior Officers from Central & State Govt./Public Sector/Multinational Companies and Banks may contact: 9861447371 (Between 10.30AM- 5.30PM). D-75510

CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2272

LOST

I Sujay Kumar Giri, Father Late Gouri Shankar Giri, At- Aruha, P.O-Salikotha, Jaleswar, Balasore, declare that Khata No-173/82, Dalil No-1815 Named on Managobinda Biswal, Mouza- Dharastak, Nayabazar, Jaleswar the Dalil was missing on dt. 08.01.24 while I travel from Nayabazar to Station bazar. So If anyone found kindly contact to Advocate Bimal Sen. Mob. No-7978375542. D-2267

AFFIDAVIT

I, Akshyaya Kumar Pradhan, S/o- Durga Charan Pradhan, At- Kathakhunta, P.O.- Kokalaba, Via- Narasinghpur, Dist.- Cuttack, PIN- 754032 I was Service in Defence and Retired. My Service document has mentioned Nivedita Pradhan and her Date of Birth is 18.11.1974. But her original Date of Birth is 24.06.1972 and name is Nibedita Pradhan, her Aadhaar No. is- xxxxxxxx2991. D-2257

By virtue of an affidavit sworn before the Notary Public, Sonepur, dated 12.01.24, I, Shibanee Urma, W/o-Himanshu Barik, Village-Luhurapali, P.O.- Rengali, P.S.- Dunguripali, Dist.- Subarnapur, Odisha declare that I have changed my surname from Shibanee Barik to Shibanee Urma. Henceforth, I shall be known as Shibanee Urma for all purposes. D-2262

My parental surname is Swarnalata Sahu and consequent upon my marriage with Sukanta Kumar Padhi, my surname was changed from Swarnalata Sahu to Swarnalata Padhi, W/o- Late Sukanta Kumar Padhi, Goutam Nagar, 1st lane, PO/ Dist.- Rayagada. I executed this declaration as an affidavit before the Executive Magistrate, Rayagada vide DR No.597 dated 08.12.2023 for all purposes. D-2266

By virtue of an affidavit sworn before the Notary, Titilagarh, I, Snigdha Somya Meher, D/o- Santosh Meher, At/P.O/P.S.-Titilagarh, Dist.- Bolangir, Odisha, PIN- 767033 declare that by this affidavit No.- 1381 dt. 09.12.2023 now onwards I shall be known as Snigdha Somya Rani Meher for all future purposes. D-2269

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ

✓ବିକ୍ରମ ପରିଡ଼ା
ମାଧବ, ନିଆଳି
ଆବିର୍ଭାବ- ୨୯।୧୧।୧୯୪୫
ତିରୋଧାନ- ୩୦।୧୨।୨୦୧୯
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟିକରି ଦେଇଛି। ଆଜି ମଧ୍ୟ ଲାଗୁଛି କି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମ ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ତଳେ ଭକ୍ତିପୂତ ନିବେଦନ । ଶୋକସନ୍ତପ୍ତ: ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତୁଣୀ: ଲଜି, ନାତି: ରିଙ୍କୁ, ଲିଙ୍କୁ, ଗୁଡ୍ଡୁ, ତ୍ରିପ୍ତା, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୬୮

ଏକାଦଶ ଶ୍ରାଦ୍ଧ ବାର୍ଷିକୀ

✓ଶ୍ରୀମତୀ ମମତା ଦାଶ/ରଥ
ସ୍ୱାମୀ-ପ୍ରଦ୍ୟୁମ୍ନ ରଥ
ଆବିର୍ଭାବ:୨୮.୦୬.୧୯୬୩
ତିରୋଧାନ:୧୬.୦୧.୨୦୧୩
ତୁମକୁ ଚିଠି-ତାର.ର.୧୯୮୮
ଚିଠିର ଶୂନ୍ୟତାକୁ ଭରିଦିଅ
ତୁମ ହୃଦୟ ଭାଷାରେ
ମନକୁ ଭିଜାଇ ଦିଅ
ସ୍ନିଗ୍ଧ ବସନ୍ତରେ (ମମତା)
ଶୋକସନ୍ତପ୍ତ-ହତଭାଗ୍ୟ ସ୍ୱାମୀ ପୁତ୍ର-ଝିଅ ଅନିରୁଦ୍ଧ, ବୋହୂ-ରାକ୍ଷୀ, ନାତି-ରୁଦ୍ରାଦିତ୍ୟ, କନ୍ୟା- ଅଭିଷିକ୍ତା, କାଳିଆ, ମିନୁ, ଯଶ୍ୱିନ୍ ଏବଂ ସମସ୍ତ ବନ୍ଧୁ ଓ ପରିଜନ ବର୍ଗ
ଧ-୭୫୪୧୭

ଏକାଦଶାହ ଉପଲକ୍ଷେ
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ବସନ୍ତ କୁମାରୀ ଦାସ
ଆବିର୍ଭାବ : ୨୦/୧୦/୧୯୩୩
ତିରୋଧାନ : ୦୫/୦୧/୨୦୨୫
ସ୍ୱାମୀ ✓କ୍ଷେତ୍ରମୋହନ ଦାସ
ଚାଷୀଖଣ୍ଡ, ବାଇଶିମୌଳା, ଜଗତସିଂହପୁର
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ :- ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ବୃନ୍ଦ
ଧ-୭୧୫୭୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ସରସ୍ୱତୀ ମହାନ୍ତି
ସ୍ୱାମୀ: ✓କୃଷ୍ଣଚନ୍ଦ୍ର ମହାନ୍ତି
ଜଗଦା, ରାଉରକେଲା
ଆବିର୍ଭାବ: ୦୧।୦୧।୧୯୪୮
ତିରୋଧାନ: ୦୪।୦୧।୨୦୨୪
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମିତ୍ତ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ, କୁଟୁମ୍ବ ଓ ବନ୍ଧୁ ପ୍ରିୟଜନ ।
ଧ-୭୨୪୭

ଭାଜପାରେ ୩ ଗୋଷ୍ଠୀ

ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ନିମାପଡ଼ା, ୧୩।୧
(ରଞ୍ଜନ ପଟ୍ଟନାୟକ)

ପୁରୀ ଜିଲା ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସରେ ଟିକେଟ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ଯଦି ଭାଜପା କଥା ଦେଖାଯାଏ, ଏଠାରେ ତିନି ଗୋଷ୍ଠୀ ସକ୍ରିୟ ଥିବା ଦୃଷ୍ଟିଗୋଚର ହେଉଛି। ଦଳର ପୂର୍ବତନ ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ଯୁବନେତା ଦିଲୀପ ନାୟକଙ୍କ ସମର୍ଥକମାନେ ନିଜ ନେତାଙ୍କ ଟିକେଟ ପାଇବା ନେଇ ଆଶାବାଦୀ ଥିବା ବେଳେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ନିର୍ବାଚନମଣ୍ଡଳୀରୁ ଲଢ଼ିବା ସକାଶେ ତାଙ୍କ ସମର୍ଥକମାନେ ଚାହୁଁଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ପ୍ରଭାତୀ ଓ ଦିଲୀପ ନିର୍ବାଚନ ମଣ୍ଡଳୀରେ ସମାନ୍ତରାଳ ସଙ୍ଗଠନ ଚଳାଇ ରଖିଛନ୍ତି। ସେମାନଙ୍କ ରାଜନୈତିକ କ୍ୟାରିୟରକୁ ଦେଖିଲେ, ପ୍ରଭାତୀ ୨୦୦୯ରେ ନିମାପଡ଼ାରୁ ପ୍ରଥମଥର ପାଇଁ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୬,୮୨୦ ଖଣ୍ଡ ଭୋଟ ପାଇଥିଲେ। ପରେ ୨୦୧୪ ଓ ୨୦୧୯ରେ ସେ ଭାଜପା ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ଯଥାକ୍ରମେ ୫୭,୩୨୦ ଏବଂ ୫୯,୧୫୨ ଭୋଟ ପାଇ ୨ୟ ସ୍ଥାନରେ ରହିଥିଲେ। ହେଲେ ଦିଲୀପ ନାୟକ ୨୦୧୯ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ୩୩, ୫୭୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ । ଏହା ପରେ ସେ କଂଗ୍ରେସ ଛାଡ଼ି ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇଥିଲେ। ଏବେ ପ୍ରଭାତୀ ଓ ଦିଲୀପଙ୍କ ସହିତ ଆହୁରି ୩ ଜଣଙ୍କ ନାମ ଆଲୋଚନାକୁ ଆସିଥିବା ଏକ ସୂତ୍ରରୁ ଜଣାପଡ଼ିଛି । ସେମାନେ ହେଉଛନ୍ତି ପ୍ରଭାତୀଙ୍କ ସ୍ୱାମୀ ଇଂ ଶ୍ୟାମସୁନ୍ଦର ନାୟକ, ସାଇଁସ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଶ୍ୟାମସୁନ୍ଦର ଚାକିରିରୁ ଅବସର ନେବାପରେ ବର୍ତ୍ତମାନ ଦଳୀୟ କାର୍ଯ୍ୟକ୍ରମରେ ନିଜକୁ ବିଷୋଦ୍‌ଗାର କରି ବିଜେଡି ଛାଡ଼ିବା ସହ ଭାଜପାକୁ ସମର୍ଥନ ଜଣାଇଥିଲେ। ଶେଷରେ ସେ ମଧ୍ୟ ବିଆର୍‌ଏସ୍ ଏବଂ ବର୍ତ୍ତମାନ କଂଗ୍ରେସରେ ସାମିଲ ହେବା ପାଇଁ ଲାଗିପଡ଼ିଛନ୍ତି। ସେହିଭଳି ତାଙ୍କ ପୁଅ ଶିଶିର ଗମାଙ୍ଗ କଂଗ୍ରେସ ଛାଡ଼ିବା ପରେ ଭାଜପାର ରାଜ୍ୟ ସମ୍ପାଦକ ହୋଇଥିଲେ। ପରେ ସେ ୨୦୧୯ରେ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ହୋଇଥିଲେ। ଭାଜପାରେ ମଧ୍ୟ ସେ ବେଶି ଦିନ ତିଷ୍ଠି ପାରି ନ ଥିଲେ। ଶିଶିର ବିଆର୍‌ଏସ୍‌ରେ ମିଶିଥିଲେ । ଏବେ ସେହି ଦଳ ସହ ମୋହ ତୁଟାଇ ପୁଣି ଥରେ କଂଗ୍ରେସକୁ ଆପଣେଇବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି। ଗତ ୭ ତାରିଖରେ ହେମା ଗମାଙ୍ଗ ଏବଂ ତାଙ୍କ ପରିବାର କଂଗ୍ରେସରେ ସାମିଲ ହେବା ନେଇ ଚର୍ଚ୍ଚା ଚାଲିଥିଲା। ହେଲେ ସେମିତି କିଛି ହୋଇପାରି ନ ଥିଲା।

କିଛିଦିନର ନୀରବତା ପରେ ଦଳ ମଧ୍ୟରେ ଚାଲିଥିବା ବିଶୃଙ୍ଖଳାକୁ ଦେଖି ଏଠାରୁ ଅପରାଜିତାଙ୍କୁ ପ୍ରାର୍ଥୀ କରିବା ପାଇଁ ଗୋଟିଏ ଗୋଷ୍ଠୀ ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କ ବିଶ୍ୱାସ, ଅପରାଜିତା ନିମାପଡ଼ାରେ ବିଜେଡିକୁ ଭଲ ଭାବେ ଟକ୍କର ଦେଇପାରିବେ । ତେବେ ରାଜନୈତିକ ବାତାବରଣକୁ ଅନିଶା କଲେ ଅପରାଜିତା ଭୁବନେଶ୍ୱରରୁ ପୁନଶ୍ଚ ଲୋକ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହେବାର ଆଶା ରଖିଥିବା ତାଙ୍କର ଏବର କାର୍ଯ୍ୟକ୍ରମକୁ ଦେଖିଲେ ବୁଝାପଡୁଛି।

ପ୍ରଭାତୀ ପରିଡ଼ା ଗତ ଦୁଇଟି ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ ମଧ୍ୟ ଶାସକ ବିଜେଡିକୁ ମୁକାବିଲା କରିବା ଲାଗି ପଦକ୍ଷେପ ନେଉଛନ୍ତି। ଅନେକ ସମୟରେ ବିଜେଡି ଶାସନ ବିରୋଧରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୋଗ ପୂର୍ଣ୍ଣମାତ୍ରାରେ ସାମିଲ କରିଛନ୍ତି। ସରପଞ୍ଚ ଦେବାଶିଷ ନିର୍ବାଚନମଣ୍ଡଳୀ ବୁଲିବା ସହିତ ଦଳୀୟ କର୍ମୀ ମହଲରେ ନିଜ ସପକ୍ଷରେ ସମର୍ଥନ ଯୋଗାଡ଼ରେ ଲାଗିପଡ଼ିଛନ୍ତି । ଆଗକୁ ଯଦି ଦଳରେ ଏଭଳି ସ୍ଥିତି ଲାଗି ରହେ, ତେବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ଦଳ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଅପରାଜିତାଙ୍କ ଶାଶୁଘର ପଡ଼ୋଶୀ କାକଟପୁର । ମନେପଡ଼େ ତାଙ୍କ କୋଣାର୍କ ଗସ୍ତ ସମୟରେ ନିମାପଡ଼ା ଭାଜପାର ବାରଣ ସତ୍ତ୍ୱେ ଦଳର ଅନେକ ମହିଳା, ଯୁବ ଏବଂ ଛାତ୍ର ସଙ୍ଗଠନ କର୍ମକର୍ତ୍ତା ତାଙ୍କ ସହିତ ପଦଯାତ୍ରାରେ ସାମିଲ ହୋଇଥିଲେ।

ଜିଲାପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ଦିଲୀପ ଠିକ୍ ଭାବେ ଉପସ୍ଥାପନ କରିପାରି ନ ଥିଲେ ବୋଲି ନିର୍ବାଚନମଣ୍ଡଳୀରେ ଗୁଞ୍ଜରଟାପର ଚାଲିଛି। ତଥାପି ଦିଲୀପ ଆଶାବାଦୀ ଅଛନ୍ତି ।

କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ପାସ୍ କରିଥିବାରୁ ଅନେକେ ଆଶା କରୁଛନ୍ତି ଭାଜପା ପୂର୍ବାପେକ୍ଷା ମହିଳାଙ୍କୁ ଅଧିକ ଆସନ ଦେଇପାରେ। ସେହି ଦୃଷ୍ଟିକୋଣରୁ ଦେଖିଲେ ନିମାପଡ଼ାରେ ମହିଳା ପ୍ରାର୍ଥୀ ଅଗ୍ରାଧିକାର ପାଇଲେ ପ୍ରଭାତୀ ଭାରି ପଡ଼ିପାରନ୍ତି। ଅନ୍ୟପଟରେ ଗତମାସରେ ନିମାପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ । ଏହା ଶେଷ ହେବା ପରେ ନିମାପଡ଼ା ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ କୋର୍ କମିଟି ବୈଠକ ହେବାରଥିଲା । ଶେଷ ମୁହୂର୍ତ୍ତରେ ସାମଲ ସମୟ ନାହିଁ କହି ତାହାକୁ ବାତିଲ କରିଦେଇଥିଲେ। ହେଲେ ସଭାସ୍ଥଳରୁ ସେ ସିଧା ପ୍ରଭାତୀଙ୍କ ବାସଭବନକୁ ଯାଇ ୨ଘଣ୍ଟା ଆଲୋଚନା କରିବା ଅନ୍ୟ ଏକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ନିମାପଡ଼ାରେ କାହାକୁ ଦଳୀୟ ଟିକେଟ ମିଳିବ ସେ ନେଇ ପଚରାଯିବାରୁ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତି ଉପରେ ତାହା ନିର୍ଭର କରିବ ଏବଂ ଏଠାରେ ଦଳ ଏକଜୁଟ ହୋଇ କାର୍ଯ୍ୟ କରୁଛି ବୋଲି ସାମଲ କହିଥିଲେ। ଏସବୁକୁ ଦେଖିଲେ ନିମାପଡ଼ାରେ ଭାଜପା କାହାମୁଣ୍ଡରେ 'ଶିରପା' ବାନ୍ଧୁଛି ତାହାକୁ ଅପେକ୍ଷା।

ଭୋଟରଙ୍କୁ ଆକୃଷ୍ଟ ଲାଗି କଲ୍ ସେଣ୍ଟର

ରାୟଗଡ଼ା, ୧୩।୧ (ଆଶିଷ ରଞ୍ଜନ ପଣ୍ଡା)

ଜନତାଙ୍କ ମତାମତ ନେଇ ପ୍ରାର୍ଥୀ ଚୟନ ପ୍ରୟାସ

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ୩ ପ୍ରମୁଖ ଦଳ ଭାଜପା, ବିଜେଡି ଓ କଂଗ୍ରେସ ଡିଜିଟାଲ ମିଡିଆ ସମେତ କଲ୍ ସେଣ୍ଟର ବ୍ୟବହାର କରୁଥିବା ସାଧାରଣରେ ଆଲୋଚନା ଜୋର ଧରିଛି । ନିଜ ଦଳର ପ୍ରଚାରପ୍ରସାର ପାଇଁ ରାଜନୈତିକ ଦଳଗୁଡ଼ିକ କଲ୍ ସେଣ୍ଟର ପଦ୍ଧତିକୁ ଆପଣାଇଛନ୍ତି। ଭାଜପାର ରାଜ୍ୟ ଓ ଜିଲା କାର୍ଯ୍ୟାଳୟରୁ କଲ୍ ସେଣ୍ଟରଗୁଡ଼ିକ କାର୍ଯ୍ୟ କରୁଥିବା ବେଳେ ବିଜେଡିର ରାଜ୍ୟସ୍ତରରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । କଂଗ୍ରେସ ଅଭିନବ ପଦକ୍ଷେପ ନେଇ ଏହାକୁ ତ୍ୱରାନ୍ୱିତ କରିବାକୁ ଯୋଜନା କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାୟଗଡ଼ା ଭାଜପା ଜିଲା କାର୍ଯ୍ୟାଳୟରେ ରହିଛି ଏକ କଲ୍ ସେଣ୍ଟର। ଏଥିରେ ନିଯୁକ୍ତି ପାଇଥିବା ଯୁବତୀଯୁବକ ଦଳର ବିଭିନ୍ନ କାର୍ଯ୍ୟକ୍ରମ, କେନ୍ଦ୍ର ସରକାରଙ୍କ ବିକାଶମୂଳକ ଯୋଜନା ଆଦି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିବା ସହ ଏହାକୁ ଭାଇରାଲ କରୁଛନ୍ତି। କଲ୍ ସେଣ୍ଟରକୁ ମାଧ୍ୟମ କରି ଭାଜପା ଜନସାଧାରଣଙ୍କ ନିକଟତର ହେଉଛି। ଏଥିସହ କଲ୍ ସେଣ୍ଟରରୁ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ନିକଟକୁ ଯାଉଛି ଫୋନ୍ କଲ୍। ସେମାନେ ଉକ୍ତ ଯୋଜନାଗୁଡ଼ିକର ଲାଭ ଠିକ୍ ସମୟରେ ପାଇଛନ୍ତି ନା ନାହିଁ ଏବଂ ଏଥିରେ କୌଣସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କି ଆଦି ପଚରା ଯାଉଥିବା ଶୁଣିବାକୁ ମିଳିଛି । ଏଥିସହିତ ଆଗାମୀ ନିର୍ବାଚନରେ ଦେଶର ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶାରେ କେଉଁ ଦଳକୁ ଭୋଟ ଦେବା ପାଇଁ ଜନସାଧାରଣ ଇଚ୍ଛୁକ ସେ ନେଇ ମଧ୍ୟ ଜନତାଙ୍କ ମତାମତ ନିଆଯାଉଛି ବୋଲି ଫୋନ୍ ପାଇଥିବା କେତେ ଜଣ ହିତାଧିକାରୀ କହିଛନ୍ତି। ସେହିପରି ବିଜେଡି କଲ୍ ସେଣ୍ଟରରୁ ଜନସାଧାରଣଙ୍କୁ ଯୋଗାଯୋଗ କରାଯାଉଥିବା ଦେଖିବାକୁ ମିଳୁଛି। ବିଷମ କଟକ ନିର୍ବାଚନମଣ୍ଡଳୀର ଅନିଲ କୁମାର ଜାଡ଼ି କହିଛନ୍ତି, ତାଙ୍କୁ ଆସିଥିବା ଫୋନ୍‌ରେ ସେ ବିଧାନସଭା ନିର୍ବାଚନରେ ବିଜେଡିର ଜଗନ୍ନାଥ ସାରକା, ଭାଜପାର ଶିବଶଙ୍କର ଉଲାକା, କଂଗ୍ରେସର ନୀଳମାଧବ ହିକ୍‌କା ନା ନୀଳମାଧବ ଉଲାକାଙ୍କ ମଧ୍ୟରୁ କାହାକୁ ଭୋଟ ଦେବେ ପଚରାଯାଇଥିଲା। ସେହିପରି ରାୟଗଡ଼ାରେ ନୀହାର ରଞ୍ଜନ ପଣ୍ଡାଙ୍କୁ ପଚରାଯାଇଥିଲା ସେ କାହାକୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି ଏବଂ ଓଡ଼ିଶାରେ କେଉଁ ରାଜନୈତିକ ଦଳ ଶାସନକୁ ଆସିଲେ ଭଲ ହେବ ବୋଲି ଭାବୁଛନ୍ତି? କୋରାପୁଟରେ କଂଗ୍ରେସର ସପ୍ତଗିରି ଉଲାକା, ଝିନ୍ନ ହିକ୍‌କା ଓ କୌଶଲ୍ୟ ହିକ୍‌କାଙ୍କ ମଧ୍ୟରୁ ପସନ୍ଦ ଲାଗି କୁହାଗଲେ କାହାକୁ ବାଛିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ରାଶନ କାର୍ଡ ମିଳିଛି କି ନାହିଁ ଏବଂ ଆଗାମୀ ନିର୍ବାଚନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଜନତା କାହାକୁ ଚାହୁଁଛନ୍ତି ବୋଲି କଲ୍ ସେଣ୍ଟରଗୁଡ଼ିକରୁ ଫୋନ୍ ଆସୁଥିବା ଶୁଣିବାକୁ ମିଳୁଛି । ସେହିଭଳି ୨୦୧୯ ନିର୍ବାଚନରେ କାହାକୁ ଭୋଟ ଦେଇଥିଲେ ଏବଂ ଆଗାମୀ ନିର୍ବାଚନରେ କାହାକୁ ଭୋଟ ଦେବେ ବୋଲି ମଧ୍ୟ ପଚରାଯାଇଥିବା କେତେଜଣ ସୂଚନା ଦେଇଛନ୍ତି ।

ସେପଟେ ଜାନୁଆରୀ ୬ରେ ୨ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା କଂଗ୍ରେସର ନୂତନ ପ୍ରଭାରୀ ଅଜୟ କୁମାର କର୍ମୀଙ୍କୁ ସମ୍ବୋଧିତ କରି ସମ୍ମିଳନୀରେ କହିଥିଲେ, ଦଳକୁ ତୃଣମୂଳ ସ୍ତରରୁ ସଂଗଠିତ କରିବା ପାଇଁ ବୁଥ୍‌ସ୍ତରୀୟ ଓ ପଞ୍ଚାୟତସ୍ତରୀୟ କମିଟି ଗଠନ କରିବା ସହିତ ସେମାନଙ୍କ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ବାଧ୍ୟତାମୂଳକ କରାଯାଇଛି । ଏହି ତଥ୍ୟ ମିଳିବା ପରେ କଲ୍ ସେଣ୍ଟରରୁ ସେମାନଙ୍କୁ ଫୋନ୍‌ରେ ସମ୍ପର୍କ କରାଯାଇ ସତ୍ୟାସତ୍ୟ ଅନୁସନ୍ଧାନ ସହିତ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ପାଇଁ ମତାମତ ସଂଗ୍ରହ କରାଯିବ ବୋଲି ଅଜୟ କୁମାର କର୍ମୀଙ୍କୁ କହିଥିଲେ।

ମୋଟାମୋଟି କହିଲେ ସ୍ଥାନୀୟ ଅଞ୍ଚଳର ଜନତାଙ୍କ ମତାମତ ନେଇ ଦଳ ପ୍ରାର୍ଥୀ ଚୟନ କରିବା ଲାଗି ପ୍ରୟାସ କରୁଥିବା ଆଲୋଚନା ହେଉଛି।

ରାଜ୍ୟ ପ୍ରଭାରୀଙ୍କୁ ଭେଟିଲେ ଗିରିଧରଙ୍କ ପରିବାର

ରାୟଗଡ଼ା କଂଗ୍ରେସ ରାଜନୀତି ଚଳଚଞ୍ଚଳ

ବିଜୟଙ୍କ ପାଇଁ କଣ୍ଟା ହୋଇପାରନ୍ତି ଗମାଙ୍ଗ

ଗୁଣପୁର, ୧୩।୧ (ପ୍ରଦୀପ କୁମାର ପାଢ଼ୀ)

ନୂଆଦିଲ୍ଲୀରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କ ସହ ଡ.ଗିରିଧରଙ୍କ ପରିବାର ।

ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପରିବାର ଏବେ କଂଗ୍ରେସ ଶରଣରେ ପଶିଲା ଭଳି ସ୍ଥିତିରେ । ଗିରିଧରଙ୍କ ସ୍ତ୍ରୀ ତଥା ପୂର୍ବତନ ଏମ୍‌ପି ହେମା ଗମାଙ୍ଗ ଏବଂ ତାଙ୍କ ପୁଅ ଶିଶିର ଗମାଙ୍ଗ ଶନିବାର ନୂଆଦିଲ୍ଲୀଠାରେ ରାଜ୍ୟ ପ୍ରଭାରୀ ଅଜୟ କୁମାରଙ୍କୁ ଭେଟିଛନ୍ତି। ଏହି ଘଟଣା ରାୟଗଡ଼ା କଂଗ୍ରେସ ରାଜନୀତିକୁ ଚଳଚଞ୍ଚଳ କରିଛି। ଗିରିଧରଙ୍କ ପରିବାର କଂଗ୍ରେସରେ ମିଶିବା ପଥ ସୁଗମ ହେଉଥିବାବେଳେ ଜିଲା ସଭାପତି ତଥା ଗିରିଧରଙ୍କ ଭାଇ ବିଜୟ ଗମାଙ୍ଗଙ୍କ ପାଇଁ ସେମାନେ କଣ୍ଟା ସାଜିପାରନ୍ତି ବୋଲି ଆଲୋଚନା ହେଉଛି।

ଗିରିଧର ଗମାଙ୍ଗ କଂଗ୍ରେସ ଛାଡ଼ି ଭାଜପାରେ ମିଶିବା ଓ ପରେ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଏବଂ ପୁଣି ତାଙ୍କ ପୁରୁଣା ଦଳକୁ ଫେରିବା ପାଇଁ ମନ ବଳାଇଛନ୍ତି। ସେହିପରି ତାଙ୍କ ସ୍ତ୍ରୀ କଂଗ୍ରେସ ଛାଡ଼ିବା ପରେ ବିଜେଡିରେ ସାମିଲ ହୋଇ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ପରେ ବରିଷ୍ଠ ନେତାଙ୍କ ବିରୋଧରେ ପୁଣି ଥରେ ଗମାଙ୍ଗ ପରିବାର ସକ୍ରିୟ ହୋଇଉଠିବା ଜିଲା ରାଜନୀତିକୁ ସରଗରମ କରିଛି। ସବୁ ଠିକ୍‌ଠାକ୍ ଘଟି ଯଦି ଗିରିଧରଙ୍କ ପରିବାର କଂଗ୍ରେସରେ ସାମିଲ ହୁଅନ୍ତି, ତେବେ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ଚିନ୍ତା ଆହୁରି ବଢ଼ିଯିବ। ସେମାନଙ୍କ ମିଶ୍ରଣ ବିଜୟଙ୍କ ପାଇଁ କଣ୍ଟା ହୋଇପାରେ ବୋଲି ବର୍ତ୍ତମାନ ଚର୍ଚ୍ଚାର ବିଷୟ ହୋଇଛି। ଏସବୁ ରାଜନୈତିକ ଘଟଣାକ୍ରମ ମଧ୍ୟରେ ସେମାନେ ଯଦି ଦଳରେ ସାମିଲ ହୁଅନ୍ତି ତେବେ ଦଳ ନ ଛାଡ଼ି କଂଗ୍ରେସରେ ରହି କାର୍ଯ୍ୟ କରୁଥିବା ବିଜୟଙ୍କ ସ୍ଥିତି କ'ଣ ହେବ ସେ ନେଇ ଆଲୋଚନା ହେଲାଣି। ବିଜୟଙ୍କ ଭବିଷ୍ୟତ ଓ ରଣନୀତି କ'ଣ ରହୁଛି ତାହା ଏବେ ଦେଖିବାକୁ ବାକି ରହିଲା। ଏନେଇ ଜିଲା ସଭାପତି ବିଜୟ ଗମାଙ୍ଗଙ୍କ ସହ ଯୋଗାଯୋଗ କରାଯିବାରୁ ଗିରିଧରଙ୍କ ପରିବାର ଦଳରେ ମିଶିବା ଖବର ତାଙ୍କ ନିକଟରେ ନାହିଁ, କିମ୍ବା ଆନୁଷ୍ଠାନିକ ଭାବେ କିଛି ଜଣାପଡ଼ି ନାହିଁ। ବର୍ତ୍ତମାନ ପରିସ୍ଥିତିରେ କୌଣସି ପ୍ରତିକ୍ରିୟା ଦେବା ଠିକ୍ ହେବ ନାହିଁ ବୋଲି ସେ କହିଛନ୍ତି।

ଭତ୍ତା ବଣ୍ଟନ ବେଳେ ଉତ୍ତେଜନା

ନିର୍ବାଚନ ପୂର୍ବରୁ ପଡିଆରା ଜାହିର ଉଦ୍ୟମ

ଯୋଡ଼ା, ୧୩।୧ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଅଞ୍ଚଳରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହେଲାଣି। ଅଞ୍ଚଳରେ ପୂର୍ବରୁ ନିଜସ୍ୱ ନାମରେ ଭତ୍ତା ବାଣ୍ଟି ରାଜ୍ୟରେ ଚର୍ଚ୍ଚାରେ ଥିବା ଜଣେ ପୂର୍ବତନ ବିଧାୟକ ପୁନଃ ଭତ୍ତା ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ଶନିବାର ହାଣ୍ଡିଭଙ୍ଗା, ଜାମୁପାଣି ଅଞ୍ଚଳରେ ସମ୍ପୃକ୍ତ ରାଜନେତା ଭତ୍ତା ବଣ୍ଟନ କରି ପଡିଆର ଜାହିର କରିବାକୁ ଉଦ୍ୟମ କରୁଥିବା ବେଳେ ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଜଣେ ପୂର୍ବତନ ବିଧାୟକଙ୍କ କେତେଜଣ ସମର୍ଥକ ସମ୍ପୃକ୍ତ ଅଞ୍ଚଳରେ ନିଜସ୍ୱ ଭତ୍ତା ବାଣ୍ଟୁଥିଲେ। ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଭତ୍ତା ବଣ୍ଟନ ପରେ ଟଙ୍କା ସରିଯାଇଥିଲା। ଏହି ସମୟରେ ଟଙ୍କା ପାଇ ନ ଥିବା ଲୋକେ ଭତ୍ତା ଟଙ୍କା ଦେବାକୁ ଦାବି କରିଥିଲେ। ଫଳରେ ଭତ୍ତା ବାଣ୍ଟୁଥିବା ପୂର୍ବତନ ବିଧାୟକଙ୍କ ସମର୍ଥକ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ଭତ୍ତା ପାଇଥିବା ଲୋକ ଏବଂ ଭତ୍ତା ପାଇ ନ ଥିବା ଲୋକଙ୍କ ମଧ୍ୟରେ କଳହ ଆରମ୍ଭ ହୋଇଥିଲା। ନିର୍ବାଚନ ଆଗରୁ ଭତ୍ତା ବଣ୍ଟନ ଭଳି କାର୍ଯ୍ୟ କରାଗଲେ ଆଗାମୀ ଦିନରେ ହିଂସାତ୍ମକ ସ୍ଥିତି ଉପୁଜିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ନେଇ ବାମେବାରି ଥାନା ଆଇଆଇସି ଦୀପ୍ତି ରଞ୍ଜନ ସାହୁ କହିଛନ୍ତି, ଘଟଣାଟି ଦୁର୍ଗମ ଅଞ୍ଚଳରେ ଘଟିଛି, ଉକ୍ତ ଅଞ୍ଚଳ ସହିତ ଯୋଗାଯୋଗ ପାଇଁ ଚେଷ୍ଟା ଚାଲିଛି। ପରବର୍ତ୍ତୀ ସମୟରେ ଏଥିପ୍ରତି ନଜର ରଖିବେ।

ବିଜେଡିରେ ଭାଜପା ନେତା

ସୁନ୍ଦରଗଡ଼ର ଭାଜପା ନେତା ଡ. ହିମାଂଶୁ ଷଡ଼ଙ୍ଗୀ ନିଜ ସମର୍ଥକଙ୍କ ସହ ଶନିବାର ଭୁବନେଶ୍ୱରସ୍ଥିତ ଶଙ୍ଖଭବନରେ ବିଜେଡିରେ ସାମିଲ ହୋଇଛନ୍ତି।

ସୁନ୍ଦରଗଡ, ୧୩।୧ (ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡର ଯୁବନେତା, ପୂର୍ବତନ କାଉନସିଲର ତଥା ଭାଜପା ନେତା ଡ. ହିମାଂଶୁ ଷଡ଼ଙ୍ଗୀ ଶନିବାର ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ସ୍ଥିତ ଶଙ୍ଖ ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ଓ ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ ସିଂହଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ତାଙ୍କ ସମର୍ଥକ ପୂର୍ବତନ ଜିଲା ଭାଜପା ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ବୈକୁଣ୍ଠ ବନଛୋର, ମହେଶ ତନ୍ତୀ, ଅବନୀ ମିଶ୍ର, ନାଜିର ଅଲି ଶେଖ୍, ମହମ୍ମଦ ଆୟୁବ ପ୍ରମୁଖ ଶଙ୍ଖ ଧରିଛନ୍ତି। ସୁନ୍ଦରଗଡ ସହର ଓ ବିଭିନ୍ନ ବ୍ଲକରେ ଥିବା ସମସ୍ୟାର ସମାଧାନ ପାଇଁ ଲଢ଼େଇ କରି ଆସୁଥିବା ଏହି ଟିମ୍ ବିଜେଡିରେ ସାମିଲ ହେବାପରେ ଦଳ ଆହୁରି ଦୃଢ ହେବ ବୋଲି ପୂର୍ବତନ ବିଧାୟକ ଯୋଗେଶ ଆଶା ପ୍ରକଟ କରିଛନ୍ତି।

OFFICE OF THE EXECUTIVE ENGINEER No.O-2202
RURAL WORKS DIVISION, BARGARH
Email: rd_bgh@yahoo.co.in, Gmail: rwd.bgh@gmail.com
e-Procurement Notice No. ONLINE-BGH- 18 OF 2023-24

ରିଲାଏନ୍ସ ଇଣ୍ଡଷ୍ଟ୍ରିର ନୂତନ ଅଭିଯାନ

ଭୁବନେଶ୍ୱର,୧୩।୧ (ଅଭୟ ଦାଶ)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍‌ଆଇଏଲ୍)ର ବହୁ ପ୍ରତୀକ୍ଷିତ ତଥା ଏକ ନୂତନ ଅଭିଯାନ 'ଗ୍ରାଜୁଏଟ୍ ଇଞ୍ଜିନିୟର ଟ୍ରେନି (ଜିଇଟି) ପ୍ରୋଗ୍ରାମ ୨୦୨୪' କାର୍ଯ୍ୟକ୍ରମର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ପେଟ୍ରୋକେମିକାଲ୍ସଠାରୁ ଆରମ୍ଭକରି ନୂତନ ଶକ୍ତି ପର୍ଯ୍ୟନ୍ତ ସମସ୍ତ ବିଭାଗରେ କମ୍ପାନୀ ସ୍ନାତକ ଇଞ୍ଜିନିୟରମାନଙ୍କୁ ନିଯୁକ୍ତି କରିବାକୁ ଲକ୍ଷ୍ୟ ରଖିଛି। ଆର୍‌ଆଇଏଲ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ ସୂଚନା ଅନୁଯାୟୀ ଜିଇଟି ପ୍ରୋଗ୍ରାମ ୨୦୨୪ କାର୍ଯ୍ୟକ୍ରମ ନାମରେ ରିଲାଏନ୍ସ ଦେଶର ବିଭିନ୍ନ ସ୍ଥାନରୁ ଯୁବ ଇଞ୍ଜିନିୟରମାନଙ୍କ ପାଇଁ ପ୍ରବେଶ ସ୍ତରରେ ନିଯୁକ୍ତି ଅଭିଯାନ ଆରମ୍ଭ କରିଛି। ବିଶେଷକରି ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି, ବ୍ୟବସାୟ କ୍ଷେତ୍ରରେ ପ୍ରମୁଖ ବୈଷୟିକ ଭୂମିକାରେ ଯୁବ ତଥା ଉଚ୍ଚ କ୍ଷମତାସମ୍ପନ୍ନ ଇଞ୍ଜିନିୟରିଂ ପ୍ରତିଭା ନିଯୁକ୍ତ କରିବା। ଚଳିତ ବର୍ଷ ଆବେଦନ ପ୍ରକ୍ରିୟା ପ୍ରଥମ ଥର ପାଇଁ ଅନ୍‌ଲାଇନ ମାଧ୍ୟମରେ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମର ପଞ୍ଜୀକରଣ ଅବଧି ୨୦୨୪ ଜାନୁଆରୀ ୧୯ରେ ଶେଷ ହେଉଛି। ଏହା ଅଧୀନରେ କମ୍ପାନୀ ପକ୍ଷରୁ ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନଗୁଡିକର କେମିକାଲ (ରସାୟନ), ଇଲେକ୍ଟ୍ରିକାଲ, ମେକାନିକାଲ (ଯାନ୍ତ୍ରିକ) ଓ ଇନ୍‌ଷ୍ଟ୍ରୁମେଣ୍ଟେଶନ ଇଞ୍ଜିନିୟରିଂ ଭଳି ବିଭିନ୍ନ ବିଭାଗର ୨୦୨୪ ବ୍ୟାଚ୍ ବି.ଟେକ୍ ଏବଂ ବିଇ ସ୍ନାତକମାନଙ୍କଠାରୁ ଅନ୍‌ଲାଇନ ଆବେଦନ ଆହ୍ୱାନ କରାଯାଇଛି। ଏପରିକି ମନୋନୀତ ଛାତ୍ରୀଛାତ୍ରମାନେ ୨୦୨୪ ଫେବୃଆରୀ ୫ରୁ ୮ ମଧ୍ୟରେ ଅନ୍‌ଲାଇନ ମୂଲ୍ୟାଙ୍କନ (ଜ୍ଞାନଗତ ପରୀକ୍ଷା ଏବଂ ବିଷୟବସ୍ତୁ)ରେ ସାମିଲ ହେବେ। ଏଥିରେ ସଫଳ ହୋଇଥିବା ଛାତ୍ରୀଛାତ୍ରମାନଙ୍କର ସାକ୍ଷାତ୍‌କାର ୨୦୨୪ ଫେବୃଆରୀ ୨୩ରୁ ମାର୍ଚ୍ଚ ୧ ମଧ୍ୟରେ ନିଆଯିବାକୁ ଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ଶେଷରେ ଚୟନ ପ୍ରକ୍ରିୟା ଶେଷ ହେବ ବୋଲି ରିଲାଏନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ମମତାପଲରେ ୪ଜି ଟାୱାର ଭିତ୍ତିପ୍ରସ୍ତର

ଭୁବନେଶ୍ୱର,୧୩।୧

ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ଓଡ଼ିଶା ୟୁନିଟ୍ ପକ୍ଷରୁ ଶନିବାର ମୟୂରଭଞ୍ଜ ଜିଲା ଅନ୍ତର୍ଗତ ବେତନଟୀ ବ୍ଲକର ମମତାପଲ ଗ୍ରାମରେ ୪ଜି ଟାୱାରର ଭିତ୍ତିପ୍ରସ୍ତର ହୋଇଯାଇଛି। ଏପରିକି ଓଡ଼ିଶାରେ ସ୍କିପର ଲିମିଟେଡ୍ ଜରିଆରେ ୪ଜି ଟାୱାର ସାଚୁରେଶନ ପ୍ରୋଜେକ୍ଟ (ସଂତୃପ୍ତୀକରଣ ପ୍ରକଳ୍ପ) କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଉଭୟ ବିଏସ୍‌ଏନ୍‌ଏଲ୍ ତଥା ସ୍କିପର ଲିମିଟେଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସ୍କିପର ଲିମିଟେଡ୍‌ର ନିର୍ଦ୍ଦେଶକ ସରନ୍ ବଂଶଲ କହିଛନ୍ତି, ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଉଭୟ କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିଙ୍କ ଉପସ୍ଥିତି ପାଇଁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାମାଞ୍ଚଳ କ୍ଷେତ୍ରରେ ମୋବାଇଲ ସଂଯୋଗୀକରଣ, ଯୋଗାଣ ତଥା ଏ ଦିଗରେ ସରକାରଙ୍କର ଦୂରଦୃଷ୍ଟିକୁ ଆହୁରି ପ୍ରଶସ୍ତ କରିବା ସହିତ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଏବଂ ତତ୍‌ସହିତ ଆମର ଯତ୍‌କିଞ୍ଚିତ୍ ଅଂଶଗ୍ରହଣ ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସ୍କିପର ଲିମିଟେଡ୍ ହେଉଛି, ଶକ୍ତି ସଞ୍ଚାରଣ ଓ ବଣ୍ଟନ ସରଞ୍ଜନା ତଥା ଯୋଗାଯୋଗ ଏବଂ ରେଳବାଇ ସରଞ୍ଜନା କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ନିର୍ମାଣ ପ୍ରତିଷ୍ଠାନ। ଉକ୍ତ ପ୍ରତିଷ୍ଠାନ ତା'ର ଓଡ଼ିଶାର ମୟୂରଭଞ୍ଜ ଜିଲା ମମତାପଲ ଗ୍ରାମରେ କାର୍ଯ୍ୟକ୍ଷମ ୪ଜି (ସଂତୃପ୍ତୀକରଣ ପ୍ରକଳ୍ପ) ସ୍ଥାନର ପରିଦର୍ଶନ ସହ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

୪ ରାଜ୍ୟ ଆୟକର ବିଭାଗ ଦାୟିତ୍ୱରେ ମନୋରଞ୍ଜନ

ଭୁବନେଶ୍ୱର,୧୩।୧

ମନୋରଞ୍ଜନ ପାଣିଗ୍ରାହୀ

ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା କେନ୍ଦ୍ର ପ୍ରତ୍ୟକ୍ଷ କର ବୋର୍ଡର ବିଜ୍ଞପ୍ତି ନଂ.୧୪ ଅନୁଯାୟୀ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ଝାଡ଼ଖଣ୍ଡ ଓ ବିହାର ରାଜ୍ୟର ନୂତନ ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ନିଯୁକ୍ତି ଦିଆଯାଇଥିବାବେଳେ ପଶ୍ଚିମବଙ୍ଗ ଏବଂ ସିକିମର ପ୍ରଧାନ ମୁଖ୍ୟ ଆୟକର କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏବେ ସେ ମୁମ୍ବାଇରେ କାର୍ଯ୍ୟରତ ଅଛନ୍ତି। ଗତ ୨ ବର୍ଷ ହେଲା ସେ ମୁମ୍ବାଇର ମୁଖ୍ୟ ଆୟକର କମିଶନର ଭାବେ କାର୍ଯ୍ୟ କରୁଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ମନୋରଞ୍ଜନଙ୍କୁ ୪ ରାଜ୍ୟର ଆୟକର ମୁଖ୍ୟ ଭାବେ ନିଯୁକ୍ତି ଦେବା ଏକ ବଡ ପଦକ୍ଷେପ ସହ ଅନେକ ଗୁରୁତ୍ୱ ବହନ କରୁଛି ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ, ମନୋରଞ୍ଜନ ୧୯୯୮ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍)ର ଅଧିକାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପୂର୍ବରୁ ସେ ଅନେକ ରାଜ୍ୟରେ ବଡ ପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଏପରିକି ଓଡ଼ିଶା ସରକାରଙ୍କ ଅଧୀନରେ ଗତ ୫ ବର୍ଷ ଧରି ସଂସ୍କୃତ ବିଭାଗର ସଚିବ ଭାବେ ଦକ୍ଷତାର ସହ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଛନ୍ତି। ସେହିଭଳି ପୂର୍ବରୁ ମଧ୍ୟ ସେ କଲିକତାରେ ବରିଷ୍ଠ ରାଜସ୍ୱ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ଏପରିକି ସେ କଲିକତା ଉତ୍କଳ ଶିକ୍ଷା ସଂସଦର ସଭାପତି ଓ ଉପସଭାପତି ଥିଲେ। ମନୋରଞ୍ଜନ ଜଣେ ଦକ୍ଷ ସାହିତ୍ୟିକ ହୋଇଥିବା ବେଳେ ସାହିତ୍ୟ ଓ ସଂସ୍କୃତିପ୍ରେମୀଭାବେ ଓଡ଼ିଶାରେ ବେଶ୍ ପରିଚିତ।

Government of Odisha "e" Procurement Notice
WORKS DEPARTMENT No. B-1605
Bid Identification No. C.C.E.K.C., Keonjhar No. 49/2023-24
e-mail: ccekeonjharpwdcircle@gmail.com / sekcpwd_keonjhar@yahoo.com
Letter No. 137 Dt. 08.01.2024
1. Name of the Work : 6 Number Building Works
2. Estimated Cost : Rs.118.16 lakhs to Rs.125.29 Lakhs
3. Class of Contractor : "B" & "A" Class
4. Period of Completion : 05 (Five) Calendar Months
5. Date and time of availability of Bid document in the Portal : From 11.00 hours of 16.01.2024 to 16.00 hours of 30.01.2024
6. Last date/time for receipt of bids in the Portal : 16.00 hours of 30.01.2024
7. Date of Opening of Bid from Portal : 11.30 hours on 31.01.2024
8. Name and Address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001
Further details can be seen from the e-procurement portal "**http://tendersodisha.gov.in**".
Sd./- Chief Construction Engineer
Keonjhar (R&B) Circle, Keonjhar
OIPR-34033/11/0067/2324

OFFICE OF THE SUPERINTENDING ENGINEER, ELECTRICAL CIRCLE (R&B)
NIRMAN SOUDHA, BHUBANESWAR
E-mail: seec.bbsr2010@gmail.com
Bid Identification No. S.E.E.C. (R&B) 27/2023-24
No. 105 Date: 09.01.2024
No. B-1610: The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in **https://tendersorissa.gov.in**. The details of bid documents will be available in the above website from Dt.16.01.2024 at 05.00 P.M. to Dt.30.01.2024 upto 05.00 P.M. The bidders must possess Compatible Digital Signature Certificate of Class II or III. Bids received online shall be opened Dt.31.01.2024 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.
Sd./- Superintending Engineer
Electrical Circle (R&B) Odisha, BBSR
OIPR-34006/11/0036/2324

GOVERNMENT OF ODISHA No. B-1602
OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR
Mail ID: sepwdbalangir@gmail.com
e-Procurement Notice
BID IDENTIFICATION No. CCE(R&B) BGR/47/2023-24
Letter No. 109 Dtd.09.01.2024
The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **"B" / "A" & Special Class** contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.
1. Nature of work : Road cum Bridge & Building Work
2. No. of tender : Road cum Bridge Work - 05 Nos & Building Work - 01 No.
3. Tender Cost : Rs.10,000/-
4. Class of Contractor : "B" / "A" & Special Class
5. Date & time of sale & receipt of Bids : From Dt.17.01.2024, 10.00 A.M. to Dt.31.01.2024 upto 05.00 P.M.
6. Date of Opening Bid : Dt.01.02.2024 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.
Sd./- Chief Construction Engineer
Balangir (R&B) Circle, Balangir
OIPR-34131/11/0050/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER CENTRAL (R&B) CIRCLE, BHUBANESWAR
Mail i.d.: seccbbsr@gmail.com
E-Procurement Short Tender Call Notice No. 27 of 2023-24
No. 177 (Estg.) Bhubaneswar the 10th January - 2024
No. B-1612: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number building work to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from 5.00 P.M. of 16.01.2024 to 3.00 P.M. of 22.01.2024. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 P.M. of 22.01.2024 in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if requied, will be available only in the website.
Sd./- Er. P.K. Mohanty
Chief Construction Engineer
Central (R&B) Circle, Bhubaneswar
OIPR-34005/11/0011/2324

WORKS DEPARTMENT No.B-1608
OFFICE OF THE CHIEF CONSTRUCTION ENGINEER EASTERN CIRCLE (R&B), BALASORE
e-mail – seec_bls@rediffmail.com
Government of Odisha "e" Procurement Notice
Bid Identification No. CCEEC-28/2023-24
No. 194/Dt: 8.1.24
Nature of work:- **Road Works**
Number of works: **02 Nos. Road Works**
Amount put to Tender: - **Rs. 229.21 Lakh to 331.94 Lakh**
Class of Contractor: - **"A" Class & "B" Class**
Date & Time of availability of bid document in the portal: - **Dt.16.01.2024 at 10:00 AM**
Last Date / Time of receipt of bid in the portal: - **Dt.29.01.2024 up to 05:00 PM**
Date of opening of bid :- **Dt.30.01.2024 at 11:00 AM**
Name & address of the Office inviting bid: - **Chief Construction Engineer, Eastern Circle (R&B), Balasore**
The bidders have to participate in ONLINE bidding only. Further details can be seen from the e-procurement portal "**http//tendersodisha.gov.in**."
All future corrigendum will be available on ONLINE mode only.
Sd./- R. Rout, Chief Engineer (Civil)
Eastern Circle (R&B), Balasore
OIPR-34026/11/0030/2324

WATCO No.B-2352:
OFFICE OF THE CHIEF EXECUTIVE OFFICER, WATCO,Ground Floor, Unnati Bhawan
H.B. Colony, Satyanagar, Bhubaneswar-751007, Odisha, India
Telefax:+91-674-2571444, E-mail:ceowatcoodisha@gmail.com
INVITATION FOR BID (IFB)
Bid Identification No. WATCO (W)-42/2023-24, Dtd.08.01.2024
WATCO No.201, Date:08.01.2024
1.Name of the Work: 1.Procurement, Installation and commissioning of Mobile Laboratories for testing of Drinking water qualities at Berhampur, Rourkela, Sundergarh, Keonjhar & Baripada. 2. Procurement, Installation and commissioning of Mobile Laboratories for testing of Drinking water qualities at Anandapur, Joda, Champua, Barbil, Rairangpur, Karanjia, Udala, Biramitrapur, Rajgangpur & Vyasanagar.
2. Estimated Cost : (1) Rs.259.50 Lakh, (2) 261.09 Lakh.
3. Period of Completion : 90 (Ninety) Days.
4. Date & Time of availability of bid document in the portal : From 11.00 AM of Dt.16.01.2024 to 5.00 PM of 29.01.2024.
5. Last date/time of receipt of bids in the portal : 5.00 PM of 29.01.2024.
6. Date & Time of opening of technical bids : 12.30 PM of 30.01.2024.
7. Name and address of the Officer Inviting Bid : Chief Executive Officer, WATCO, Telefax: 0674-2571444, E-mail: ceowatcoodisha@gmail.com.
8. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
Sd./- (CEO), WATCO
OIPR-13194/11/0074/2324

Government of Odisha
Sports & Youth Services Department
Reference No.: SYS-SEB-MISCS-0001-2024-1281/SYS Date: 11.01.2024
Request for Proposal
No. TT-45 :- Sports & Youth Services Department, Government of Odisha invites bids from reputed agencies to the "**Request for Empanelment of Event Management Agencies for DSYS, Government of Odisha.**"
The details of the document are available at the below mentioned website.
Website: **https://sports.odisha.gov.in/**
https://tendersodisha.gov.in/
Interested firms/ parties/ agencies are advised to study the RFE document carefully before submitting their bid.
Important Dates and Information:
Date of Publication- 11.01.2023
Last date and time for sending Pre-bid queries - Date: 17.01.2024; Time: 11.00 AM.
Pre-bid Meeting - Date: 18.01.2024; Time: 1.00 PM
Last date and time of submission of proposal - Date: 31.01.2024; Time: 3.00 PM
Opening of Technical Bid - Date: 11.01.2024; Time: 5.00 PM.
OIPR-29001/11/0169/2324 Sd/- Commissioner-cum-Secretary

Government of Odisha, e-Procurement Notice
INVITATION FOR BIDS (IFB)
(SHORT TENDER CALL NOTICE)
Bid Identification No. C.C.E.DKL (R&B) 29/2023-24
E-mail Id: sedklpwd@gmail.com
Letter No. 96 Dt.10.01.2024
No. B-1611: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Building works as detailed below:
1. Name of the work : Building Works
2. No. of works : 02 (Two) Nos.
3. Estimated Cost : Rs.4.21 Crore to Rs.6.98 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'A' & Special Class (as given in Column No. 07 of table)
6. Period of Completion of work : 06 (Six) to 07 (Seven) Calendar Months (as given in Column No. 08 of table)
7. Date and time of availability of bid document in the website : From Dt.12.01.2024 to 5.00 P.M. of Dt.22.01.2024
8. Date of opening of bid : Dt.22.01.2024 at 05.30 P.M.
The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.
Sd./- Chief Engineer
Dhenkanal (R&B) Circle, Dhenkanal
OIPR-34132/11/0037/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-3697
OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR
Tender Call Notice No.H.O/P&C/EST-E-458/03/2022 Vol-IV 1066 Dated 10.01.2024
NOTICE INVITING TENDER THROUGH e-Procurement - 2nd
Bid Reference No. P&C/EST/E-175/2023-24
Name of the Work: "Construction for 9 Nos. of 450 mm dia NP3 Hume Pipe Culvert for acess to plot at MSME Park Kalinga Nagar, Dist-Jajpur.
Estimated Cost: Rs.20.24 lakhs (Approx.)
Period of Completion: 03 (Three) Calendar Months

Procurement Officer	Bid Identification No.	Availability of Tender Online for Bidding	
		From	To
1	2	3	4
Chief General Manager (P&C), IDCO, Idco Tower, Bhubaneswar	Bid Id No.PC/ES-T/E-175/ 2023-24	17.00 Hours of 19.01.2024	17.00 Hours of 03.02.2024

Further details can be seen from the e-Procurement Portal www.Tendersorissa.gov.in. and Corrigendum if any will not be published in newspapers and can only be seen in e-Procurement portal www.tenderorissa.gov.in and IDCO website www.idco.in.
Sd./-Chief General Manager(P&C)
IDCO, Bhubaneswar
OIPR-14003/11/0346/2324

OFFICE OF THE SUPERINTENDING ENGINEER RWS&S DIVISION, BALASORE
Tel: 06782-262249, Fax: 262931, email: eerwss_bls@nic.in, eerwssbls@gmail.com
NATIONAL COMPETITIVE BIDDING THROUGH e-Tendering
Identification No.38/2023-24 Dt.11.01.2024
No. O-2206:- The Superintending Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.
1. Nos. of Work : **1 No. RPWS Work**
2. Estimated cost : Rs.68.29 lakhs
3. Period of completion : 330 days
4. Availability of bid document in Portal : Dt. 16.01.2024 at 10.00 hours to 30.01.2024 upto 17.00 hours through online.
5. Seeking of Clarification : Dt.16.01.2024 at 10.00 hours to Dt.25.01.2024 upto 15.00 hours
6. Date of opening of Bid : Dt.31.01.2024 at 11.00 hours in the O/o EE, RWSS Division, Balasore
7. Name and address of the Officer inviting Tender : Superintending Engineer, RWS&S Division, Balasore
Bid Cost will be receipt through electronic payment by NEFT/RTGS.
Further details can be seen from the e-Procurement Portal: http://tendersodisha.gov.in
Sd./- SUPERINTENDING ENGINEER,
RWS&S DIVISION, BALASORE
OIPR-25013/11/0017/2324

ZILLA SWASTHYA SAMITI, NAYAGARH
OFFICE OF THE CDMO-CUM-DISTRICT MISSION DIRECTOR, NAYAGARH
NOTICE
Reference Adv. No. 16/2023-24 Date: 11.01.2024
No. E-737: Sealed tenders are invited from authorized firms/agencies for supply of MMDP Kits (i.e. Tub, Mug, Soap & Cotton Towel) for Morbidity Management of Lymphoedema Patients, Nayagarh District under ZSS, Nayagarh. The details are available in the district website: **www.nayagarh.nic.in**. The eligible bidders may submit their tender papers on or before 31.01.2024 by 05.00 P.M. through Registered Post/Speed Post/Courier only addressed to the undersigned. The Technical bids will be opened on 01.02.2024 at 11.30 A.M. in the DTU-1, O/o. the CDM & PHO, Nayagarh. The undersinged reserves the right to accept or reject any or all the quotations without assigning any reason thereof.
Sd./- CDM & PHO-cum-District Mission Director, Nayagarh
OIPR-10050/11/0005/2324

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଢେଙ୍କାନାଳ
ସଂଶୋଧିତ ବିଜ୍ଞାପନ
No.M-97:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗତ ତା.୧୦.୦୧.୨୦୨୪ରିଖ ଏବଂ ତା.୧୧.୦୧.୨୦୨୪ରିଖ ଦିନ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଢେଙ୍କାନାଳଙ୍କ ଦ୍ୱାରା ଖାଲିଥିବା ପରିଚାରକ (Attendant) (ଗ୍ରୁପ୍-D) ପଦବୀ ପ୍ରାଥମିକତା ଭିତ୍ତିରେ ଗୋମିତ୍ରମାନଙ୍କ ଦ୍ୱାରା ପୂରଣ କରିବା ପାଇଁ ଦୈନିକ ଖବରକାଗଜ (ସମୟ, ଧରିତ୍ରୀ)ରେ ପ୍ରକାଶିତ ହୋଇଥିବା ବିଜ୍ଞାପନରେ ଆବେଦନପତ୍ର ଗ୍ରହଣ ନିମନ୍ତେ ଶେଷ ତାରିଖ ପ୍ରକାଶିତ ହୋଇନଥିଲା କି ଆବେଦନ କରିବାପାଇଁ ଦରଖାସ୍ତ ଫର୍ମ ସଂଯୁକ୍ତ ହୋଇନଥିଲା । ଏହି ପଦବୀ ପାଇଁ ଆବେଦନପତ୍ର ଗ୍ରହଣ କରିବାର ଶେଷ ତାରିଖ ୦୧.୦୨.୨୦୨୪ । ନିର୍ଦ୍ଧାରିତ ଶେଷ ତାରିଖ ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
ବି.ଦ୍ର.:ଦୈନିକ ଖବରକାଗଜ (ସମୟ, ଧରିତ୍ରୀ)ରେ ପୂର୍ବରୁ ପ୍ରକାଶିତ ବିଜ୍ଞାପନର ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
ସଂଲଗ୍ନ-ଦରଖାସ୍ତ ଫର୍ମ
ସ୍ୱା./- ଡା.ଜୟରୁଧର ସାମଲ
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ଢେଙ୍କାନାଳ
ଦରଖାସ୍ତ ଫର୍ମ
ଫଟୋ ସଂଲଗ୍ନ କରାଯିବ
ପ୍ରାପ୍ତେଷୁ,
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ .....
୧) ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ :
୨) ପିତା/ସ୍ୱାମୀଙ୍କ ନାମ:
୩) ସ୍ଥାୟୀ ଠିକଣା ଗ୍ରାମ..... ପୋଷ୍ଟ.....
ଭାୟା.....ଜିଲ୍ଲା..... ପିନ୍.....
୪) ଯୋଗାଯୋଗ ଠିକଣା : ଗ୍ରାମ.....ପୋଷ୍ଟ.....
ଭାୟା..... ଜିଲ୍ଲା..... ପିନ୍.....
ମୋବାଇଲ ନମ୍ବର.....
୫) ଜାତୀୟତା :
୬) ଜନ୍ମ ତାରିଖ :
୭) ୦୧.୦୧.୨୦୨୩ ସୁଦ୍ଧା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ :
୮) ଶିକ୍ଷାଗତ ଯୋଗ୍ୟତା :
୯) ଉଚ୍ଚତା : ଛାତି ଅଣସଂପ୍ରସାରିତ:
୧୦) ଜାତି (SC/ST/GEN) :
୧୧) ବିବାହିତ/ ଅବିବାହିତ :
୧୨) ପୁରୁଷ/ସ୍ତ୍ରୀ
ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।
ସ୍ଥାନ:-
ତାରିଖ:- ଆବେଦନକାରୀଙ୍କ ସ୍ୱାକ୍ଷର
ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣପତ୍ର:-
୧) ଗେଜେଟେଡ୍ ଅଫିସରଙ୍କ ଦ୍ୱାରା ଆଗପଟେ ଆଟେଷ୍ଟେଡ ହୋଇଥିବା ଦୁଇଗୋଟି ବର୍ତ୍ତମାନର ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ହୋଇଥିବ । ତନ୍ମଧ୍ୟରୁ ଏକଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।
୨) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ଅବିକଳ ନକଲ ।
୩) ବୟସ ପ୍ରମାଣପତ୍ରର ଆଟେଷ୍ଟେଡ୍ କପି ।
୪) ସ୍ଥାନୀୟ ତହସିଲଦାରଙ୍କଠାରୁ ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ରର ଆଟେଷ୍ଟେଡ୍ କପି ।
୫) ବୈଧ ପରିଚୟପତ୍ରର ଆଟେଷ୍

ଅଳ୍ପ ବିଦ୍ୟା ଭୟଙ୍କରୀ

ଆଜିକାଲି ଘରେ ବସି ଖୁବ୍ ସହଜରେ ଇଣ୍ଟରନେଟ୍‌ରୁ ମିଳିପାରୁଛି ପ୍ରତ୍ୟେକ ବିଷୟରେ ସୂଚନା। ଯାହା ମଧ୍ୟରୁ କେତେକ ସୂଚନାରେ ରହୁଛି ଅଧା ସତ୍ୟ। ହେଲେ ଇଣ୍ଟରନେଟ୍‌ର ତଥ୍ୟକୁ ଅନ୍ଧଭାବେ ବିଶ୍ୱାସ କରୁଥିବା ଜନସାଧାରଣ ଏହି ସୂଚନାକୁ ହିଁ ସତ ବୋଲି ମାନି ନେଉଛନ୍ତି। ଫଳରେ ସମାଜରେ ଅନେକ ଭୁଲ୍ ତଥ୍ୟ ପ୍ରଚାରିତ ହେଉଛି।

ବର୍ତ୍ତମାନ ସମସ୍ତଙ୍କ ପାଖରେ ସମୟର ଅଭାବ। ଧୈର୍ଯ୍ୟର ସହିତ କୌଣସି କଥା ଶୁଣିବା, ପଢ଼ିବା ପାଇଁ ଯେମିତି କେହି ବି ପ୍ରସ୍ତୁତ ନାହାନ୍ତି। ସମସ୍ତଙ୍କୁ ଦରକାର ତତ୍‌କ୍ଷଣାତ୍ ସୂଚନା, ଆଉ ଯାହା ଘରେ ବସି ଖୁବ୍ ସହଜରେ ମିଳିଯାଉଛି ଇଣ୍ଟରନେଟ୍‌ରୁ। ହେଲେ ଏଥିରେ ମିଳୁଥିବା ପ୍ରତ୍ୟେକଟି ତଥ୍ୟ ଯେ ସମ୍ପୂର୍ଣ୍ଣ ଠିକ୍ ତା' କହିବା କଷ୍ଟ। କାରଣ ଇଣ୍ଟରନେଟ୍‌ରେ ବର୍ତ୍ତମାନ ବହୁ ସଂଖ୍ୟାରେ ଏଭଳି ୱେବ୍‌ସାଇଟ୍, ଚ୍ୟାନେଲ୍ ରହିଛି ; ଯେଉଁମାନେ ବିନା ଯାଞ୍ଚରେ ଖବର ପରିବେଷଣ କରୁଛନ୍ତି। ସେମାନଙ୍କ ଦ୍ୱାରା ମିଳୁଥିବା ଖବରରେ ଅନେକ ସମୟରେ ଅଧା ସତ୍ୟ ରହୁଥିବା ବେଳେ କେତେକ ଭୁଲ୍ ବି ରହୁଛି। ଫଳରେ ସମାଜରେ ନା କେବଳ ଅନେକ ଭୁଲ୍ କଥା ପ୍ରଚାରିତ ହେଉଛି ବରଂ ଏଥିପାଇଁ ଅନେକ ସମସ୍ୟା ମଧ୍ୟ ଉପୁଜୁଛି। ତେବେ ଏଭଳି ପରିସ୍ଥିତି କେତେକ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଅବଶ୍ୟକ...

ହଠାତ୍ କରନ୍ତୁନି ବିଶ୍ୱାସ: ସମୟ ଅଭାବରୁ ହେଉ ଅବା ଧୈର୍ଯ୍ୟ କମ୍ ହୋଇଥିବାରୁ ଅନେକେ ଅଧା କଥା ଶୁଣିଥାଆନ୍ତି। ଆଉ କେବେକେବେ ସାଙ୍ଗସାଥୀ, ପରିବାର କିମ୍ବା ପଡ଼ୋଶୀଙ୍କ ସହ କଥା ହେବା ବେଳେ ଏହି ଅଧା ସୂଚନା ଦେଇଥାଆନ୍ତି। ଫଳରେ ଅଧା ସତ୍ୟ କିମ୍ବା ଭୁଲ୍ ତଥ୍ୟ ପ୍ରଚାରିତ ହୁଏ। ହେଲେ ଇଣ୍ଟରନେଟ୍‌ର ବ୍ୟବହୃତଙ୍କ ସଂଖ୍ୟା ଖୁବ୍ ଅଧିକ ହୋଇଥିବାରୁ ଏଥିରେ ଏଭଳି କୌଣସି ଭୁଲ୍ ତଥ୍ୟ ବି ଅଧିକଙ୍କ ପାଖରେ ସହଜରେ ପହଞ୍ଚିଯାଏ। ତା'ଛଡ଼ା ନିଜ ଚ୍ୟାନେଲ୍‌ରୁ ଭ୍ୟୁ ବଢ଼ାଇ ଟଙ୍କା ରୋଜଗାର କରିବା ଆଳରେ ବି କେତେଜଣ ଏଭଳି କରୁଥିବାର ଦେଖିବାକୁ ମିଳୁଛି। ତେଣୁ ହଠାତ୍ କୌଣସି ତଥ୍ୟକୁ ବିଶ୍ୱାସ କରନ୍ତୁ ନାହିଁ। ସତ ଜାଣିବା ପାଇଁ ଏକାଧିକ ରେଜିଷ୍ଟର୍ଡ ନ୍ୟୁଜ୍ ସାଇଟ୍ କିମ୍ବା ଚ୍ୟାନେଲ୍‌ରୁ ତଥ୍ୟ ସଂଗ୍ରହ କରନ୍ତୁ।

ସ୍ୱାସ୍ଥ୍ୟ ସୂଚନା ପ୍ରତି ସତର୍କ ରୁହନ୍ତୁ: ବର୍ତ୍ତମାନ ଇଣ୍ଟରନେଟ୍‌ରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସୌନ୍ଦର୍ଯ୍ୟଜନିତ ସମସ୍ୟାର ଘରୋଇ ଉପଚାର ଉପଲବ୍ଧ। ଏହାକୁ ବିଶ୍ୱାସ କରି ଅନେକେ ତତ୍‌କ୍ଷଣାତ୍ ନିଜ ଉପଚାର ଆରମ୍ଭ କରିଦିଅନ୍ତି। କେବେକେବେ ଏହାର ସାଇଡ୍ ଇଫେକ୍ଟ ବା ପାର୍ଶ୍ୱ ପ୍ରତିକ୍ରିୟା ଜଟିଳ ରୂପ ନେଇଥାଏ। ଏହାର ଅର୍ଥ ନୁହେଁ ଯେ, ଇଣ୍ଟରନେଟ୍‌ରେ ସମସ୍ତ ତଥ୍ୟ ଭୁଲ୍, ହେଲେ କେତେକ ସାଇଟ୍‌ରେ ଏପରି ତଥ୍ୟ ଆସିଥାଏ। ତେଣୁ କୌଣସି ଅଜଣା ସାଇଟ୍‌ରୁ ଏଭଳି ତଥ୍ୟ ଦେଖିଲେ ତୁରନ୍ତ ବିଶ୍ୱାସ ନ କରି ଡାକ୍ତର କିମ୍ବା କୌଣସି ଏକ୍ସପର୍ଟଙ୍କ ପରାମର୍ଶ ନେଲେ ଭଲ।

ବଢ଼ୁଛି ଅପପ୍ରଚାର: ବର୍ତ୍ତମାନ ଇଣ୍ଟରନେଟ୍‌ରେ ବିଶେଷକରି ସୋସିଆଲ୍ ମିଡିଆରେ ଭାଇରାଲ୍ ଭିଡିଓର ଟ୍ରେଣ୍ଡ ଚାଲିଛି। ଯେଉଁଥିରେ ଅଧିକାଂଶ ଭିଡିଓ ଭୁଲ୍ ଅବା ପ୍ରାୟୋଜିତ। ତେଣୁ ଏଭଳି ଭିଡିଓ ବିଶେଷକରି କୌଣସି ବ୍ୟକ୍ତି ବିଶେଷ କିମ୍ବା ସମ୍ବେଦନଶୀଳ ଘଟଣାକୁ ନେଇ ଭିଡିଓ ଆପଣଙ୍କ ପାଖକୁ ଆସିଲେ ତୁରନ୍ତ ଅନ୍ୟମାନଙ୍କୁ ଫରୱାର୍ଡ କରନ୍ତୁ ନାହିଁ। କାରଣ ଏହାଦ୍ୱାରା ସମାଜରେ ଭୁଲ୍ ତଥ୍ୟର ଅପପ୍ରଚାର ହୋଇଥାଏ। ଆବଶ୍ୟକ ସ୍ଥଳେ ଜଣେ ସଚେତନ ନାଗରୀକ ଭାବେ ଏଭଳି ଆଇଡିକୁ ବ୍ଲକ୍ କରିଦିଅନ୍ତୁ, ଯେପରି ପୁନର୍ବାର ଏଭଳି ଭୁଲ୍ ଭିଡିଓ ନ ଆସେ ଏବଂ ଅନ୍ୟମାନଙ୍କୁ ଏଭଳି ପୋଷ୍ଟ ସେୟାର ନ କରିବାକୁ ପରାମର୍ଶ ଦିଅନ୍ତୁ।

ଏମାନେ କ'ଣ କୁହନ୍ତି

ପ୍ରିୟଙ୍କା

ପ୍ରିୟଙ୍କା ମନ୍ତ୍ରୀ (ଛାତ୍ରୀ, କେନ୍ଦ୍ରାପଡ଼ା)- ନିଜ ୱେବ୍‌ସାଇଟ୍, ଚ୍ୟାନେଲ୍ ଅବା ସଂସ୍ଥାର ଲାଭ ପାଇଁ ଜନସାଧାରଣଙ୍କୁ ବୋକା ବନାଇବା ଆଦୌ ଠିକ୍ ନୁହେଁ। ଏହାଦ୍ୱାରା ସମାଜରେ ଅନେକ ବ୍ୟକ୍ତିବିଶେଷ ଠକାମିର ଶିକାର ହେଉଛନ୍ତି। ଉଦାହରଣ ସ୍ୱରୂପ, ନବକଳେବର ସମୟରେ ଏକ ଶାଳଗ୍ରାମ ଫଟୋକୁ ବ୍ରହ୍ମଦାରୁ ଭାବେ ପ୍ରଚାର କରାଯାଇଥିଲା। ବିଶ୍ୱାସରେ ଲୋକ ଏହାକୁ ଦେଖିବା ସହ ଅନ୍ୟକୁ ଫରୱାର୍ଡ କରିଥିଲେ। ଫଳରେ ଏହି ଭୁଲ୍ ତଥ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଅଧିକ ଭ୍ୟୁ ମିଳିଲା ସତ, ହେଲେ ଲୋକଙ୍କ ଧର୍ମୀୟ ଭାବନାକୁ ଆଘାତ ପହଞ୍ଚିଲା। ସେହିପରି ଭ୍ୟୁ ବଢ଼ାଇବା ଲାଗି ଅନେକ ସମୟରେ କାଜଲ୍-ଅଜୟ ହୁଅନ୍ତୁ ଅବା ଐଶ୍ୱର୍ଯ୍ୟା- ଅଭିଷେକଙ୍କ ଭଳି ବଲିଉଡ୍‌ର ଚର୍ଚ୍ଚିତ ଦମ୍ପତିଙ୍କ ବିବାହ ବିଚ୍ଛେଦକୁ ନେଇ ଭୁଲ୍ ତଥ୍ୟ ପ୍ରଚାର କରୁଛନ୍ତି। ତେଣୁ ଏସବୁ ଖବର ସଂସ୍ଥା ଉପରେ ସରକାରୀ ଅଙ୍କୁଶ ଲାଗିବା ନିହାତି ଆବଶ୍ୟକ।

ସୁଧାଂଶୁ

ସୁଧାଂଶୁ ଶେଖର ସାମଲ (କଟକ)-ଆଜି କାଲି ଇଣ୍ଟରନେଟ୍‌ରେ ଅନେକ ଫେକ୍ ନ୍ୟୁଜ୍ ଆସୁଛି। ସତ କ'ଣ ମିଛ କ'ଣ ଜାଣିବା ଲୋକଙ୍କ ପାଇଁ ଅସୁବିଧା ହେଉଛି। ଏମିତିରେ ମୁଁ ଏଣୁ ତେଣୁ ଚ୍ୟାନେଲ୍ ବଦଳରେ ସବୁବେଳେ ପ୍ରତିଷ୍ଠିତ ନ୍ୟୁଜ୍ ଚ୍ୟାନେଲ୍ ଗୁଡିକର ଖବର ଉପରେ ଧ୍ୟାନ ଦିଏ। ଆଉ ମୋ ପାଖକୁ ଆସୁଥିବା କୌଣସି ପୋଷ୍ଟ, ଭିଡିଓ କିମ୍ବା ଖବର ଫେକ୍ ଜଣିପାରିଲେ ଅନ୍ୟମାନଙ୍କୁ ଏନେଇ ସତର୍କ କରେ ଏବଂ ଏହି ପୋଷ୍ଟକୁ ଫରୱାର୍ଡ ନ କରିବାକୁ ଅନୁରୋଧ କରେ। ମୋ ମତରେ ଯଦି ଏଭଳି ସଂସ୍ଥା, ବ୍ୟକ୍ତିବିଶେଷଙ୍କ ପାଇଁ ଖବର ପ୍ରସାରଣକୁ ନେଇ ଗାଇଡ୍ ଲାଇନ୍ ଏବଂ ଭୁଲ୍ ଖବର ପ୍ରଚାରକୁ ନେଇ ଦଣ୍ଡ ବ୍ୟବସ୍ଥା ଲାଗୁ ହୁଅନ୍ତା ତେବେ ଏଭଳି ସମସ୍ୟାକୁ ବହୁମାତ୍ରାରେ ନିୟନ୍ତ୍ରଣ କରାଯାଇପାରନ୍ତା।

ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ୍ ୟୁଥ୍ ଫେଷ୍ଟିଭାଲ୍ ୨୦୨୪ ..... ସହରରେ ଆୟୋଜନ କରାଯିବ ?
୨- ଭାରତର ପଡ଼ୋଶୀ ଦେଶ .....ଏହାର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍‌ରୁ ଏକ ବର୍ଷ ପର୍ଯ୍ୟନ୍ତ ଚାଇନିଜ୍ ରିସର୍ଚ୍ଚ ଭେଜେଲ୍ସ ବ୍ୟାନ୍ କରିଛି ?
୩- ଫ୍ରାନ୍ସର ନୂତନ ପ୍ରଧାନମନ୍ତ୍ରୀଙ୍କ ନାମ ..... ?
୪- ଓ୍ୱାନ୍ ଇଣ୍ଡିଆନ୍ ଗର୍ଲ ପୁସ୍ତକର ଲେଖକ ..... ?
୫- ଇଣ୍ଡଷ୍ଟ୍ରିଆଲ୍ ସିକ୍ୟୁରିଟି ଫୋର୍ସର ପ୍ରଥମ ମହିଳା ମୁଖ୍ୟ ..... ?

ଗତ ସପ୍ତାହର ଉତ୍ତର

୧ ବେଜିଂ
୨ ଡିସେମ୍ବର ୭
୩ ଇଂଲଣ୍ଡ
୪ ଶୁଭ୍ରା ଗୁପ୍ତା
୫ ସି. କେ. ନାଉଡୁ

ଉତ୍ତରଦାତା

ରଞ୍ଜିତ୍ ମିଶ୍ର
ବଲାଙ୍ଗୀର

ସନ୍ତୋଷ କୁମାର ବିଶ୍ୱାଳ
ଭୁବନେଶ୍ୱର

ବିକାଶ ରଞ୍ଜନ ଦାସ, ଜଗତ୍‌ସିଂହପୁର

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ଗପ୍ / ୧୦

ସର୍ବାଧିକ ହୀରା ଉତ୍ପାଦନକାରୀ ଦେଶ

୧- ରୁଷିଆ..... ୪୧,୯୨୩,୯୧୦ କ୍ୟାରେଟ୍
୨- ବୋସ୍ୱାନା..... ୨୪,୭୫୨,୯୬୭ କ୍ୟାରେଟ୍
୩- କାନାଡ଼ା ..... ୧୬, ୨୪୯,୨୧୮ କ୍ୟାରେଟ୍
୪- ଡିଆର୍‌ସି ..... ୯,୯୦୮,୯୯୮ କ୍ୟାରେଟ୍
୫- ସାଉଥ୍ ଆଫ୍ରିକା ... ୯,୬୬୦,୨୩୩ କ୍ୟାରେଟ୍
୬- ଆଙ୍ଗୋଲା ..... ୮,୭୬୩, ୩୦୯ କ୍ୟାରେଟ୍
୭- ଜିମ୍ବାୱେ ..... ୪,୪୬୧,୪୫୦ କ୍ୟାରେଟ୍
୮- ନାମିବ୍ୟା..... ୨,୦୫୪,୨୨୭ କ୍ୟାରେଟ୍
୯- ଲେସୋଥୋ ..... ୭୨୭,୭୩୭ କ୍ୟାରେଟ୍
୧୦- ସିରା ଲିଓନ୍ ..... ୬୮୮, ୯୭୦ କ୍ୟାରେଟ୍

ୟୁଥ୍ ଆଲର୍ଟ

ତ୍ୱଚା ପାଇଁ ହାନିକାରକ ଆଲ୍‌କହଲ୍

ଆଲ୍‌କହଲ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏକଥା ଜାଣିଥିଲେ ସୁଦ୍ଧା ଏଥିପ୍ରତି ଅଧିକାଂଶ ସଚେତନ ନାହାନ୍ତି। ତେବେ ଆପଣ ଜାଣନ୍ତି କି, ଏହା ନା କେବଳ କ୍ୟାନ୍‌ସର, ହୃଦ୍‌ରୋଗ ଏବଂ ଅନ୍ୟାନ୍ୟ ଘାତକ ରୋଗର ଆଶଙ୍କା ବୃଦ୍ଧି କରିଥାଏ ବରଂ ତ୍ୱଚା ପାଇଁ ମଧ୍ୟ ଏହା କ୍ଷତିକାରକ...

⏭ୱାର୍ଲ୍ଡ ହେଲଥ ଅର୍ଗାନାଇଜେଶନ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ମଦର ଏକ ବୁନ୍ଦା ବି ଶରୀର ପାଇଁ ଉପକାରୀ ନୁହେଁ। ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏହାକୁ ଅଧିକ ପିଇବା ଦ୍ୱାରା ଡିହାଇଡ୍ରେଶନ୍ ହୋଇଥାଏ। ଫଳରେ ତ୍ୱଚା କୁଣ୍ଡେଇ ହେବା, ଆଲର୍ଜି ଭଳି ସମସ୍ୟା ଦେଖାଦେଇଥାଏ।

⏭ଆଲ୍‌କହଲ ପିଇବା ଯୋଗୁ ଅନେକଙ୍କ ତ୍ୱଚାରେ ଲାଲ୍ ଫଳିଯିବା, ଆଖିତଳ କଳା ପଡ଼ିବା, ମୁହଁ ଫୁଲିଯିବା ଭଳି ଲକ୍ଷଣ ଦେଖାଦିଏ।

⏭ଅଧିକ ଆଲ୍‌କହଲ୍ ପିଉଥିବା ବ୍ୟକ୍ତିଙ୍କ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଫଳରେ ତ୍ୱଚାରେ ସହଜରେ ବିଭିନ୍ନ ରୋଗ ସଂକ୍ରମଣ ହୋଇଥାଏ। କେବଳ ଏତିକି ନୁହେଁ, ଏମାନଙ୍କ ତ୍ୱଚା ଅଧିକ ସମ୍ବେଦନଶୀଳ (ସେନ୍‌ସିଟିଭ୍) ଥିବାରୁ କ୍ୟାନ୍‌ସର ଆଶଙ୍କା ବଢ଼ିଯାଏ।

⏭ଏମାନଙ୍କ ଠାରେ ଅଧିକାଂଶ ସମୟରେ ହାଇବ୍ଲଡ୍‌ପ୍ରେସର ଏବଂ ନିଦ୍ରାହୀନତା ସମସ୍ୟା ଦେଖାଦେଇ ଥାଏ। ଅପରପକ୍ଷେ କମ୍ ଶୋଇବା କାରଣରୁ ଆଖିତଳେ ଡାର୍କ ସର୍କଲ, ଏଜ୍ ଲାଇନ୍, ରିଙ୍କଲ୍ ମାର୍କ, ସ୍କିନ୍ ଟୋନ୍ ଡାର୍କ ହେବା ଭଳି ସମସ୍ୟା ଦେଖାଦିଏ।

⏭ଆଲ୍‌କହଲ୍ ଶରୀରରେ ଅଧିକ ହିଷ୍ଟାମାଇନ୍ ନିର୍ଗତ କରିଥାଏ। ତେଣୁ ତ୍ୱଚାର ତଳଭାଗରେ ଥିବା ବ୍ଲଡ୍ ଭେଜେଲ୍ ଫୁଲିଯାଇଥାଏ। ଫଳରେ ମୁହଁ ଓ ପୂରା ଶରୀର ମୋଟା ଦେଖାଯାଏ।

ଜାଣନ୍ତୁ ଦୁନିଆ

ରହସ୍ୟମୟ ସ୍ଥାନ

ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠାରେ ଏଭଳି କିଛି ଘଟଣା ଦେଖିବାକୁ ମିଳେ ; ଯାହାକି ଏବେବି ରହସ୍ୟମୟ। ବହୁ ଗବେଷଣା ପରେ ମଧ୍ୟ ଉକ୍ତ ସ୍ଥାନ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଜାଣିବା ସେମିତି କେତେକ ସ୍ଥାନ ବିଷୟରେ...

ଯେଉଁଠି ପଥର ଚାଲେ: କାଲିଫର୍ନିଆ ଏବଂ ନେଭାଡା ସୀମାରେଖାକୁ ଲାଗି ରହିଥିବା ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କରେ ଚାଲେ ପଥର। ଏକଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହୋଇଯିବ। ହେଲେ ଆପଣ ଜାଣନ୍ତି କି, ଏହି ପାର୍କରେ ରହିଛି ଏକ ଶୁଖିଲା ହ୍ରଦ। ଏହାକୁ କୁହାଯାଏ ରେସ୍‌ଟ୍ରାକ୍ ପ୍ଲାୟା। ଏଠାରେ ଛୋଟ ଛୋଟ ପଥରରୁ ଆରମ୍ଭ କରି ପ୍ରାୟ ୧୦୦ ପାଉଣ୍ଡରୁ ଅଧିକ ଓଜନ ବିଶିଷ୍ଟ ପଥର ହ୍ରଦର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ଶହ ଶହ ମିଟର ଦୂର ଆପେ ଆପେ ଘୁଞ୍ଚି ଘୁଞ୍ଚି ଯାଉଥିବା ଦେଖିବାକୁ ମିଳେ। ତେବେ କେତେକ ବୈଜ୍ଞାନିକ ସେଠାରେ ଅଧିକ ପବନ ବହିବା ଫଳରେ ଏପରି ହେଉଛି ବୋଲି ଅନୁମାନ କରୁଥିବା ବେଳେ ଏହା ପଛର ପ୍ରକୃତ ତଥ୍ୟ ଏଯାଏଁ ଜଣାପଡ଼ିନାହିଁ। ଯଦିଓ ପଥର ଘୁଞ୍ଚୁଥିବା ବେଳେ କେହି ଏହାକୁ ଦେଖିନାହାନ୍ତି, ହେଲେ ଘୁଞ୍ଚିବା ଦ୍ୱାରା ମାଟିରେ ହେଉଥିବା ଦାଗରୁ ଏହା ଜଣାଯାଏ।

ଗୁମ୍ଫାରେ ଜଳେ ନିଆଁ: ଆମେରିକାର ନ୍ୟୁୟର୍କ ସହରରେ ରହିଛି ଚେଷ୍ଟନଟ୍ ରିଜ୍ ପାର୍କ। ଏଠାରେ ରହିଛି ଏକ ଛୋଟ ଝରଣା। ଯାହା ତଳକୁ ଏକ ଗୁମ୍ଫା ରହିଛି, ଯେଉଁଠାରେ ଅହ ରହ ନିଆଁ ଜଳୁଥିବାର ଦେଖିବାକୁ ମିଳେ, ଯାହାର ନାମ ରହିଛି ଏଟର୍ନାଲ୍ ଫ୍ଲେମ୍ ଫଲ୍ସ। ସେଠାରେ ପ୍ରାକୃତିକ ଉପାୟରେ ମିଥେନ୍ ଗ୍ୟାସ୍ ପ୍ରସ୍ତୁତ ହେଉଥିବାରୁ ନିଆଁ ଜଳୁଥିବା ଅନେକ ବୈଜ୍ଞାନିକ ମତ ଦେଉଥିଲେ ବି ଏହାର ପ୍ରକୃତ କାରଣ ଏବେବି ରହସ୍ୟମୟ।

ସମୁଦ୍ର କୂଳରେ ଗଦା ଗଦା ଅଣ୍ଡା: ନ୍ୟୁଜିଲାଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଗୁଡିକ ମଧ୍ୟରେ ରହିଛି ଡ୍ରାଗନ୍ ଏଗ୍ ବିଚ୍। ଏହାର ନାମ ଏପରି ହେବାର କାରଣ ଏହି ବେଳାଭୂମୀରେ ଥିବା ବହୁ ସଂଖ୍ୟାରେ ଗୋଲାକାର ପଥର ଯାହାକି ଡ୍ରାଗନ ଭଳି କୌଣସି ବଡ ଜୀବ ଅଣ୍ଡାର ଭ୍ରମ ସୃଷ୍ଟି କରେ। ତା'ଛଡା ଏହି ପଥରଗୁଡିକରେ ଥିବା ବହୁସଂଖ୍ୟାରେ ଫାଟ ଅଣ୍ଡାରୁ ଛୁଆ ଫୁଟି ବାହାରିବା ଭଳି ଦେଖାଯାଇଥାଏ। ତେବେ ଏହି ପଥର ୬୦ ମିଲିୟନ ବର୍ଷ ପୁରୁଣା ବୋଲି ଅନୁମାନ କରାଯାଏ। ଏହି ବେଳାଭୂମୀର ନିଆରା ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ଏଠାରେ ନା କେବଳ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ ଜମେ ବରଂ ଅନେକ ଚଳଚ୍ଚିତ୍ର ମଧ୍ୟ ଦୃଶ୍ୟାୟନ କରାଯାଇଛି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ଜାନୁଆରୀ ୧୪/୨୦୨୪ Bhubaneswar, Sunday, January 14/ 2024

ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

ଟ୍ରଫି ସହ ଚାମ୍ପିୟନ ଗୁଜରାଟ ଜାଏଣ୍ଟ୍ସ । (ଫଟୋ: ରାଜକିଶୋର ମହାନ୍ତି)

ଅଲ୍‌ଟିମେଟ୍ ଖୋ ଖୋ

ଗୁଜରାଟ ଜାଏଣ୍ଟ୍ସ ଚାମ୍ପିୟନ

ତୃତୀୟ ସ୍ଥାନରେ ଜଗରନଟ୍ସ

ଭୁବନେଶ୍ୱର,୧୩।୧(ସରୋଜ କେନା)

କଟକର ଜବାହାର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ଅଲ୍‌ଟିମେଟ୍ ଖୋ ଖୋର ଦ୍ୱିତୀୟ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି । ଗୁଜରାଟ ଜାଏଣ୍ଟ୍ସ ୩୧-୨୬ ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ତୃତୀୟ ସ୍ଥାନ ହାସଲ କରିଛି । ପ୍ଲେ ଅଫ୍ ମ୍ୟାଚରେ ତେଲୁଗୁ ଯୋଦ୍ଧାସକୁ ୩୨-୨୪ରେ ପରାସ୍ତ କରିଛି ଓଡ଼ିଶା ଜଗରନଟ୍ସ । ଶନିବାର ଯୋଦ୍ଧାସ ଟସ୍ ଜିତି ଆଟାକ୍ କରିଥିଲା । ପ୍ରଥମ ଇନିଂସରେ ଯୋଦ୍ଧାସ୍ ୧୦ ପଏଣ୍ଟ ସ୍କୋର କରିଥିବା ବେଳେ ଜଗରନଟ୍ସ ୩ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିଲା । ଦ୍ୱିତୀୟ ଟର୍ନରେ ଓଡ଼ିଶା ୧୬ ପଏଣ୍ଟ ଅର୍ଜନ କରିଥିବା ବେଳେ ଯୋଦ୍ଧାସ ମାତ୍ର ୩ ପଏଣ୍ଟ ପାଇଥିଲା । ପ୍ରଥମ ଇନିଂସ ସୁଦ୍ଧା ଜଗରନଟ୍ସ ୩ ପଏଣ୍ଟରେ ଆଗୁଆ ରହିଥିଲା । ଦ୍ୱିତୀୟ ଇନିଂସର ପ୍ରଥମ ଟର୍ନରେ ଓଡ଼ିଶା ୪ ଡ୍ରିମ୍ ରନ୍ ପଏଣ୍ଟ ହାସଲ କରିଥିବା ବେଳେ ଯୋଦ୍ଧାସ ୧୦ ପଏଣ୍ଟ ସ୍କୋର କରିଥିଲା । ଅନ୍ତିମ ଟର୍ନକୁ ଯିବା ପୂର୍ବରୁ ଓଡ଼ିଶା ମାତ୍ର ୨ ପଏଣ୍ଟରେ ପଛୁଆ ରହିଥିଲା । ଶେଷ ଟର୍ନରେ ଓଡ଼ିଶା ୧୦ ପଏଣ୍ଟ ହାସଲ କରିବା ସହିତ ୩୨-୨୪ରେ ବିଜୟୀ ହୋଇଥିଲା । ସେହିପରି ଫାଇନାଲ ମ୍ୟାଚ୍‌ରେ ଗୁଜରାଟ ଜାଏଣ୍ଟ୍ସ ଚମତ୍କାର ପ୍ରଦର୍ଶନ କରିଥିଲା । ପ୍ରଥମ ଇନିଂସର ପ୍ରଥମ ଟର୍ନରେ ଗୁଜରାଟ ଆଟାକ୍ କରି ୧୨ ପଏଣ୍ଟ ହାସଲ କରିଥିଲା । ଦ୍ୱିତୀୟ ଟର୍ନରେ ଗୁଜରାଟ ଦଳ ଡିଫେଣ୍ଡ କରି ୫ ପଏଣ୍ଟର ଡ୍ରିମ୍ ରନ୍ ହାସଲ କରିଥିଲା । ଫଳରେ ପ୍ରଥମ ଇନିଂସ ଶେଷ ସୁଦ୍ଧା ଦଳ ୧୨ ପଏଣ୍ଟରେ ଆଗୁଆ ରହିଥିଲା । ଟର୍ନ ୩ରେ ଗୁଜରାଟ ଆଟାକ୍ କରିବା ସହିତ ଏହାର ଅଗ୍ରଣୀକୁ ୧୯ ପଏଣ୍ଟରେ ପହଞ୍ଚାଇଥିଲା । ଅନ୍ତିମ ଟର୍ନରେ ଚେନ୍ନାଇ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୬ ପଏଣ୍ଟ ଅର୍ଜନ କରିଥିଲେ ହେଁ ଜିତି ପାରି ନ ଥିଲା । ଜାଏଣ୍ଟ୍ସ ଡିଫେଣ୍ଡର ୨ଟି ଡ୍ରିମ୍ ରନ୍ ହାସଲ କରିଥିଲେ । ପୁରୀ ଏମ୍‌ପି ପିନାକୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଲ୍‌ଟିମେଟ୍ ଖୋ ଖୋ ଲିଗ୍ ସିଇଓ ତେନ୍‌ଜିଂ ନିଓଗି ଓ ଖୋ ଖୋ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ଉପସ୍ଥିତ ଥିଲେ ।

୧୮ ପଦକ ସହ ମଧ୍ୟପ୍ରଦେଶ ଚାମ୍ପିୟନ

ବିର୍ ଗେମ୍ସ ୨୦୨୪

ନୂଆଦିଲ୍ଲୀ,୧୩।୧

ଡିଉରେ ଅନୁଷ୍ଠିତ ପ୍ରଥମ ବିର୍ ଗେମ୍ସରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମଧ୍ୟପ୍ରଦେଶ । ଡିଉର ବ୍ଲୁ ଫ୍ଲାଗ୍ ଘୋଘଲା ବିର୍‌ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ତେବେ ଆଶ୍ଚର୍ଯ୍ୟଜନକ ଭାବରେ ଗୋଟିଏ ବି ସମୁଦ୍ର ନ ଥିବା ମଧ୍ୟପ୍ରଦେଶ ୧୮ ପଦକ ସହ ଦଳଗତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି । ଏହା ମଧ୍ୟରେ ୭ ସ୍ୱର୍ଣ୍ଣ ପଦକ ସାମିଲ ରହିଛି । ୩ ସ୍ୱର୍ଣ୍ଣ ପଦକ ସହ ମହାରାଷ୍ଟ୍ର ସମୁଦାୟ ୧୪ ପଦକ ହାସଲ କରିଥିଲା । ଅନ୍ୟପକ୍ଷରେ ତାମିଲନାଡୁ, ଉତ୍ତରାଖଣ୍ଡ ଓ ଆୟୋଜକ ଦାଦ୍ରାନଗର ହାବେଲି, ଡିଉ ୧୨ଟି ଲେଖାଏ ପଦକ ହାସଲ କରିଥିଲେ । ୮ ପଦକ ହାସଲ କରିଥିବା ଆସାମ ୫ଟି ସ୍ୱର୍ଣ୍ଣ ହାତେଇଥିଲା । ବିର୍ ସକରରେ ଲାକ୍ଷାଦ୍ୱୀପ ୫-୪ ଗୋଲରେ ମହାରାଷ୍ଟ୍ରକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା । ଏହା କୌଣସି ଜାତୀୟ ଇଭେଣ୍ଟରେ ଲାକ୍ଷାଦ୍ୱୀପର ଐତିହାସିକ ପ୍ରଦର୍ଶନ । ଜାନୁୟାରୀ ୪-୧୧ ମଧ୍ୟରେ ଖେଳା ଯାଇଥିବା ଏହି ଟୁର୍ନାମେଣ୍ଟରେ ୨୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨୧ ବର୍ଷରୁ କମ୍ ବୟସର ୧୪୦୪ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ । ୨୦୫ ଜଣ ଅଫିସିଆଲ ଏହି ଗେମ୍‌ର ପରିଚାଳନା କରିଥିଲେ । ପ୍ରତ୍ୟେକ ଦିନ ଦୁଇଟି ସେସନ୍‌ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ସେହିପରି ପ୍ରଥମ ଥର ଆୟୋଜିତ ଏହି ଟୁର୍ନାମେଣ୍ଟ ଦର୍ଶକଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ଆଣି ଦେଇଥିଲା । ବିର୍ ସ୍ୱିମିଙ୍ଗ, ମାର୍ସିଆଲ ଆର୍ଟ ପେନ୍‌ଚାକ ସିଲାଟ, ମଲ୍ଲଖମ୍ବ, ବିର୍ ଭଲିବଲ୍, ବିର୍ କବାଡି, ବିର୍ ସକର ଓ ପ୍ରଥମ ଥର ଅନ୍ତର୍ଭୁକ୍ତ କରାଯାଇଥିବା ବିର୍ ବକ୍ସିଂ ଦର୍ଶକଙ୍କୁ ଆମୋଦିତ କରିଥିଲା ।

ପ୍ରଥମ ଥର ଆୟୋଜିତ ଏହି ଟୁର୍ନାମେଣ୍ଟକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ବେଶ୍ ପସନ୍ଦ କରିଥିଲେ । ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ ଏହି ଟୁର୍ନାମେଣ୍ଟର ପ୍ରଶଂସା କରିଥିଲେ । ଆଥ୍‌ଲେଟମାନଙ୍କ ଏନର୍ଜି ଓ ଡିଉର ସୁନ୍ଦରତା ଏଭଳି ଏକ ମାହୋଲ ସୃଷ୍ଟି କରିଥିଲା ; ଯାହା ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା ବୋଲି ଲେଖିଥିଲେ ଠାକୁର । ଭାରତର ବିର୍‌ଗୁଡ଼ିକୁ ବିକଶିତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନାକୁ ଫଳପ୍ରସୂ କରିବାରେ ଡିଉ ୨୦୨୪ ବିର୍ ଗେମ୍ସ ଏକ ବଳିଷ୍ଠ ମାଧ୍ୟମ ।

ଭାରତ-ଆଫ୍‌ଗାନିସ୍ତାନ ଦ୍ୱିତୀୟ ଟି୨୦

ଇନ୍ଦୋର, ୧୩।୧ : ସ୍ଥାନୀୟ ହୋଲକର ଷ୍ଟାଡିୟମରେ ଭ୍ରମଣକାରୀ ଆଫ୍‌ଗାନିସ୍ତାନ ଓ ଭାରତ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ । ମୋହାଲିଠାରେ ଅନୁଷ୍ଠିତ ପ୍ରଥମ ଟି୨୦ ମ୍ୟାଚ ଜିତି ଘରୋଇ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୦ରେ ଅଗ୍ରଣୀ ଲାଭ କରିଛି । ରବିବାର ମ୍ୟାଚ ଜିତି ଭାରତ ସିରିଜକୁ ଆଗୁଆ କବ୍‌ଜା କରି ନେବାକୁ ଚାହିଁବ । ଅନ୍ୟପକ୍ଷରେ ଆଗକୁ ଟି୨୦ ବିଶ୍ୱକପ୍ ରହିଥିବାରୁ ପ୍ରଭାବୀ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ ଜିତେଶ ଶର୍ମା, ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲଙ୍କ ଭଳି ଖେଳାଳି । କାରଣ ଜୁନ୍‌ରେ ବିଶ୍ୱକପ୍ ପୂର୍ବରୁ ଭାରତର ଏହା ହେଉଛି ଶେଷ ଟି୨୦ ସିରିଜ । ଏହି ମ୍ୟାଚ୍ ଜିତି ଭାରତ ସିରିଜ୍ ଜିତବାକୁ ପ୍ରୟାସ କରିବ ।

ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ
ସାତ୍ୱିକ-ଚିରାଗ ଯୋଡ଼ି ଫାଇନାଲରେ

କୁଆଲାଲମ୍ପୁର, ୧୩।୧ (ପି.ଟି.): ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି । ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଥିବା ବିଶ୍ୱର ୨ ନମ୍ବର ଏହି ଭାରତୀୟ ଯୋଡ଼ି କୋରିଆର କାଙ୍ଗ୍ ମିନ୍ ହ୍ୟୁକ୍ ଓ ସିଓ ସିଅଙ୍ଗ ଜାଇଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରିଛନ୍ତି । ଏହି ସେମିଫାଇନାଲ ମ୍ୟାଚ ୪୫ ମିନିଟରେ ଶେଷ ହୋଇଥିଲା । ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲେ ।

ଶୁଟର ବିଜୟବୀରଙ୍କୁ ଅଲିମ୍ପିକ କୋଟା

ଜାକର୍ତ୍ତା, ୧୩।୧ (ପି.ଟି.): ଭାରତୀୟ ଶୁଟର ବିଜୟବୀର ସିଦ୍ଧୁ ଏଠାରେ ଚାଲିଥିବା ଏସିଆ ଅଲିମ୍ପିକ କ୍ୱାଲିଫାୟର୍ସ ପୁରୁଷ ୨୫ ମିଟର ରାପିଡ୍-ଫାୟାର ଇଭେଣ୍ଟରେ ଏକ ରୌପ୍ୟ ପଦକ ଜିତିଛନ୍ତି । ଏଥିସହିତ ସେ ଦେଶ ପାଇଁ ୧୭ତମ କୋଟା ହାସଲ କରିଛନ୍ତି । ଗତବର୍ଷ ହାଙ୍ଗଝୋ ଏସିଆନ ଗେମ୍ସରେ ଟିମ୍ ବ୍ରୋଞ୍ଜ ଜିତିଥିବା ଏହି ଶୁଟର ବର୍ତ୍ତମାନ ତାଙ୍କ ସିନିୟର ଟିମ୍‌ମେଟ୍ ଅନିଶ ଭାନୱାଲାଙ୍କ ସହ ଯୋଗ ଦେଇଛନ୍ତି । ପ୍ୟାରିସ ଗେମ୍ସ ପାଇଁ କୋଟା ହାସଲ କରିବା ଲାଗି ବିଜୟବୀରଙ୍କୁ ପଦକ ପାଇଁ ଅପେକ୍ଷା କରିବାକୁ ପଡ଼ି ନ ଥିଲା । ୫୭୭ ଅଙ୍କ ସ୍କୋର ସହ ଚତୁର୍ଥ ସ୍ଥାନ ଅଧିକାର କରି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବା ପରଠାରୁ କୋଟା ହାସଲ କରିସାରିଛନ୍ତି ।

ଜାତୀୟ ପାରା ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ୯ ପଦକ
ଜୟନ୍ତୀ ଶ୍ରେଷ୍ଠ ମହିଳା ଖେଳାଳି

ଭୁବନେଶ୍ୱର,୧୩।୧(ସରୋଜ କେନା)

ଗୋଆର ପଣଜୀରେ ଅନୁଷ୍ଠିତ ୨୨ତମ ଜାତୀୟ ପାରା ଆଥ୍‌ଲେଟିକ ଚାମ୍ପିୟନଶିପ -୨୦୨୪ ଶନିବାର ଉଦ୍‌ଯାପିତ ହୋଇଛି । ସମୁଦାୟ ୯ ପଦକ ସହ ଓଡ଼ିଶା ଏହାର ଅଭିଯାନ ଶେଷ କରିଛି । ଅନ୍ତିମ ଦିନରେ ଓଡ଼ିଶା ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିଲା । ଜୟନ୍ତୀ ବେହେରା ଚମତ୍କାର ପ୍ରଦର୍ଶନ କରି ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ରେ ୩ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହା ସହ ସେ ଟୁର୍ନାମେଣ୍ଟର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି । ଜାଭେଲିନ୍ ଏଫ୍ ୫୫ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁଚିତ୍ରା ପରିଡା ୧୬.୯୯ ମିଟରର ଥ୍ରୋ କରି ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅନ୍ୟତମ ଓଡ଼ିଆ ଆଥଲେ ଗୁମଡା ବାର୍ଲା ୫ ହଜାର ମିଟର ହୁଇଲ୍ ଚେୟାର ରନିଂରେ ୧୯:୫୦.୮୫ ସେକେଣ୍ଡର ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ ।

ଜୟନ୍ତୀ ବେହେରା

ସୁଚିତ୍ରା ପରିଡା

ଏସିଆନ୍ ଏଏଫ୍‌ସି କପ୍
ଅଷ୍ଟ୍ରେଲିଆ ନିକଟରୁ ହାରିଲା ଭାରତ

କାତାର,୧୩।୧: କାତାରରେ ଅନୁଷ୍ଠିତ ଏସିଆନ୍ ଏଏଫ୍‌ସି କପ୍‌ରେ ଅଷ୍ଟ୍ରେଲିଆ ନିକଟରୁ ୨-୦ରେ ପରାଜିତ ହୋଇଛି ଭାରତ । ଅଷ୍ଟ୍ରେଲିଆ ପକ୍ଷରୁ ଜ୍ୟାକ୍‌ସନ ଇର୍ଭିନ୍(୫୦) ଓ ଜୋର୍ଡାନ ବସ୍ (୭୩)ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ଅହମଦ୍ ବିନ୍ ଅଲୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୨୫ ନମ୍ବର ସ୍ଥାନରେ ଥିବା ଅଷ୍ଟ୍ରେଲିଆକୁ କଡା ଟକ୍କର ଦେଇଥିଲେ ମଧ୍ୟ ପରାଜିତ ହୋଇଛି ଭାରତ । ମ୍ୟାଚ୍‌ରେ ଭାରତ ୪-୨-୩-୧ କମ୍ବିନେଶନ ସହିତ ଓହ୍ଲାଇଥିଲା । ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ୧୮ ତାରିଖରେ ଭେଟିବ ।

କିଶୋର, ବିଜୟ ପାଇବେ ଓସ୍‌ଜା ପୁରସ୍କାର

ଭୁବନେଶ୍ୱର, ୧୩।୧ (ବିଜୟ ରଣା)

କିଶୋର କୁମାର ଜେନା

ବିଜୟ କୁମାର ଶତପଥୀ

- କିଶୋର ଶ୍ରେଷ୍ଠ କ୍ରୀଡ଼ାବିତ
- ବିଜୟଙ୍କୁ ଜୀବନ ବ୍ୟାପୀ ସାଧନା ପୁରସ୍କାର

ହାଙ୍ଗଝୋ ଏସୀୟ କ୍ରୀଡ଼ାରେ ରୌପ୍ୟ ବିଜେତା ଜାଭେଲିନ୍ ଫିଙ୍ଗାଳି କିଶୋର କୁମାର ଜେନା ଏବଂ ଅର୍ଜୁନ ବିଜେତା ପୂର୍ବତନ ଭାରୋତ୍ତୋଳକ ତଥା ଭଟେରାନ ପ୍ରଶିକ୍ଷକ ବିଜୟ କୁମାର ଶତପଥୀ ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ପ୍ରତିବର୍ଷ ଓସ୍‌ଜା ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି । କିଶୋର ଚଳିତବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ବିଜୟ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ ହେବେ । ପୁରସ୍କାର ସ୍ୱରୂପ ଉଭୟଙ୍କୁ ମାନପତ୍ର, ଉପଢ଼ୌକନ ଏବଂ ଆର୍ଥିକ ରାଶି ପ୍ରଦାନ କରାଯିବ । ଆସନ୍ତା ୧୭ ତାରିଖରେ ପୁରସ୍କାର ସମାରୋହ ଅନୁଷ୍ଠିତ ହେବ । ୨୦୨୩ ଜାତୀୟ ପାରା ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ୯ ପଦକ ସହ ଓଡ଼ିଶା ଏହାର ଅଭିଯାନ ଶେଷ କରିଛି । ଅନ୍ତିମ ଦିନରେ ଓଡ଼ିଶା ୪ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଥିଲା । ଜୟନ୍ତୀ ବେହେରା ଚମତ୍କାର ପ୍ରଦର୍ଶନ କରି ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ରେ ୩ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ଏହା ସହ ସେ ଟୁର୍ନାମେଣ୍ଟର ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଛନ୍ତି । ଜାଭେଲିନ୍ ଏଫ୍ ୫୫ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁଚିତ୍ରା ପରିଡା ୧୬.୯୯ ମିଟରର ଥ୍ରୋ କରି ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଅନ୍ୟତମ ଓଡ଼ିଆ ଆଥଲେ ଗୁମଡା ବାର୍ଲା ୫ ହଜାର ମିଟର ହୁଇଲ୍ ଚେୟାର ରନିଂରେ ୧୯:୫୦.୮୫ ସେକେଣ୍ଡର ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲେ ।

ଭେଟେରାନ କୋଚ୍ ବିଜୟ ଶତପଥୀ ଖେଳ ଜୀବନରେ ଜିତିଥିଲେ ୫ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପଦକ । ୧୯୮୧ ମିନି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ, ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୧୯୮୧ ଓ ୧୯୮୩ ଏସିଆନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏଁ ବ୍ରୋଞ୍ଜ ଏବଂ ୧୯୯୦ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ ପଦକ ଜିତିଥିଲେ । ୧୯୮୧ ମସିହାରେ ବିଜୟଙ୍କୁ ମିଳିଥିଲା ଅର୍ଜୁନ ପୁରସ୍କାର । ଖେଳ ଛାଡ଼ିବା ପରେ ସେ ପ୍ରଶିକ୍ଷଣ ଜୀବନକୁ ଆପଣେଇ ନେଇଥିଲେ ।

ଦୃଢ଼ ସ୍ଥିତିରେ ଓଡ଼ିଶା

ଶୁଭ୍ରାଂଶୁ ସେନାପତିଙ୍କ ଦ୍ୱିଶତକ

ଭୁବନେଶ୍ୱର,୧୩।୧(ସରୋଜ କେନା)

ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦ୍ୱିଶତକ ହାସଲ କରିଛନ୍ତି ପୂର୍ବତନ ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତି । ପଦାର୍ପଣକାରୀ ହର୍ଷିତ ରାଠୋଡ୍‌ଙ୍କ ସହିତ ରେକର୍ଡ ଦ୍ୱିଶତକୀୟ ଭାଗୀଦାରି କରିଛନ୍ତି । ଉଭୟ ନବମ ଉଇକେଟରେ ଅବିଭାଜିତ ୨୩୪ ରନ୍ ଯୋଡିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଦିନର ଷ୍ଟମ୍ପସ୍ ସୁଦ୍ଧା ୮ ଉଇକେଟରେ ୪୯୩ ରନ୍ ସଂଗ୍ରହ କରିଛି । ରଣଜୀ ଟ୍ରଫି ଇତିହାସରେ ଏହା ନବମ ଉଇକେଟରେ ଚତୁର୍ଥ ସର୍ବାଧିକ ପାର୍ଟନରଶିପ୍ । ଏଏସ୍‌ଶ୍ରୀବାସ୍ତବ ଓ କପିଲ୍‌ସେଠ୍ ନବମ ଉଇକେଟରେ ୨୪୯ ରନ୍ ଯୋଡ଼ିବାର ରେକର୍ଡ ନିଜ ନାମରେ ରଖିଛନ୍ତି । ଶୁଭ୍ରାଂଶୁ ସେନାପତି ୨୭୭ ରନ୍‌ରେ ବ୍ୟାଟିଂ କରୁଥିବା ବେଳେ ହର୍ଷିତ ୬୦ ରନ୍‌ରେ ବ୍ୟାଟିଂ କରୁଛନ୍ତି ।

ପ୍ରଥମ ଦିନର ଅସମାପ୍ତ ୨୦୮/୬ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା । ୮୭ ରନ୍‌ରେ ଅପରାଜିତ ଥିବା ଶୁଭ୍ରାଂଶୁ ସେନାପତି ଦୃଢ଼ ଭାବରେ ଇନିଂସକୁ ଆଗେଇ ନେଇଥିଲେ । ଦଳୀୟ ସ୍କୋର ୨୫୩ରେ ସୂର୍ଯ୍ୟକାନ୍ତ ପ୍ରଧାନ ୨୬ ରନ୍ କରି ପ୍ୟାଭିଲିୟନ ଫେରିଥିଲେ । ପରବର୍ତ୍ତୀ ବ୍ୟାଟର ସୁନୀଲ ରାଉଳ ୧ ରନ୍ କରି ଆଉଟ ହେବା ପରେ ଶୁଭ୍ରାଂଶୁ ସେନାପତି ଓ ହର୍ଷିତ ରାଠୋଡ୍‌ଙ୍କ ମଧ୍ୟରେ ଏକ ଚମତ୍କାର ଭାଗୀଦାରି ଦେଖିବାକୁ ମିଳିଥିଲା । ଉଭୟ ପୂରା ଦିନ ବ୍ୟାଟିଂ କରିବା ସହିତ ନବମ ଉଇକେଟରେ ରେକର୍ଡ ୨୩୪ ରନ୍ ଯୋଡିଥିଲେ । ଶୁଭ୍ରାଂଶୁ ନିଜ ରଣଜୀ ଟ୍ରଫି କ୍ୟାରିୟରର ସପ୍ତମ ଶତକ ତଥା ପ୍ରଥମ ଦ୍ୱିଶତକ ହାସଲ କରିଥିଲେ । ୪୮୩ ବଲ୍‌ର ମାରାଥନ୍ ଇନିଂ